

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


✲ ଅଷ୍ଟମ ପୁଷ୍ପ ✲ ପ୍ରଥମ ପାଖୁଡ଼ା ✲ ଅଷ୍ଟାତ୍ରିଂଶତମ ସଂଖ୍ୟା ✲

ସଂପାଦକ : ଶ୍ରୀ କେଶବଦାସ ବୃନ୍ଦାବନ ।

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧


## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ


ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧



ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ଇନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ ।


ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ତ୍ୱ ସଂରକ୍ଷିତ ।


✲ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳି ✲

❊ କେଶବାବ୍ଦ : ପଞ୍ଚପଞ୍ଚାଶତ୍ ❊ ମର୍ତ୍ତ୍ୟାବତରଣ ମାସ ❊ କୁମାର ପୂର୍ଣ୍ଣିମା ❊

# ପ୍ରବେଶ ପରିଚିତି

❊ ଅଷ୍ଟମ ପୁଷ୍ପ ❊
ପ୍ରଥମ ପାଖୁଡ଼ା
ଅଷ୍ଟାତ୍ରିଂଶତମ ସଂଖ୍ୟା

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବେ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ବନ୍ଦନା : ପାଦ ବନ୍ଦନା | ୧ |
| **ସିଂହଦ୍ୱାର** | |
| ଲୀଳା ଭଜନ | ୨ |
| ଶରୀର ଭଜନ | ୩ |
| ଜଣାଣ | ୪ |
| **ମୁଖଶାଳା** | |
| ସଂପାଦକୀୟ | ୫ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୭ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୯ |
| ପୁରାଣ ପୃଷ୍ଠାରୁ : ଗଳ୍ପାଂଶ : ଶର୍ମିଷ୍ଠା–ଦେବଯାନୀ | ୧୦ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : 'ମୋହ' | ୧୩ |
| ଅଚ୍ୟୁତଙ୍କ କବିତାର ସଂକ୍ଷିପ୍ତ ବ୍ୟାଖ୍ୟା | ୧୭ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୯ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚବି : | ୨୨ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୨୫ |
| ଜିଜ୍ଞାସା : ଜିଜ୍ଞାସୁ : | ୨୯ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୨ |
| କଲ୍ୟାଣ ଦେଲି ତୋତେ | ୩୭ |
| କେଶବ କୈବଲ୍ୟ କଣିକା | ୩୯ |
| **ନୀଳଚକ୍ର** | |
| ଚରମର ସଙ୍କେତ : ଉତ୍ସବ ପରିଚିତି | ୪୧ |
| ଆଶ୍ରମ ସନ୍ଦେଶ | ୪୪ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

– ସଂପାଦକ, 'ଚରମ' ।।



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିର ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣ ସ୍ତମ୍ଭ



## ମଙ୍ଗଳାଚରଣ

ଅଦ୍ଭୁତ ଲୀଳାପ୍ରବରଂ ମନୋହରଂ
ନମସ୍କୃତଂ ଦେବଗଣୈଃ ପରଂବରମ୍ ।
ପରମଲୀଳାଭିଯୁତଂ ଭଜାମ୍ୟହଂ
ତ୍ରିଲୋକନାଥଂ ଶିରସା ନମାମ୍ୟହମ୍ ।।

## ପାଦ ବନ୍ଦନା

ଶ୍ରୀଗୁରୁ ପାଦକମଳ କରୁଛି ବନ୍ଦନ
ଭକତିରେ ଅରପୁଛି ସୁମନ ଚନ୍ଦନ ।
ଶ୍ରୀଗୁରୁ ପାଦକମଳେ ନେତ୍ର ଥାଉ ରହି
ଭବ କଳୁଷ ପଙ୍କରୁ କର ପ୍ରଭୁ ତ୍ରାହି ।
ଶ୍ରୀଗୁରୁ ପାଦକମଳ ଭକତର ଧ୍ୟାନ
ଅଖିଳ ଅମୀୟ ସୁଧା ଜୀବର ଜୀବନ ।
ଶ୍ରୀଗୁରୁ ପାଦକମଳ ଶରଣ ପଞ୍ଜର
ନାଶଇ କ୍ଷଣକେ ସଂସାରର ଭାରାଭାର

✿

ଶ୍ରୀଗୁରୁ ପାଦକମଳୁ ଅନୁଜ୍ଞା ଆଶିଷ
ଝରିଆସି ଯୋଗୀଜନ ମନକରେ ତୋଷ ।
ଶ୍ରୀଗୁରୁ ପାଦ କମଳୁ ଜ୍ଞାନାମୃତ ଝରି
ଭାବୁକ ପଣ୍ଡିତ ହୃଦ-ପଦ୍ମ ଦିଏ ଭରି ।
ଶ୍ରୀଗୁରୁ ପାଦକମଳ ଥଳ ଏ ସଂସାରେ
ଦୁଃଖେ ସୁଖେ ଶିଷ୍ୟ ସଦା ସୁମରଣ କରେ ।
ଶ୍ରୀଗୁରୁ ପାଦକମଳ ରସମୟ ସିନ୍ଧୁ
ଦୀନହୀନ ଅକିଞ୍ଚନ ଜନ ପ୍ରାଣ ବନ୍ଧୁ ।

ଶ୍ରୀଗୁରୁ ପାଦକମଳ ନୟନର ମଣି
ଯୁଗ ଅନ୍ତକାଳେ ଅବତରନ୍ତି ଧରଣୀ ।
ଶ୍ରୀଗୁରୁ ପାଦକମଳ କରେଯେ' ଭରସା
ଦୂରେ ଯାଏ କାଳ ଖଣ୍ଡିଯାଏ ଭବ ଦଶା ।
ଶ୍ରୀଗୁରୁ ପାଦକମଳ ଧରାରେ ଖେଳଇ
ଶତ ସହସ୍ର ଭକ୍ତଜନ ସେଠାଇଁ ମିଳଇ ।
ଶ୍ରୀଗୁରୁ ପାଦକମଳ ମୁକତି ପସରା
ବଦ୍ଧଜୀବ ଲୟରଖି କରିଛି ଆଶରା ।

✿

ଶ୍ରୀଗୁରୁ ପାଦକମଳ ଯୋଗପୀଠେ ଚଳେ
ଦୁଷ୍ଟ ବିନାଶି ଶୟଳେ ସନ୍ଥଜନ ପାଳେ ।
ଶ୍ରୀଗୁରୁ ପାଦକମଳ ନିରାଶ୍ରୀର ଆଶ୍ରା
ଭକତଜନ ପାଇଁକି ଧେନୁ ସଙ୍ଗେ ବତ୍ସା ।
ଶ୍ରୀଗୁରୁ ପାଦକମଳ କରୁଣା ଆକର
ଧନଜନ ଗୋପଲକ୍ଷ୍ମୀ ସକଳ ଅସାର ।
ଶ୍ରୀଗୁରୁ ପାଦକମଳୁ ଏହି ଆଜ୍ଞା ହେଉ
ଶ୍ରୀଗୁରୁ ପାଦକମଳ ଧ୍ୟାୟି ଜୀବଯାଉ ।

✿✿✿




## ଲୀଳା ଭଜନ

### ରାଗ : ଶଙ୍କରାଭରଣ

ତୁମେ ମୋର ଗୁରୁସ୍ୱାମୀ ଜଗତର ସ୍ୱାମୀ
ଖେଳୁଛ ସବୁ ଅନ୍ତରେ ହେ ଅନ୍ତରଯ୍ୟାମୀ
ବିଶ୍ୱ ଚରାଚରେ ପୂରି
ରହିଛ ସବୁଠି ନେତ୍ର ଉଢ଼ାଳେ ସବୁରି ।।

ଜୀବ ମନେ ଯେଉଁ ଭାବ ହୁଅଇ ସଂଚାର
ସେ ଭାବ ନେଇ ଖେଳୁଛ ତୁମେ ନିରନ୍ତର
ବୁଝିପାରେ ନାହିଁ ଜୀବ
ସୂକ୍ଷ୍ମରେ ତା'ମଧେ ଲୀଳା ରଚୁଛ କେଶବ ।।

ଜୀବଭାବେ ନିଜେ କର୍ତ୍ତା ମାୟାମୋହେ ଭ୍ରମି
ପାଦେ ପାଦେ ଜଗିଅଛ ତୁମେ ଗୁରୁସ୍ୱାମୀ
ପ୍ରଭୁ କରୁଣାସାଗର
ଡାଳି ଦେଉଛ ସତତ କରୁଣାର ଧାର ।।

ତୁମେ ଲୀଳାମୟ ତୁମ ଲୀଳାରେ ଆଦର
ତେଣୁ ଜୀବେ କରି ତୁମ ଲୀଳା ସହଚର
ଅହରହ ଜୀବ ସଙ୍ଗେ
ଅଗୋଚରେ ରଚୁଅଛ ଲୀଳା ନବରଙ୍ଗେ ।।

ହେ ପରମ ଜୀବସଦା ତୁମରି ଆଶ୍ରିତ
କେତେ ରଙ୍ଗେ କଉତୁକ କରୁଛ ନିରତ
ବୁଝି ଭକତର ମନ
କରୁଣା କଲ୍ୟାଣ ଦେଉଅଛ ପ୍ରାଣଧନ ।।

# ଶରୀର ଭଜନ

ତ୍ରିଗୁଣରେ ବ୍ରହ୍ମ ଅଗ୍ନି ଜଳୁଥିଲେ
ତ୍ରିବେଣୀରେ ଉଠେ ଜୁଆର
ତ୍ରିକୂଟ ସନ୍ଧିରେ ପ୍ରଳୟ ଲାଗିଲେ
ଅରୂପ ସ୍ୱରୂପେ ସବାର
ସୁଜନେ, ଶୂନ୍ୟମୟ ଜ୍ୟୋତି ପ୍ରକାଶ,
ଅରୂପ ସ୍ୱରୂପ ଚରମେ ଅମାପ ପରମରେ ଅବଶୋଷ ।।୧।।
ଶୂନ୍ୟରେ ଲହରୀ ଶୂନ୍ୟେ ଅବତରି
ମହାଶୂନ୍ୟେ ଶୂନ୍ୟରସ୍ଥାନ
ପୂର୍ଣ୍ଣ ବ୍ରହ୍ମମୟ ଊର୍ଦ୍ଧ୍ୱରେ ଉଦୟ
ଅଣାକାରେ ବିନ୍ଦୁ ଦର୍ଶନ
ସୁଜନେ, ଚିନ୍ତାରେ ଚେତାଇ ଚରମ,
ବାହୁଛି ପ୍ରଳୟ ତ୍ରିଗୁଣ ସ୍ୟନ୍ଦନ ପାଦପଦ୍ମେ ଦେଇ ଶରଣ ।।୨।।
ଆହ୍ଲାଦରେ ବ୍ରହ୍ମାନନ୍ଦ ପ୍ରାପ୍ତି ହେବ
ନିଗମ ଆନନ୍ଦ ମୁକୁନ୍ଦ
ଅକର୍ମରେ ବାସୁଦେବ ପ୍ରୀତହେଲେ
କରମେ ପରମ ଆନନ୍ଦ
ସୁଜନେ, ଭାବରେ ଭକତି ଟି ମିଶା,
ଅଭାବ ସଂକଟେ ତଣ୍ଟି କାଟିଦେବ ଚତୁରେ ଚାତୁରୀ ସେ ମୃଷା ।।୩।।
ତ୍ରିଗୁଣ କଟିଲେ ପ୍ରଳୟ ଛୁଟିଲେ
ଓଁକାର ଧ୍ୱନିଟି ସାହା
ହେଜରେ ମଜାଇ ମରମେ ଭିଜାଇ
କରମରେ ବାନ୍ଧି ତାହା
ସୁଜନେ, ସାଷ୍ଟାଙ୍ଗେ ଅଷ୍ଟାଙ୍ଗ ଯୋଗ,
ସୁଷୁମ୍ନାରେ ମୀନ ତରକି ଲେଉଟେ ଜୀବ ପରମର ଭୋଗ ।।୪।।

# ଜଣାଣ

କିସ ଜଣାଇବି ତୁମକୁ ନାଥହେ ତୁମେତ ସରବଜାଣ ।
ହୃଦୟରେ ମୋର ଆସି ବସୁଥିବ ରଖୁଛି ମୋ' ମଥାରାଣ ।।୦।।

କଥାଦେଇ କଥା ନରଖି ପାରିଲେ ଦେଉଥିଲ କିଆଁ କୁହ ।
ପାଖରେ ପାଇଲେ ମିଠା କଥା କହି କାହିଁକି ଦୂରେଇ ରୁହ ?
ବାଣୀନୁହେଁ ତୁମ ଅଧର ପୀୟୁଷ ମୋ ପାଇଁ ତିକ୍ଷ୍ଣ ବାଣ ।।୧।।

ବାଙ୍କ ଚାହାଁଣିରେ ମନମୋହିନେଇ ଶରଧାରେ ବାନ୍ଧିନିଅ ।
ପୀରତି ପାଶରେ ବାନ୍ଧି ଦେଇପୁଣି ଦୂରେଦୂରେ ଠେଲିଦିଅ ।।
ଏପରି ରସିକ ରସପସରା ମୋ ରସରେ ଭକତି ଛାଣ ।।୨।।

ପାଦତଳକୁ ତ ସରି ମୁଁ ନୁହଇ ପାଦରେଣୁକୁ ମୋ ଆଶା ।
ଅନ୍ତର ଖୋଲିବା କହିବି କେମିତି ତୁଣ୍ଡରେ ନାହିଁ ମୋ ଭାଷା ।।
ଅନ୍ତରେ ମୋ ପଶି ଯେବେ ନୁହଁ ଖୁସି ଭାଙ୍ଗି ଯାଉ ମୋର ଟାଣ ।।୩।।

କିଛି ମାଗି ନାହିଁ ମାଗୁନାହିଁ ନାଥ ନମାଗି ପାଉଛି ଯାହା ।
ନିଖିଳ ସଂସାରେ ତୁଣ୍ଡ ଖୋଲିମାଗି କିଏବା ପାଉଛି ତାହା ?
ବାଛି ବାଛି କଛି ମାଗୁଥିଲେ ନାଥ ପୁରନ୍ତା କି ଅବା ମାଣ ?? ।।୪।।

ଯୁଗ ଯୁଗ ପାଇଁ ତୁମ ଦାସ ହୋଇ ରହିବାକୁ ଚଳେ ମନ !
ମନ ଯା' ଲୋଡ଼ଇ ସତେକି ମିଳଇ କହିବଟି ମୋର ଧନ !!
ତୁମ ଗୁଣ ଗାଇ ଦିନ କାଟିବାକୁ ରସନା କର ରସାଣ ।।୫।।

# ମୁଖଶାଳା

## ସମ୍ପାଦକୀୟ

ନିର୍ବିକାର, ନିରାକାର, ନିରୁପାଧି, ଅନାମ, ଅବ୍ୟକ୍ତ ବ୍ରହ୍ମ ବ୍ୟକ୍ତ ହୋଇ ବ୍ୟକ୍ତିତ୍ୱ, ଉପାଧି, ନାମ, ଆକାର ଆଦି ଧାରଣ କରି ଧରାପୃଷ୍ଠରେ ସମାଜ ମଧ୍ୟରେ ମାନବ ମାନଙ୍କ ଗହଣରେ ନରନାରାୟଣ ରୂପରେ ଆବିର୍ଭୂତ ହୋଇ ଲୀଳା ପ୍ରକଟ କରିବା ପରେ ମୁନି, ଋଷି, ଯୋଗୀ, ତପସ୍ୱୀ, ଆର୍ତ୍ତୀ, ଅର୍ଥାର୍ଥୀ, ଜିଜ୍ଞାସୁ, ଜ୍ଞାନୀ ସକଳ ପର୍ଯ୍ୟାୟର ଭକ୍ତ, ଦାସ, ଶିଷ୍ୟ, ଅନୁଗତ ସମସ୍ତେ ତାଙ୍କୁ ନାନା ଉପାଧିରେ ଭୂଷଣ କରି ମନସାଧ ଚରିତାର୍ଥ କରନ୍ତି । ଭକ୍ତବନ୍ଧୁ, କରୁଣାସାଗର, କୃପାସିନ୍ଧୁ, ଲୀଳାମୟ ଆଦି କେତେକେତେ ବିଶେଷଣ ଓ ଉପାଧିରେ ଭୂଷିତ ହୁଅନ୍ତି ଠାକୁରେ । ହେଲେ, ସେ କ'ଣ ଏସବୁ ବିଶେଷଣ ବା ଉପାଧିର ଭେଳିକିରେ ଭୋଳା ହୋଇଯାଆନ୍ତି ?

ଧର୍ମ ପ୍ରଚାରକ, ତତ୍ତ୍ୱ ପ୍ରବଚକ ମାନେ ଗୀତାର ଶ୍ଳୋକ-ଉଚ୍ଚାରଣ କରି ବୁଝାଇ ଦିଅନ୍ତି : ଭଗବାନ ନିଜେ ବଚନ ଦେଇ ଶପଥ କରିଅଛନ୍ତି – ସାଧୁସନ୍ଥମାନଙ୍କୁ ଉଦ୍ଧାର କରିବା ପାଇଁ, ଦୁଷ୍ଟଜନ ମାନଙ୍କୁ ଦଣ୍ଡଦେଇ ଶାସନ କରିବା ପାଇଁ ଏବଂ ଧର୍ମ ସଂସ୍ଥାପନ ପାଇଁ ଆମେ ଯୁଗେ ଯୁଗେ ଧରାପୃଷ୍ଠରେ ଅବତୀର୍ଣ୍ଣ ହେଉଁ । ଏଥିରେ ଆମର ଲେଶ ମାତ୍ର ସନ୍ଦେହ ନାହିଁ । ଆମେ କିନ୍ତୁ ଏହି ଉକ୍ତିରେ ସଂପୂର୍ଣ୍ଣ ଏକମତ ହୋଇ ପାରୁନାହୁଁ ବୋଲି ଦୁଃଖର ସହିତ ପ୍ରକାଶ କରୁଛୁଁ । ଆମେ କହୁଛୁଁ, ସାଧୁସନ୍ଥଯୋଗୀ ତପସ୍ୱୀ ମାନଙ୍କର ତ ନିଜସ୍ୱ ଯୋଗଶକ୍ତି, ତପୋବଳ, ଧର୍ମବଳ ଆଦି ରହିଛି । ସେ ସବୁ ଦିବ୍ୟବଳ ବା ଶକ୍ତି ପ୍ରୟୋଗ କରି ସେମାନେ ନିଜ ନିଜକୁ ଅବଶ୍ୟ ସୁରକ୍ଷିତ କରି ରଖି ପାରିବେ, ପାରନ୍ତି ସେମାନେ । ଆମର ମତ ଠାକୁରେ କେବଳ ଏମାନଙ୍କ ପାଇଁ ଆସନ୍ତି ନାହିଁ କିମ୍ବା କେବଳ ଉପରୋକ୍ତ ତିନୋଟି କାର୍ଯ୍ୟ – (୧) ସନ୍ଥ ପାଳନ, (୨) ଦୁଷ୍ଟ ଶାସନ ଓ (୩) ଧର୍ମ ସ୍ଥାପନ ସଂପାଦନ ପାଇଁ ଧରାବତରଣ କରନ୍ତି ନାହିଁ । ତାଙ୍କର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ କାର୍ଯ୍ୟଟିଏ ରହିଛି, ତାହା ସେ ସ୍ୱମୁଖରେ ପ୍ରକାଶ ନକଲେ ମଧ୍ୟ ଆମେ ବିଚାରି ଦେଖିଛୁ, ସେ ସେହି ଦୁର୍ଲଭ କାର୍ଯ୍ୟଟିକୁ ଅତି ଚତୁରତାର ସହିତ ଅତ୍ୟନ୍ତ ଗୋପନ ଭାବରେ କରି ଚାଲିଥା'ନ୍ତି । ତାହା ହେଉଛି : ପତିତଜନ ଉଦ୍ଧାରଣ । ତେଣୁ ଆମ ମତରେ ତାଙ୍କର ସର୍ବଶ୍ରେଷ୍ଠ ଉପାଧି, ଶ୍ରେଷ୍ଠତମ ବିଶେଷଣ ଓ ସର୍ବୋତ୍ତମ ନାମ ହେଉଛି ପତିତପାବନ, ଦୀନବନ୍ଧୁ, ଦରିଦ୍ରସଖା, ଦୀନବାନ୍ଧବ ।

ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ର ଶବରୀ କୁଡ଼ିଆରେ ଅତିଥି ହୋଇ ଶବରୀର ଅଇଁଠା ଫଳ ଆହାର କରିଥିଲେ, ଦ୍ୱାରକାର ଅଧିପତି ଶ୍ରୀକୃଷ୍ଣଚନ୍ଦ୍ର ଦରିଦ୍ର ବ୍ରାହ୍ମଣ ଦାମୋଦର ଠାରୁ ଛିଣ୍ଡା କତରା ଗାମୁଛା କାନିରେ ବନ୍ଧା ହୋଇଥିବା ଖୁଦଭଜା ପରମ ଆଗ୍ରହରେ ଗ୍ରହଣ କରିଥିଲେ, ପୁଣି ବିଦୁର ପତ୍ନୀଙ୍କ ପ୍ରଦତ୍ତ କଦଳୀ ଚୋପା ପରମ ଆନନ୍ଦରେ ଭୋଜନ କରି ପରିତୃପ୍ତ ହୋଇଥିଲେ, ବିଦୁରଙ୍କ ଗୃହରେ ଅତିଥି ହୋଇ ଶାଗଭଜା ହାତଚାଟି ଖାଇଥିଲେ । ଏସବୁ ଭକ୍ତର ଭାବରସରେ ରସାଣିତ ଓ ରସାଳ ବୋଲି ସିନା ତାଙ୍କ ପାଇଁ ଅତ୍ୟନ୍ତ ସୁସ୍ୱାଦୁପୂର୍ଣ୍ଣ ହୋଇଥିଲା । ଜଗତମାତା ମହାଲକ୍ଷ୍ମୀଙ୍କ ଦ୍ୱାରା ପ୍ରସ୍ତୁତ ଓ ପରିବେଷିତ ସକଳପ୍ରକାର ସୁମିଷ୍ଟ ଓ ସ୍ୱାଦିଷ୍ଟ ଭୋଜନ ଅପେକ୍ଷା ତାହା ଅଧିକ ପ୍ରୀତିଭାଜନ ହୋଇଥିଲା । ସେହି ଜଗନ୍ମାତା ମହାଲକ୍ଷ୍ମୀ ଜଣେ ଅତ୍ୟନ୍ତ ସାଧାରଣ ସ୍ତ୍ରୀଲୋକ ଶ୍ରୀୟା ଚଣ୍ଡାଳୁଣୀର ଭାବ ଓ ପବିତ୍ରତାରେ ଆଗ୍ରହ ପ୍ରକାଶ କରି ଚଣ୍ଡାଳ ପଲ୍ଲୀରେ ଚଣ୍ଡାଳ ଗୃହରେ ଭାବଭକ୍ତିର ପୂଜା ଗ୍ରହଣ କରିବା ପାଇଁ ଶ୍ରୀମନ୍ଦିର ଛାଡ଼ି ମାର୍ଗଶୀର ଗୁରୁବାରରେ ଚଣ୍ଡାଳ ସାହିକୁ ଯାଇଥିଲେ । ଜଗତର ନାଥ ଜଗନ୍ନାଥ ଅତି ନଗଣ୍ୟ ଦାସିଆ ବାଉରୀ ହାତରୁ ନିଜେ ହାତ ବଢ଼ାଇ ସାମାନ୍ୟ ନଡ଼ିଆଟିଏ ପରମ ଆଗ୍ରହରେ ଗ୍ରହଣ କରି ନେଇଥିଲେ । ସେହି ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ ରତ୍ନ ସିଂହାସନରେ ଅଧିଷ୍ଠିତ ହୋଇ ବିଶ୍ୱବ୍ରହ୍ମାଣ୍ଡର

ସକଳ ମୁନି ଋଷି ଯୋଗୀ ତପସ୍ୱୀ ତଥା ସର୍ବ ଦେବଦେବୀଙ୍କର ଅଶେଷ ଧୂପଦୀପ ନୈବେଦ୍ୟ ଆରତ୍ରିକ ଭରା ପୂଜା ଉପଚାର ଗ୍ରହଣ କରିଥିଲେ ମଧ୍ୟ ବାଉରୀ ପୁଅ ଦାସିଆର ନଡ଼ିଆରେ ପରମପ୍ରୀତି ପ୍ରକାଶ କରିଥିଲେ । ଏହିଭଳି ସଂଖ୍ୟାତୀତ ଘଟଣା ଲୋକ ଲୋଚନର ଅନ୍ତରାଳରେ ସର୍ବଜନ ଅଗୋଚରରେ ନିତିପ୍ରତି ଘଟିଚାଲିଛି । ଏସବୁ ହିସାବ ରଖୁଛି କିଏ ? ବିଶ୍ୱର ଧର୍ମୀୟ ଧାରା ପ୍ରବାହରେ, ଆଧ୍ୟାତ୍ମିକ ଜୀବନ ଚର୍ଯ୍ୟା ମଧ୍ୟରେ, ସାଂସ୍କୃତିକ ଇତିହାସ ପୃଷ୍ଠାରେ ଏହା ରେଖାପାତ କରିନଥିଲେ ମଧ୍ୟ, ଏସବୁ ଘଟଣା ନଗଣ୍ୟ ନୁହେଁ, ବରଂ ଆମର ଦୃଢ଼ ମତରେ ଏହା ସର୍ବାଦୌ ଅଗ୍ରଗଣ୍ୟ ।

ଏସବୁ ଅସମ୍ଭବ ଘଟଣା ନୁହେଁ । ବରଂ ଅତ୍ୟନ୍ତ ସମ୍ଭବ । ଧାର୍ମିକତାର ପରିପ୍ରେକ୍ଷୀରେ ଭଗବାନ ସର୍ବକାଳରେ, ସର୍ବଯୁଗରେ, ସର୍ବସ୍ଥାନରେ ଓ ସର୍ବଜ୍ଞାନରେ ସାଧାରଣ, ନଗଣ୍ୟ, ହେୟ, ପତିତ, ଅବହେଳିତ, ଘୃଣ୍ୟ, ନୀଚ, ଦୀନ ଦରିଦ୍ରର ଭଗବାନ ରୂପେ ହିଁ ଗୃହୀତ । ସେ ଅବଶ୍ୟ ବିଶ୍ୱ ସମ୍ରାଟ ରାଜାଧିରାଜ ବେଶରେ ବିଦ୍ୟମାନ । ତଥାପି ସେ ଦୀନବାନ୍ଧବ, ସେହିତ ପତିତପାବନ । ଦୀନ, ହୀନ, ଅକିଞ୍ଚନ, ଜଡ଼, ମୂଢ଼, ପାମର, ଇତର, ମାମୁଲି, ସାମାନ୍ୟ, ଅତି ସାଧାରଣ, ସାଧାସିଧା ମାନଙ୍କର ସେ ସଖା, ବନ୍ଧୁ, ମାତା, ପିତା ସୁହୃଦ ହିଁ ଅଟନ୍ତି । ଭଗବାନ ଈଶ୍ୱର ପରଂବ୍ରହ୍ମ ପରମପୁରୁଷ ପରାତ୍ପର ବିଷ୍ଣୁଙ୍କର ଏହି ସବିଶେଷ ଗୁଣ ଧରି ଆଜି ଆମ ଗହଣରେ ବିରାଜମାନ କରିଅଛନ୍ତି ପ୍ରେମମୟ ଠାକୁରେ । ତାଙ୍କର ବେଶ ପୋଷାକ, ଆହାର, ପାନୀୟ, ଜୀବନଚର୍ଯ୍ୟାଦିରେ ନା ଅଛି ଆଡ଼ମ୍ବର ନା ଅଛି ବୈଶିଷ୍ଟ୍ୟ ? ଅଛି ନିଶ୍ଚୟ । ବୈଶିଷ୍ଟ୍ୟ ଅଛି । ସେହି ବୈଶିଷ୍ଟ୍ୟ ହେଉଛି ଦରିଦ୍ରଜନର ସଖା ପରି ସାଧାସିଧା ସାଧାରଣ ଚଳନି, ଅତି ସାଧାରଣ ଭାବଭଙ୍ଗୀ, ଅତ୍ୟନ୍ତ ସାଧାରଣ ଜୀବନଯାତ୍ରା ।

ଦୀନ କିଏ ? ନଗଣ୍ୟ କିଏ ? କିଏ ସାଧାରଣ ? ଏହି ସର୍ବ ସାଧାରଣ ? ଜଗତର ଚକ୍ଷୁରେ ତାହା ସତ୍ୟ ସାବ୍ୟସ୍ତ ହୋଇପାରେ । ମାତ୍ର ଠାକୁରଙ୍କ ଦୃଷ୍ଟିରେ ସେମାନେ କାହିଁକି ନଗଣ୍ୟ, ଇତର, ହେୟ, ଅସ୍ପୃଶ୍ୟ, ଦୀନ, ହୀନ, ଅକିଞ୍ଚନ ହେବେ ? ସାଧାରଣ ସାଧାସିଧା ହୋଇଥିବାରୁ ? ଜଗତର କୋଟି କୋଟି ବିଶିଷ୍ଟ ବ୍ୟକ୍ତିଙ୍କ ତୁଳନାରେ ସେମାନଙ୍କର ସ୍ୱାତନ୍ତ୍ର୍ୟ, ବିଶେଷତ୍ୱ, ଅସାଧାରଣତ୍ୱ, ଆଡ଼ମ୍ବର, ଧନଧାନ୍ୟ, ପଦପଦବୀ, ପୋଷାକପତ୍ର, ଭୂଷଣ ଆଭୂଷଣ, ପ୍ରତିପତ୍ତି ଇତ୍ୟାଦି ନଥିବା କାରଣରୁ ? ମାତ୍ର ଆମେ ଜାଣୁ, ଠାକୁରଙ୍କ ମତରେ ଭଗବଦ୍ ଚେତନାରେ ସାଧାରଣ, ଅସାଧାରଣ; କୁଳୀନ, ଅକୁଳୀନ; ସମ୍ଭ୍ରାନ୍ତ; ଇତର; ଜ୍ଞାନୀ; ଅଜ୍ଞାନ; ସ୍ପୃଶ୍ୟ, ଅସ୍ପୃଶ୍ୟ; ଧନୀ, ଦରିଦ୍ର ଇତ୍ୟାଦିର ଭେଦାଭେଦ ନିରର୍ଥକ ଓ ମୂଲ୍ୟହୀନ । ଏହା କେବଳ ଆମର ସାମାଜିକ ଚଳନୀର ଅନ୍ଧ ପରମ୍ପରା ମାତ୍ର । ଏହା ଅସରା, ଅଲୋଡ଼ା । ସାମାଜିକତାର ପଟ୍ଟଭୂମିରେ ତଥାକଥିତ ଅନ୍ତଃସାରହୀନ ଅସାଧାରଣ, ଅନନ୍ୟ ସାଧାରଣର ଚିନ୍ତନ ଭଗବତ ଚେତନାର ପରିପ୍ରେକ୍ଷୀରେ ଠାକୁରଙ୍କ ଦୃଷ୍ଟିରେ ସାଧାରଣ ବୋଲି ବିବେଚିତ । ଶ୍ରେଷ୍ଠତ୍ୱ, ଅସାଧାରଣତ୍ୱ, ଚମତ୍କାରିତା, ଲୋକପ୍ରସିଦ୍ଧି, ଆଭିଜାତ୍ୟ, ସମ୍ଭ୍ରାନ୍ତ ପଣିଆ, କୁଳୀନତା, ଜ୍ଞାନ, ବିଦ୍ୟା, ପ୍ରତିପତ୍ତି, ପ୍ରଭୁତ୍ୱ, ଧନସମ୍ପଦ, ଆଡ଼ମ୍ବର ଇତ୍ୟାଦିର ଫମ୍ପା ଆବାଜକୁ ଖାତିର ନକରି ଚିନ୍ତା ଓ ଚେତନା ରାଜ୍ୟରେ ଏକ ଅଭୂତପୂର୍ବ ବିପ୍ଳବ ଆଜି ସଂଘଟିତ ହେବାକୁ ଯାଉଛି । ଠାକୁରଙ୍କ ଭାବଧାରାରେ ଈଶ୍ୱରୀୟ ଚେତନାରେ ଆଜି ମୂଲ୍ୟବାନ ହୋଇ ଉଠିଛି ତଥାକଥିତ ମୂଲ୍ୟହୀନ, ନଗଣ୍ୟ, ସାଧାରଣ, ଦୀନ, ହୀନ, ଅକିଞ୍ଚନ । ତଥାକଥିତ ଅସାଧାରଣ, ଭି.ଆଇ.ପି, କୁଳୀନ, ପ୍ରତିପତ୍ତି ସମ୍ପନ୍ନ, ଧନଶାଳୀ, ବିତ୍ତଶାଳୀ, ପ୍ରଭୁପଣିଆର ଢଙ୍ଗ, ସର୍ବଶ୍ରେଷ୍ଠ ସମ୍ମାନାସ୍ପଦ ବ୍ୟକ୍ତିତ୍ୱର ଦର୍ପ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ସ୍ୱର୍ଣ୍ଣକ୍ଷେତ୍ରର ଗୋଡ଼ିବାଲି ସହିତ ମିଶ୍ରିତ ହୋଇ ଏକାକାର ହୋଇ ଯାଇଛି । ପ୍ରଭୁ ହିଁ ପତିତଜନର ଉଦ୍ଧାର କରି ପତିତପାବନ ନାମକୁ ସାର୍ଥକ କରି ତୋଳିଛନ୍ତି ।।

ସଂପାଦକ,
'ଚରମ'

ଶ୍ରୀ କେଶବ ସମର୍ପଣ ମସ୍ତୁ !!!
ଅଳମତି ବିସ୍ତରେଣ ! ଓମିତି ନମସ୍କାରାନ୍ତେ -
ବିନୀତ,
କେଶବ ଦାସ ।।

# 'ଚରମ' ର ଚିନ୍ତନ : ଏ ପାଖୁଡ଼ାରେ

## ଆତ୍ମା ତତ୍ତ୍ୱ

ମନ ଓ ତାହାର କାର୍ଯ୍ୟ, ଚିତ୍ତବୃତ୍ତି, ପଞ୍ଚକୋଷ, ମନର ଲକ୍ଷଣ, ଯୋଗ ସହିତ ମନର ସଂପର୍କ, ସ୍ଥୂଳ ଶରୀରର ଅନ୍ତଃକରଣ ଇତ୍ୟାଦି ଭୌତିକ ସ୍ତରରେ ମନର କାର୍ଯ୍ୟ ମାତ୍ର । ମନର ଅଭୌତିକ ସ୍ତରର କାର୍ଯ୍ୟ ପ୍ରସଙ୍ଗରେ ଆଲୋଚନା କରିବାର ଅର୍ଥ ହେଉଛି ଆତ୍ମତତ୍ତ୍ୱ ସମ୍ପର୍କରେ ସମ୍ୟକ ଜ୍ଞାନ ଅର୍ଜନ କରିବା ।

'ଯଃ ଅନାର୍ଭ ବ୍ୟାପ୍ନୋତି ସ ଆତ୍ମା' । ଅର୍ଥାତ୍ ବ୍ୟାପକ ସତ୍ତାର ନାମ ଆତ୍ମା । ପିଣ୍ଡ ବା ଶରୀର ଧାରଣ କରିଥିବା ଆତ୍ମାକୁ ଜୀବାତ୍ମା କୁହାଯାଏ । ଏହା ପ୍ରାଣାଦି ଇନ୍ଦ୍ରିୟଗଣଙ୍କ ସହ ଜୀବନ୍ତ – ଏହାପ୍ରାୟ ସମସ୍ତେ ଜାଣନ୍ତି । ତଥାକଥିତ ଭୌତିକ ବିଜ୍ଞାନ କେବଳ ମାତ୍ର ପ୍ରାଣବିଦ୍ୟା ପର୍ଯ୍ୟନ୍ତ ଗମନ କରି ସୀମିତ ରହିଯାଇଛି । ଅଧ୍ୟାତ୍ମ ବିଦ୍ୟା ସମ୍ବନ୍ଧରେ ଭୌତିକ ବିଜ୍ଞାନ ସନ୍ଦିହାନ ଓ ନୀରବ କହିଲେ, ଭୁଲ ହେବନାହିଁ । ମନସ୍ତର ଉପରକୁ ଭୌତିକ ବିଜ୍ଞାନ ଏପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ । କେବଳ ମାତ୍ର ଦର୍ଶନ ତତ୍ତ୍ୱ ମନସ୍ତର ଉର୍ଦ୍ଧ୍ୱକୁ ଗତିକରିପାରେ । ଆତ୍ମା ଭୌତିକ ଜ୍ଞାନ ସାଧନାଦିର ଉର୍ଦ୍ଧ୍ୱତର ସତ୍ତା । ଏହା ଭୌତିକବାଦ ବାହାରର ବିଭାଗ, କ୍ଷେତ୍ର ଓ ତତ୍ତ୍ୱ । ଆତ୍ମାତତ୍ତ୍ୱ ମନ, ବୁଦ୍ଧି ଇତ୍ୟାଦି ଅପେକ୍ଷା ଅତ୍ୟନ୍ତ ସୂକ୍ଷ୍ମତର ତତ୍ତ୍ୱ । ଆତ୍ମ ଅନୁଭବ ଇନ୍ଦ୍ରିୟଗ୍ରାହ୍ୟ ନୁହେଁ । ତେଣୁ ଇନ୍ଦ୍ରିୟଗଣଙ୍କ ଦ୍ୱାରା ଏହି ଜ୍ଞାନ ବା ଅନୁଭବ କରାଯାଇ ପାରେ ନାହିଁ । ଇନ୍ଦ୍ରିୟମାନଙ୍କର ସହାୟତାରେ ଯେଉଁ ଜ୍ଞାନ ଲାଭ କରାଯାଇଥାଏ, ସେ ଜ୍ଞାନର ଉର୍ଦ୍ଧ୍ୱକୁ ଆତ୍ମଜ୍ଞାନ ବା ଆତ୍ମ ଅନୁଭବ ରହିଯାଏ ।

ଅନେକେ କହିବାର ଆମେ ଶୁଣୁ – 'ଅମୃତ ପରି ସୁଆଦିଆ ଭୋଜନ' । ଠିକ୍ କଥା । ତେବେ ଅମୃତ କିପରି ସୁଆଦିଆ ? – ଏ ପ୍ରଶ୍ନ ପଚାରିଲେ ପ୍ରାୟ ଉତ୍ତର ମିଳେନା । ଅମୃତ ଗୁଡ଼ ପରି ସୁଆଦିଆ, ନା ଆମ୍ବପରି, ନା ଖଜୁର ପରି, ଅଙ୍ଗୁର ପରି, ମିଶ୍ରିପରି, ରସଗୋଲା ପରି ନା ଆଉ କାହାପରି ସୁଆଦିଆ ତାହା କେହି କହି ପାରନ୍ତି ନାହିଁ । ଅମୃତ ପ୍ରକୃତରେ ସେହି ଅମୃତ ପରି ସୁଆଦିଆ । ତା'ର ଅନ୍ୟ ତୁଳନା ସଚରାଚର ଜଗତରେ ନାହିଁ । ସେହିପରି ଆତ୍ମାକୁ ଆଖି, କାନ, ନାକ, ଜିହ୍ୱା, ତ୍ୱକ୍, ମନ, ବୁଦ୍ଧି, ଅହଂକାର, ଚିତ୍ତ, ଭୌତିକ ଜ୍ଞାନ ଆଦିଦ୍ୱାରା ଅନୁଭବ କରିହୁଏ ନାହିଁ ବା ଜାଣି ମଧ୍ୟ ହୁଏ ନାହିଁ । କେବଳ ନିଜର ଅନୁଭୂତି ବା ଆତ୍ମ ଅନୁଭୂତି ଦ୍ୱାରାହିଁ ଆତ୍ମାକୁ ଜାଣିହୁଏ, ଅନୁଭବ କରିହୁଏ । ତେଣୁ ଜଣେ ଅନ୍ୟଜଣକୁ ଆତ୍ମା ସମ୍ବନ୍ଧରେ ସନ୍ତୋଷଜନକ ଭାବରେ ବୁଝାଇ ପାରିବା ସମ୍ଭବ ହୁଏ ନାହିଁ । ସର୍ବଜନ ବିଦିତ ଗଳ୍ପଟିଏ ମନେ ପଡୁଥିବ । ଛଅଜଣ ଅନ୍ଧ ହାତୀ ଦେଖିବାକୁ ଗଲେ । ଦେଖିବା ପରେ ସେମାନଙ୍କୁ ହାତୀ କିପରି ପଚରାଗଲା । ଜଣେ କହିଲା ହାତୀ କାନ୍ଥପରି, ଅନ୍ୟ ଜଣେ କହିଲା ହାତୀ ଖମ୍ବ ପରି, କିଏ କହିଲା ସାପପରି, କିଏବା କହିଲା ଦଉଡ଼ି ପରି, ଜଣେ କହିଲା କୁଲାପରି । ସେହିପରି ଆତ୍ମଦର୍ଶନ ବା ଆତ୍ମଅନୁଭବ କରିଥିବା ବ୍ୟକ୍ତିମାନେ ଆତ୍ମାର ସ୍ୱରୂପ ସମ୍ବନ୍ଧରେ ଭିନ୍ନଭିନ୍ନ ମତ ଦେଇଥାଆନ୍ତି । 'ଯେ ପକ୍ଷୀ ଉଡେ ଯେତେଦୂର । ସେ ଜାଣେ ତାହାର ବେଭାର ।'

ଜୀବନର ଗତିପଥ ମୁଖ୍ୟତଃ ଦୁଇ ପ୍ରକାର – ଭୌତିକ ଜୀବନ ଓ ଆଧ୍ୟାତ୍ମିକ ଜୀବନ । ଭୌତିକ ଜୀବନ କେବଳ ମାତ୍ର ପଞ୍ଚଭୂତକୁ ନେଇ ପରିପୁଷ୍ଟ । କ୍ଷିତି, ଆପ, ତେଜ, ବାୟୁ ଓ ଆକାଶ । ଜମିବାଡ଼ି, ଗାଡ଼ି, କୋଠା, ଟଙ୍କା, ସୁନା, ପରିବାର, ପରିଜନ ଏହିପରି କେବଳ ମାତ୍ର ଦେହାତ୍ମବୋଧରେ ପରିବୃତ୍ତ ଅସାର ଭୌତିକ ଜୀବନ । ତଥାପି ଏ ସକଳ ମଧ୍ୟରେ ଆତ୍ମା ସ୍ୱରୂପ ଚେତନ ସତ୍ତା ସର୍ବଦା ଓ ସର୍ବଥା ବିରାଜିତ । ଜଡ଼ ପ୍ରକୃତିର ନିଜ ନିୟମରେ କ୍ରମଜ୍ଞାନ ଓ ଚେତନାର କାର୍ଯ୍ୟ କରିବାର କ୍ଷମତା ଆଦୌ ନାହିଁ । ବିଜ୍ଞାନ ପ୍ରମାଣ କରିଛି – ପ୍ରକୃତିର ପରମାଣୁ ଗୁଡ଼ିକରେ ସ୍ୱାଭାବିକ ଗତି ରହିଛି । ସତ୍ୟ, ମାତ୍ର ଏହି ଗତି ଯାନ୍ତ୍ରିକ ଅଟେ । ଏହା କଦାଚିତ୍ ଆତ୍ମିକ ହୋଇନପାରେ । ପ୍ରକୃତିକୁ ପରିଚାଳନା କରିବା ପାଇଁ ଯୋଗୀମାନେ ପ୍ରାକୃତ ଜଗତର ଉର୍ଦ୍ଧ୍ୱତର ଦେଶକୁ ଉଠି ସୂକ୍ଷ୍ମ ସତ୍ତାରେ ପ୍ରବେଶ କରିଥାଆନ୍ତି । ତେଣୁ ଆତ୍ମ ଅନୁଭବ ବା ଆତ୍ମ ଦର୍ଶନ ଏକ ଭ୍ରାନ୍ତ ଧାରଣା ହୋଇନପାରେ । ଏହାକୁ ଜଡ଼ ପ୍ରକୃତିତୁଲ୍ୟ ନିଶ୍ଚେଷ୍ଟ ବୋଲି ମଧ୍ୟ କୁହାଯାଇ ନପାରେ । ଚେତନା ସହିତ ଆତ୍ମାନନ୍ଦର ବାସ୍ତବ ଅନୁଭୂତି ହିଁ ପ୍ରକୃତରେ ଯୋଗର ଅନୁଭୂତି ଅଟେ । ଏହା ଯୋଗମାର୍ଗର ସୁଷୁପ୍ତି ଅବସ୍ଥାର ଅନୁଭୂତି ।

ଜାଗ୍ରତ ଅବସ୍ଥା ଅନ୍ତର୍ହିତ ହେଲେ ସ୍ୱପ୍ନାବସ୍ଥା ଉପନୀତ ହୁଏ । ସ୍ୱପ୍ନାବସ୍ଥାର ପରିସମାପ୍ତି ପରେ ହିଁ ସୁଷୁପ୍ତି ଅବସ୍ଥା ପହଞ୍ଚିଥାଏ । ଏହି ଅବସ୍ଥାର ଅନୁଭୂତି ସତ୍ୟ, ନିତ୍ୟ, ନୂତନ ଓ ଶାଶ୍ୱତ ।।

ଆତ୍ମା ପ୍ରସଙ୍ଗରେ ଆଲୋଚନା କାଳରେ 'ମୁଁ' ର ଅସ୍ତିତ୍ୱ ରହୁଛି । ମାତ୍ର ଆତ୍ମାର ଅନୁଭୂତି କାଳରେ 'ମୁଁ' ଓ 'ଆତ୍ମା' ଏକ ବିନ୍ଦୁରେ ଲୀନ ହୋଇ ଏକାକାର ହୋଇଯାଆନ୍ତି । ଗୋଟିଏ ବିନ୍ଦୁ ଜଳରେ ଆଉ ଗୋଟିଏ ବିନ୍ଦୁ ଜଳ ମିଶ୍ରଣ କଲେ, ସେହି ଏକ ବିନ୍ଦୁ ଜଳହିଁ ହୁଏ । କାରଣ ଉଭୟ ଜଳବିନ୍ଦୁ ନିଜ ନିଜର ଅସ୍ତିତ୍ୱ ଲୋପ କରିଦେଇ ଏକାକାର ଓ ଅଭିନ୍ନ ହୋଇ ଯାଆନ୍ତି । ଅନୁଭୂତି ବା ଦର୍ଶନଜ୍ଞାନ ଅନ୍ତେ 'ମୁଁ' ପୁନଶ୍ଚ ନିଜର ସତ୍ତା (ଭୌତିକତା) ମଧ୍ୟକୁ ଫେରିଆସେ । ସେତେବେଳେ ସେ ବିଚାରକରେ, ବୁଦ୍ଧି ଖଟାଏ, ପ୍ରବଚନ ଦିଏ, ତତ୍ତ୍ୱ ବଖାଣେ ମାତ୍ର ଆତ୍ମାନୁଭୂତି ଠାରୁ ଦୂରେଇ ରହିଥାଏ । ଯେଉଁ ଯୋଗୀମାନେ ସାଧନାସ୍ତର ମଧ୍ୟଦେଇ ଆତ୍ମ ସାକ୍ଷାତକାର କରିଅଛନ୍ତି, ସେମାନଙ୍କର ବାକ୍ୟ ମିଥ୍ୟାନୁହେଁ । ପ୍ରକୃତ ଆପ୍ତ ପୁରୁଷ ବା ଯୋଗନିଷ୍ଠ ବ୍ୟକ୍ତି ଅସତ୍ୟ, ମିଥ୍ୟା, ଛନ୍ଦ, କପଟ ଆଚରଣ କରି ସାଧାରଣ ଲୋକଙ୍କୁ କେଉଁ ସ୍ୱାର୍ଥ ସିଦ୍ଧି ପାଇଁ ଭଣ୍ଡିବେ ବା ଠକିବେ ? ଆପ୍ତ ପୁରୁଷଙ୍କ ବଚନକୁ ଆପ୍ତବାକ୍ୟ ବୋଲି ତତ୍ତ୍ୱଜ୍ଞାନ ପ୍ରସଙ୍ଗରେ ସର୍ବଦା ଗ୍ରହଣ କରାଯାଏ । ତାଙ୍କ ବାଣୀ ଅସତ୍ୟନୁହେଁ କିମ୍ବା କପଟତା ପୂର୍ଣ୍ଣ ନୁହେଁ ।।

ଆତ୍ମା ଭୌତିକ ଜଗତରେ ପ୍ରମାଣ ବିଷୟବସ୍ତୁ ନୁହେଁ । ଏହା ଅପ୍ରମେୟ । ସାଂଖ୍ୟ ଦର୍ଶନ ଶାସ୍ତ୍ରାନୁସାରେ 'ଈଶ୍ୱରାସିଦ୍ଧେଃ': ଈଶ୍ୱର ସାଧାରଣ ମାନସିକ କ୍ରିୟାକଳାପ ବା ପ୍ରମାଣ ଦ୍ୱାରା ସିଦ୍ଧ ହୋଇ ନପାରନ୍ତି । ଆତ୍ମା ମନ, ବୁଦ୍ଧି, ବିଚାର, ତର୍କ, ବିତଣ୍ଡାଦି ଠାରୁ ପୃଥକ୍ ଓ ବହୁଉର୍ଦ୍ଧ୍ୱରେ । ଆତ୍ମା ସେହିଠାରେ ହିଁ ଗୋପନରେ ଅବସ୍ଥାନ କରନ୍ତି ଯେଉଁଠାକୁ ଆମର ଯାନ୍ତ୍ରିକ ବିଦ୍ୟା କୌଶଳ, ଭୌତିକ ବିଚାରବୁଦ୍ଧି ଓ ସ୍ଥୂଳ ମନ ଯିବା ପାଇଁ ଆଦୌ କ୍ଷମ ବା ସମର୍ଥ ନୁହେଁ । ଏକଥା ଅବଶ୍ୟ ସତ୍ୟ ଯେ ଆତ୍ମା ସମ୍ବନ୍ଧରେ ଚର୍ଚ୍ଚା, ଆଲୋଚନା, ଯୁକ୍ତିତର୍କ ବା ପ୍ରବଚନ ଦ୍ୱାରା ଆମମାନଙ୍କର ଚିନ୍ତା ସ୍ରୋତ ସେହି ସତ୍ୟ,ନିତ୍ୟ, ନୂତନ ଓ ଶାଶ୍ୱତ ସ୍ୱରୂପ ଆତ୍ମାଙ୍କ ପ୍ରସଙ୍ଗରେ ନିୟୋଜିତ ହୋଇଥାଏ । ମାତ୍ର ସ୍ଥୂଳ ଆଚରଣ, ଧ୍ୟାନ, ଉପାସନା, ଆଲୋଚନା ବା ପ୍ରବଚନ ଦ୍ୱାରା ଆତ୍ମୋପଲବ୍ଧି ପାଇଁ କୌଣସି ଉନ୍ନତି ସମ୍ଭବ ହୁଏ ନାହିଁ । ଭୌତିକ ସ୍ଥୂଳତ୍ୱ ତ୍ୟାଗ କରିବାର କୌଶଳ ଓ ବିଦ୍ୟା ପ୍ରତ୍ୟକ୍ଷ ଗୁରୁଙ୍କର ଅପାର କୃପା, କରୁଣା, କଲ୍ୟାଣ ଓ ଆଶୀର୍ବାଦରୁ ହିଁ ପ୍ରାପ୍ତ ହୋଇଥାଏ ।

ଆତ୍ମା ହିଁ ମନର ଶକ୍ତି । ସେ ହିଁ ଚିତ୍ତର ମାତା । ସେ ମଧ୍ୟ ଜ୍ଞାନଦାତ୍ରୀ । ମନ ମଧ୍ୟରେ ପ୍ରବେଶ କରୁଥିବା ଗୁପ୍ତ ତତ୍ତ୍ୱଜ୍ଞାନର ଅଧିକାରୀ ସେହି ଆତ୍ମା । ସେ ବୁଦ୍ଧିର କେନ୍ଦ୍ରବିନ୍ଦୁ । ଆକାର ଆକୃତିର ଧାରକ, ପାଳକ ଓ ପୋଷକ । ଶରୀର ବା ଆକାର ତାଙ୍କର ପୋଷାକ ମାତ୍ର । ସେ ଅହଂକୃତି ବା ଅହଂକାରର ପରିପୋଷକ ଓ ପରିତୋଷକ । ସେ ବିନାଶଶୀଳ ଦେହରେ ଅମର ଶକ୍ତି । ସେ କଲ୍ୟାଣମୟୀ ଚିତ୍‌ଶକ୍ତିର ଅଜର ଜନକ । ଶରୀର ମଧ୍ୟରେ ସୂକ୍ଷ୍ମରେ ଓ ଗୋପନରେ ଅବସ୍ଥାନ କରି ସେ ହେଉଛନ୍ତି କର୍ତ୍ତା, ସୁଖଦୁଃଖର ଭୋକ୍ତା ଓ ଗ୍ରହଣ କର୍ତ୍ତା । ସେ ଅଜର, ଅମର, ଅବ୍ୟୟ, ଅକ୍ଷୟ, ଅକ୍ଷର ଓ ସନାତନ । ସେ ପରମାତ୍ମାଙ୍କର ଅଣୁଟିଏ ମାତ୍ର । ସେ ସହସ୍ରାଂଶୁଙ୍କର କେବଳ ରଶ୍ମିରେଖାଟିଏ । ସେ ସୂକ୍ଷ୍ମଶରୀର ସହିତ ଏକତ୍ର ଅବସ୍ଥାନ କରନ୍ତି । ଆତ୍ମା ପ୍ରାଣ ଶକ୍ତିକୁ ପ୍ରେରଣା ଦିଅନ୍ତି । ଶରୀର ମଧ୍ୟରେ ଓ ଶରୀର ବାହାରେ ଏହା ଚଳପ୍ରଚଳ ଓ ଆତଯାତ ହୋଇପାରନ୍ତି । ସେ ପ୍ରେମ ସ୍ୱରୂପା ସେ ଶରୀର ମଧ୍ୟରେ ରହି ଶରୀରର ତେଜ ପ୍ରକାଶ କରନ୍ତି । ସେ ପରିଚ୍ଛିନ୍ନ ଓ ସ୍ୱତନ୍ତ୍ର ହେଲେ ମଧ୍ୟ ପରମାତ୍ମାଙ୍କ ଠାରୁ ବିଚ୍ଛିନ୍ନ ନୁହନ୍ତି ବୋଲି ଜୀବ ପକ୍ଷରେ ସ୍ୱପ୍ନ, ସୁଷୁପ୍ତି, ତୁର୍ଯ୍ୟ, ସମାଧି, ମୋକ୍ଷ, ନିର୍ବାଣ ଓ ଚରମପ୍ରାପ୍ତି ସମ୍ଭବ ହୋଇପାରୁଛି ।

❋❋❋

କାକ ଡାକିଲାଣି –     କରାଳ ଆସୁଛି
କାଉ କୋଇଲିକୁ ଜଣା ।
କେବଳହୁଁ ବାବୁରେ,     ବୋଲ ମାନିଥିଲେ
ହେବୁନାହିଁ ବାଟବଣା ।।
।।ଅଧରପୀୟୁଷ ।।

ବାରହାତ ଶାଢ଼ୀ     ଫେରବୁଲାଉଛି
ତ୍ରିଭୁଜରେ ରଖି ଲୟ ।
ମାନ ସନମାନ     ଧନ ଜ୍ଞାନ ଜନ
ଛାଡ଼ି ଛଡ଼େ ହୁଅ ଥୟ ।।
।।ଅଧରପୀୟୁଷ ।।

# ଶ୍ରୀମନ୍ଦିର

**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !**

## : ଅଚ୍ୟୁତଙ୍କ ଲେଖନୀରୁ : ଶବ୍ଦବ୍ରହ୍ମ ସଂହିତାରୁ ଉଦ୍ଧୃତାଂଶ :

ଶୁଣସି ହୋ ମନ ଏଥିର ବାଣୀ ।
କର୍ମ ଆତ୍ମା ସେ ବ୍ରହ୍ମଜ୍ଞାନ ଜାଣି ।।
ଫୁଲକୁ ଲାଗି ଫଳ ଯେହ୍ନେ ବଢ଼େ ।
ଫଳ ବଢ଼ିଲେ ଫୁଲ ଝଡ଼ି ପଡ଼େ ।।
ତେସନ କର୍ମରୁ ଜ୍ଞାନ ପ୍ରକାଶ ।
ଜ୍ଞାନ ପ୍ରକାଶି କର୍ମ ଯାଇ ନାଶ ।।
ଗୁରୁ ଉପଦେଶ ଏ ପଦ ବନ୍ଧ ।
କର୍ମ ଅଭ୍ୟାସେ ନ ତୁଟଇ ବନ୍ଧ ।।
କର୍ମ ଅଭ୍ୟାସର ବିଧି ଯେମନ୍ତ ।
ଦୀପ ଦିହୁଡ଼ି ଜାଳିବା ଯେମନ୍ତ ।।
ସର୍ବ ସଂଯୋଗେଣ ଦୀପ ଜାଳିବା ।
ନିର୍ବାତ ମନ୍ଦିରେ ପ୍ରତିପାଳିବା ।।
ତଇଳ ବଳିତା ଅବଶେଷ ବୁଝି ।
ପୁଣ ପୁରାଇ ପୁଣ ଦେବା ତେଜି ।।
ଯତନ କଲେ ଅବରୋଧ ଥାଇ ।
ତାବତ ସେ ଦୀପ ନାଶ ନଯାଇ ।।

ତୁ ଅବା ବୋଲୁ ଜ୍ଞାନୀ ନିକଳଙ୍କା ।
ଆବର କାହିଁ ମରଣକୁ ଶଙ୍କା ।।
ଏ ମନ ଭାଳି ଭ୍ରାନ୍ତି କରୁ ଅବା ।
ଏଥକୁ ଶୁଣ ଦୃଷ୍ଟାନ୍ତର ଦେବା ।।
ଜ୍ଞାନର ସଙ୍ଗେ କାଳ ଯହୁଂ ଅଛି ।
ଜନ୍ମମରଣ ତେଣୁ କରି ଗଛି ।।
ବିବେକ ବଳେ କାଳ ଯେବେ ଖଣ୍ଡି ।
ଏହି ଶରୀର ଜ୍ଞାନ ଘେନି ମଣ୍ଡି ।।
ଧନ ଲୁବୁଧେ ବଣିଜର କଷ୍ଟି ।
କିଣିଲା ଦ୍ରବ୍ୟ ବିକଇ ପାଲଟି ।।
ତଥାପି ତାର ମୂଳ ପଣେ ଥାଇ ।
ପସରା ସୁଖେ ଲାଭ ତହୁଂ ପାଇ ।।
ଆନ ବଣିଜ ଧନ ଘେନି ଲାଭ ।
ଜ୍ଞାନ ବଣିଜ ନିଜ ଦେହେଂଭାବ ।।
ତୁ ମନ କର୍ମ ଜ୍ଞାନ ତେଜି ଭକ୍ତି ।
ଭାବକୁ ଧରିଲେ ପାଇବୁ ମୁକ୍ତି ।।

ଏହାର ଭାବାର୍ଥ 'ଚରମ'ର ପରବର୍ତ୍ତୀ ସଂଖ୍ୟାରେ ପତ୍ରସ୍ଥ ହେବ ।।



# ପୁରାଣ ପୃଷ୍ଠାରୁ ଗଳ୍ପଟି

## ଦେବଯାନୀ - ଶର୍ମିଷ୍ଠା

ଶୁକ୍ରାଚାର୍ଯ୍ୟଙ୍କ ଆଶ୍ରମରେ କଚଙ୍କର ବ୍ରତ ପୂର୍ଣ୍ଣ ହେବା ପରେ ଗୁରୁ ତାଙ୍କୁ ଦେବଲୋକକୁ ଫେରି ଯିବାପାଇଁ ଅନୁମତି ଦେଲେ । ତେଣୁ କଚ୍ ସ୍ୱର୍ଗପୁରକୁ ବାହୁଡ଼ି ଯିବାକୁ ପ୍ରସ୍ତୁତ ହେବାକୁ ଲାଗିଲେ । ତାହା ଦେଖି ଦେବଯାନୀ କଚ୍‌କୁ କହିଲେ - 'ହେ ଅଙ୍ଗିରା ପୌତ୍ର । ତୁମେ ଉତ୍ତମ କୁଳାଚାର, ବିଦ୍ୟା, ତପସ୍ୟା ତଥା ଇନ୍ଦ୍ରିୟ ସଂଯମତାରେ ଖୁବ୍ ଦକ୍ଷ । ମହର୍ଷି ଅଙ୍ଗିରା ଯେପରି ମୋ ପିତାଙ୍କର ମାନନୀୟ, ତୁମ ପିତା ବୃହସ୍ପତି ସେହିପରି ମୋର ମାନନୀୟ ଓ ପୂଜନୀୟ । ହେ ତପୋନିଷ୍ଠ ! ଏବେ ମୁଁ ଯାହା କହୁଛି, ତାହା ତୁମେ ବିଚାର କରି ଦେଖ । ତୁମେ ଯେତେବେଳେ ଏହି ଆଶ୍ରମକୁ ବ୍ରତ ପାଳନ କରିବାକୁ ଆସିଥିଲ, ସେତେବେଳେ ମୋର ତୁମ ପ୍ରତି ଯେଉଁ ବ୍ୟବହାର, ତାହା ଅବଶ୍ୟ ତୁମେ ଭୁଲିଯାଇ ନଥିବ । ଏବେ ତୁମେ ତୁମର ବ୍ରତ ସାଧନ କରି ପ୍ରାର୍ଥିତ ବିଦ୍ୟା ହାସଲ କରି ସଂପୂର୍ଣ୍ଣ ସିଦ୍ଧ । କିନ୍ତୁ, ମୁଁ ତୁମକୁ ଭଲପାଏ ଓ ପ୍ରେମକରେ । ଆଉ ତୁମେ ମଧ୍ୟ ମୋତେ ସ୍ୱୀକାର କର, ତେଣୁ ବୈଦିକ ମନ୍ତ୍ରୋଚାରଣ ପୂର୍ବକ ତୁମେ ମୋତେ ବିବାହ କର ।'

ଏହା ଶୁଣି କଚ୍ କହିଲେ - 'ଦେବଯାନୀ ! ତୁମ ପିତା ଶୁକ୍ରାଚାର୍ଯ୍ୟ ମୋର ପୂଜ୍ୟ ଓ ମାନନୀୟ । ତୁମେ ମଧ୍ୟ ଠିକ୍ ସେହିପରି ପୂଜନୀୟା ଗୁରୁକନ୍ୟା । ଭଦ୍ରେ ! ମହାତ୍ମା ଭାର୍ଗବଙ୍କର ତୁମେ ପ୍ରାଣଠାରୁ ପ୍ରିୟ । ଆଉ ଗୁରୁକନ୍ୟାହେତୁ ଧର୍ମ ଦୃଷ୍ଟିରୁ ମୋର ମାନନୀୟା ।'

ତାହା ଶୁଣି ଦେବଯାନୀ କହିଲେ - 'ହେ ଦ୍ୱିଜୋତ୍ତମ ! ତୁମେ ମୋର ପିତାଙ୍କର ଗୁରୁପୁତ୍ରଙ୍କର ପୁତ୍ର । ତେଣୁ ତୁମେ କେବଳ ମୋ ପିତାଙ୍କର ନୁହେଁ ମୋର ମଧ୍ୟ ପୂଜନୀୟ । ମନେ ପକାଇ ଦେଖ କଚ୍ ! ଅସୁରମାନେ ଯେତେବେଳେ ତୁମକୁ ବାରମ୍ବାର ଜୀବନରୁ ମାରି ଦେଉଥିଲେ, ସେତେବେଳେ ତୁମକୁ ବଞ୍ଚାଇବାକୁ ମୋର ପ୍ରେମ ହିଁ ମୋତେ ପ୍ରେରଣା ଦେଇ ଆସୁଥିଲା । ତୁମ ପ୍ରତି ସେହି ସମୟରୁ ମୋର ଯେଉଁ ନିବିଡ଼ ପ୍ରେମଭାବ ରହିଆସିଛି, ତାହା କ'ଣ ଆଜି ଆଉ ବଦଳିଯିବ ? ସୌହାର୍ଦ୍ଦ୍ୟ ଓ ଅନୁରାଗର ଆଚାର ଅନୁସାରେ ଭକ୍ତିର ପରିଚୟ ଆପେ ଆପେ ମିଳିଥାଏ । ତୁମେ ତ ଧର୍ମଜ୍ଞ । ମୁଁ ତୁମ ପ୍ରତି ପ୍ରେମଭକ୍ତି ରଖିଥିବା ଜଣେ ନିରପରାଧିନୀ ଅବଳା ବାଳିକା । ତୁମେ ମୋତେ ଗ୍ରହଣ ନକରି ତ୍ୟାଗ କରିବା ଅନୁଚିତ ।'

ବିଲକ୍ଷଣ କଚ୍ କହିଲେ - 'ଦେବଯାନୀ ! ମୁଁ କହୁଛି ତୁମେ ମୋ ପ୍ରତି ପ୍ରସନ୍ନ ହୁଅ । ଋଷି ଶୁକ୍ରାଚାର୍ଯ୍ୟଙ୍କ ଯୋଉ ଗର୍ଭରୁ ତୁମେ, ମୁଁ ମଧ୍ୟ ସେହି ଗର୍ଭରୁ ଉତ୍ପତ୍ତି ହୋଇଛି । ଏହି ଦୃଷ୍ଟିରୁ ତୁମେ ଓ ମୁଁ ଉଭୟେ ପରସ୍ପରର ଭାଇ ଭଉଣୀ ପରି । ଏହା ଧର୍ମ ସମ୍ମତ । ତେଣୁ ତୁମେ ଆଉ ଅନୀତି କଥା କୁହନା । ଗୁରୁଙ୍କର ଅନୁମତି ପାଇଁ ଏବେ ମୁଁ ସ୍ୱର୍ଗକୁ ଫେରିଯାଉଛି । ତେଣୁ ତୁମ ଠାରୁ ମଧ୍ୟ ମୁଁ ଅନୁମତି ଲୋଡୁଛି । ତୁମେ ମୋତେ ଆଶୀର୍ବାଦ କର, ଫେରିବା

ପଥରେ ମୋର ଯେପରି କିଛି ଅମଙ୍ଗଳ ନଘଟେ । ଧର୍ମତଃ ଅନୁକୂଳତା ରଖି କଥାଛଳରେ ମୋ କଥା ମନକୁ ଆଣିବ ନାହିଁ । ଆଉ ସବୁବେଳେ ସାବଧାନ ଓ ସଜାଗ ରହି ଗୁରୁଦେବଙ୍କ ସେବାରେ ମନୋନିବେଶ କରିଥିବ ।'

କଚ୍ଚ ମୁହଁରୁ ଏତାଦୃଶ ବାଣୀଶୁଣି ଦେବଯାନୀ କହିଲେ – 'ମୋ ପାଇଁ ତଥା ଧର୍ମାନୁକୂଳ କାମ ପାଇଁ ତୁମକୁ ପ୍ରାର୍ଥନା କରୁଛି, କଚ୍ଚ ! ଯଦି ତୁମେ ମୋ କଥାରେ ଅରାଜିହୋଇ ମୋତେ ଠକି ଦିଅ...ତା'ହେଲେ, ମନେରଖ, ତୁମର ଏହି ମୃତ ସଞ୍ଜିବନୀ ବିଦ୍ୟା କେବେହେଲେ ସିଦ୍ଧ ହେବ ନାହିଁ ।

ଦେବଯାନୀଙ୍କର କଥାଶୁଣି କଚ୍ଚ ସଙ୍ଗେ ସଙ୍ଗେ କହି ଉଠିଲେ – 'ଦେବଯାନୀ ! ତୁମକୁ ଗୁରୁକନ୍ୟା ବୋଲି ମୁଁ ଅନୁରୋଧ କରୁଥିଲି, ମାତ୍ର ତୁମର କୌଣସି ଦୋଷାଦୋଷ ଦେଖି ନୁହେଁ । ଏ ବିଷୟରେ ମଧ୍ୟ ଗୁରୁଙ୍କର ମୋ ପ୍ରତି କିଛି ଆଦେଶ ନାହିଁ । ତେଣୁ ତୁମର ଯେମିତି ଇଚ୍ଛା ସେମିତି ଅଭିଶାପ ତୁମେ ମୋତେ ଦେଇପାର । କିନ୍ତୁ, ମନେରଖ ଭଉଣୀ ! ମୁଁ ଧର୍ମର କଥା କହୁଛି । ତେଣୁ ମୁଁ ତୁମ ଠାରୁ ଅଭିଶାପ ପାଇବାର ଯୋଗ୍ୟ ନୁହେଁ । ତୁମେ ମୋତେ ଧର୍ମ ଅନୁସାରେ ନୁହେଁ, କାମୁକୀ ପ୍ରବୃତ୍ତିରେ କାମ ବିକାରର ବଶୀଭୂତା ହୋଇ ଅଭିଶାପ ଦେଇଛ । ତେଣୁ ମୁଁ କହୁଛି : ଏଥିପାଇଁ ତୁମର ମନକାମନା କେବେହେଲେ ପୂର୍ଣ୍ଣ ହେବ ନାହିଁ । କୌଣସି ଋଷିପୁତ୍ର ବା ବ୍ରାହ୍ମଣ କୁମାର କେହିହେଲେ ତୁମର ପାଣିଗ୍ରହଣ କରିବେ ନାହିଁ । ତୁମେ ମୋତେ କହିଛ ଯେ, ମୋର ମୃତସଞ୍ଜିବନୀ ବିଦ୍ୟା ସଫଳ ହେବନାହିଁ । ନହେଉ ମାତ୍ର ମୁଁ ଯାହାକୁ ଏ ବିଦ୍ୟା ଶିକ୍ଷାଦେବି ତା'ଦ୍ୱାରାତ ନିଶ୍ଚୟ ଏହା ସଫଳ ହେବ ।'

ବୃହସ୍ପତି ନନ୍ଦନ କଚ୍ଚ ଅତ୍ୟନ୍ତ ତୀବ୍ର କଣ୍ଠରେ ଏହିପରି ରୁକ୍ଷ କଥା କହି ଦେବଲୋକକୁ ଫେରିଗଲେ । କଚ୍ଚ ଦେବଲୋକକୁ ଯିବା ମାତ୍ରେ ଦେବତାମାନେ ତାକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଲେ । ତୁମେ ଆମ ପାଇଁ ଯେଉଁ ଅଦ୍ଭୁତ କର୍ମ କରିଛ ସେଥିପାଇଁ ତୁମକୁ ଯଜ୍ଞଭାଗ ପାଇବାକୁ ହେବ । କଚ୍ଚ ମୃତ ସଞ୍ଜିବନୀ ବିଦ୍ୟା ସିଦ୍ଧହୋଇ ଫେରିଆସିବା ଦ୍ୱାରା ଦେବତାମାନଙ୍କ ମନରେ ପ୍ରସନ୍ନତା ପ୍ରକାଶ ପାଏ । ସମସ୍ତେ ଯାଇ ଦେବରାଜ ଇନ୍ଦ୍ରକୁ କହିଲେ – 'ଦେବରାଜ ! ଏଥର ତୁମର ପରାକ୍ରମ ଦେଖାଇବାର ସୁବର୍ଣ୍ଣ ସୁଯୋଗ ଆସିଛି । ଆଉ ଭୟ କ'ଣ ? ଏଥର ନିର୍ବିଘ୍ନରେ ଶତ୍ରୁ ସଂହାର କରନ୍ତୁ ।'

ଦେବଗଣଙ୍କ ମୁହଁରୁ ଏହାଶୁଣି ଦେବରାଜ ଇନ୍ଦ୍ର ସ୍ୱୀକୃତି ଦେଇ ମର୍ତ୍ତ୍ୟ ଭ୍ରମଣରେ ଆସିଲେ । ଗୋଟିଏ ବଣରେ ଯୁବତୀକନ୍ୟାମାନେ ଏକ ସୁନ୍ଦର ପୁଷ୍କରିଣୀରେ ଜଳକ୍ରୀଡ଼ା କରୁଥିବାର ସେ ଦେଖିଲେ । ବଣଟି ସ୍ୱର୍ଗର ନନ୍ଦନକାନନ ତୁଲ୍ୟ ସୁନ୍ଦର । କନ୍ୟାମାନେ ସ୍ୱର୍ଗପୁରୀର ଅପସରୀଙ୍କ ପରି ଅତ୍ୟନ୍ତ ସୁନ୍ଦରୀ । ସେମାନେ ନିଜ ନିଜର ପିନ୍ଧାଲୁଗା ସବୁ କୂଳରେ ରଖିଦେଇ ସଂପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ଜଳକ୍ରିଡ଼ା କରୁଥାଆନ୍ତି । ଇନ୍ଦ୍ର ବାୟୁରୂପ ଧରି ସେମାନଙ୍କ ଲୁଗାଗୁଡ଼ିକୁ ଉଡ଼େଇନେଇ ଏକାଠି ମିଶାଇ ଥୋଇଦେଲେ । ଇନ୍ଦ୍ର ଗୋପନରେ ରହି ଉଲଗ୍ନା ଯୁବତୀକନ୍ୟାମାନଙ୍କର ଜଳକ୍ରୀଡ଼ା ଦୃଶ୍ୟ ପ୍ରାଣଭରି ଉପଭୋଗ କରିବାକୁ ଲାଗିଲେ । ଜଳକ୍ରୀଡ଼ା ପରେ ଯୁବତୀକନ୍ୟା ମାନେ ଉଲଗ୍ନ ଅବସ୍ଥାରେ କୂଳକୁ ଆସି ନିଜନିଜର ବସ୍ତ୍ର ଚିହ୍ନି ପିନ୍ଧିବାକୁ ଡ଼େରି ହେଉଥାଏ । ତଥାପି ସେମାନେ ନିଜ ନିଜର ବସ୍ତ୍ର ଚିହ୍ନି ପିନ୍ଧିବାକୁ ଚେଷ୍ଟା କରୁଥାଆନ୍ତି । ଦୈବଯୋଗକୁ ଏହା ମଧ୍ୟରେ ଦୈତ୍ୟପତି ବୃଷପର୍ବାଙ୍କର କନ୍ୟା ଶର୍ମିଷ୍ଠା ଭୁଲବଶତଃ ଦୈତଗୁରୁ ଶୁକ୍ରାଚାର୍ଯ୍ୟଙ୍କର କନ୍ୟା ଦେବଯାନୀର ବସ୍ତ୍ର ନେଇ ପିନ୍ଧି ସାରିଥାଏ । ଏପରି ଭୁଲ ହେବାର କାରଣ ହେଉଛି ଶର୍ମିଷ୍ଠା ଓ ଦେବଯାନୀ ଉଭୟଙ୍କର ବସ୍ତ୍ର ପ୍ରାୟ ଏକାପରି ସମାନ । ଏହି ଭୁଲ ଟିକକୁ କେନ୍ଦ୍ରକରି ଦେବଯାନୀ ଓ ଶର୍ମିଷ୍ଠାଙ୍କ ମଧ୍ୟରେ ପରସ୍ପର ପ୍ରତି ଦୃଢ଼ ବିରୋଧ ଦେଖାଗଲା । ଇନ୍ଦ୍ର ଇତିମଧ୍ୟରେ ନିଜବାଟରେ ଚାଲିଗଲେ ।

ପ୍ରଥମେ ଦେବଯାନୀ ଶର୍ମିଷ୍ଠାକୁ ଆକ୍ଷେପ କରି କହିଲେ – 'ହେ ଦାନବ କନ୍ୟା ! ମୋର ଶିଷ୍ୟା ହୋଇ ତୁ ମୋର ବସ୍ତ୍ର ନେଇ ପିନ୍ଧିଲୁ କିପରି ? ମୁଁ ଦେଖୁଛି, ତୁ ଶିଷ୍ଟାଚାର ଶିଖିନୁ, ସଦାଚାର ଜାଣିନୁ । ତେଣୁ ମୁଁ କହୁଛି : ତୋର କେବେହେଲେ ମଙ୍ଗଳ ହେବ ନାହିଁ ।

ତହୁଁ ଶର୍ମିଷ୍ଠା ପ୍ରତ୍ୟୁତ୍ତର ଦେଇ କହିଲେ – 'ଆରେ ! ମୋର ପିତା ସିଂହାସନରେ ବସିଥିବା ବେଳେ ତୋ ପିତା ବିନୟୀ ସେବକଙ୍କ ପରି ତଳେ ଛିଡ଼ା ହୋଇ ବନ୍ଦୀଙ୍କ ସଙ୍ଗରେ ମିଶି ମୋ ପିତାଙ୍କର ବନ୍ଦନା ଗାନ କରନ୍ତି । ତୁ

ଭିକାରୀ କନ୍ୟା । ତୋ ପିତା ଯାହାଙ୍କ ସ୍ତୁତି କରନ୍ତି, ଯାହାଙ୍କଠାରୁ ଦାନ ନିଅନ୍ତି; ମୁଁ ସେହି ଦୈତ୍ୟପତି ବୃଷପର୍ବାଙ୍କର କନ୍ୟା । ଲୋ ଭିକ୍ଷୁକୀ ! ତୁ ପେଟଭୋକ ମାରି ପିଠିରେ ମିଶେଇଛୁ । ଭୋକ ଉପାସରେ କାନ୍ଦିକାନ୍ଦି ଧୂଳିରେ ଗଡ଼ିଛୁ । ତା'ର ଠିକ୍ ଠିକଣା ନାହିଁ । ସହଜେତ ତୋର ଖାଲି ହାତ । ସେଥିରେ ପୁଣି ତୋଡ଼ ଦେଖାଉଛୁ ? ମନେରଖ, ଯଦି ପୁଣି ତୁ ମୋ ପ୍ରତି କିଛି କଟୁଭାଷା କହୁ, ତେବେ ଦାସୀମାନଙ୍କୁ ଲଗାଇ ତୋତେ ଏଠାରୁ ତଡ଼ି ଦେବି ।'

ଏହା ଶୁଣି ଦେବଯାନୀ କିଛି ନକହି ସେହିପରି ଉଲଗ୍ନା ଅବସ୍ଥାରେ ଶର୍ମିଷ୍ଠା ପିନ୍ଧିଥିବା ଶାଢ଼ୀକୁ ଝିଙ୍କିବାକୁ ଲାଗିଲେ । ତହୁଁ ଶର୍ମିଷ୍ଠା କ୍ରୁଦ୍ଧା ହୋଇ ଉଠିଲେ ଓ ସଖୀମାନଙ୍କର ସହଯୋଗରେ ଦେବଯାନୀକୁ ଧକ୍କା ଦେଇ ନିକଟସ୍ଥ ଗୋଟିଏ ଭଙ୍ଗା କୁଅ ଭିତରକୁ ଠେଲି ପକାଇଦେଇ ଦର୍ପ ଓ ଗର୍ବର ସହିତ ରାଜପୁରୀକୁ ଫେରିଗଲେ । ଦେବଯାନୀ ନିଜର କର୍ମକଷଣ ଭୋଗିବାକୁ ଉଲଗ୍ନ ଅବସ୍ଥାରେ ଅସହାୟା ହୋଇ କୂଅଭିତରେ ପଡ଼ିଥାନ୍ତି । ଗ୍ରୀଷ୍ମକାଳ ହେତୁ କୂଅରେ ଅବଶ୍ୟ ଜଳ ନଥିଲା ।

ଦୈବଯୋଗରୁ ନହୁଷନନ୍ଦନ ଯଯାତି ସେହି ବଣକୁ ଶିକାର କରିବାକୁ ଆସିଥାନ୍ତି । ତାଙ୍କର ରଥଅଶ୍ୱମାନେ କ୍ଳାନ୍ତହୋଇ ପଡ଼ିବାରୁ ସେ ରଥରୁ ଓହ୍ଲାଇ ଗୋଟିଏ ପଶୁ ଶିକାର ଲକ୍ଷ୍ୟରେ ଦୌଡ଼ିଦୌଡ଼ି ଆତୁରହୋଇ ପାଣି ପିଇବା ଆଶାରେ ସେହି ଭଙ୍ଗାକୂଅ ପାଖକୁ ଆସନ୍ତି । ଅଗଭୀର କୂଅ । ମଧ୍ୟାହ୍ନ ସମୟ । କୂଅ ମଧ୍ୟକୁ ଲକ୍ଷ୍ୟ କରି ସେ କୂଅଭିତରେ ଅଗ୍ନିଶିଖା ସଦୃଶା ତେଜମୟୀ କନ୍ୟାଟିକୁ ଦେଖନ୍ତି । କନ୍ୟାଟି ସତେ ଯେପରି ଦେବାଙ୍ଗନା, ଅନିନ୍ଦ୍ୟ ସୁନ୍ଦରୀ । ଯଯାତି କନ୍ୟାଟିକୁ ପଚାରିଲେ : 'ତୁମେ କିଏ ? ତୁମେ ତ ଯୁବତୀ, ପୁଣି ସୁନ୍ଦରୀ । ତେବେ ତୁମେ ଏ କୂଅଭିତରକୁ ଆସିଲ କିପରି ? ସତକୁହ, ତୁମେ କାହାର କନ୍ୟା ? କୂଅଭିତରୁ ଉଲଗ୍ନା ଦେବଯାନୀ ଉତ୍ତର ଦେଲେ – 'ଦେବାସୁର ଯୁଦ୍ଧରେ ମୃତ ଅସୁରମାନଙ୍କୁ ଯିଏ ପୁନର୍ଜୀବିତ କରୁଥିଲେ, ସେହି ଦୈତଗୁରୁ ଋଷି ଶୁକ୍ରାଚାର୍ଯ୍ୟଙ୍କର କନ୍ୟା ମୁଁ । ନାମ ମୋର ଦେବଯାନୀ । ଆଉ ଏ ଦୂରାବସ୍ଥାର କାହିଁକି ସମ୍ମୁଖୀନା ହୋଇଛି ? ତା' ଅବଶ୍ୟ କହିବି । ତେବେ ଆପଣ କିଏ ? ଏଠାକୁ ଆସିବାର ଆପଣଙ୍କ ଉଦ୍ଦେଶ୍ୟ କ'ଣ ?' ଯଯାତି କହିଲେ – 'ଭଦ୍ରେ ! ମୁଁ ରାଜା ନହୁଷଙ୍କର ପୁତ୍ର ଯଯାତି । ଶିକାର ପଛରେ ଦୌଡ଼ି ଦୌଡ଼ି କ୍ଳାନ୍ତ ଓ ତୃଷିତ ହୋଇ ଜଳପାନ ପାଇଁ ଏଠାକୁ ଆସି ମୁଁ ତୁମକୁ ଭେଟିଛି ।' ଦେବଯାନୀ କହିଲେ – 'ମହାରାଜ ! ଆପଣ ମୋତେ ଏ କୂପରୁ ଉଦ୍ଧାର କରନ୍ତୁ । ମୁଁ ଜାଣୁଛି ଆପଣ ପରମ ଶାନ୍ତ ସ୍ୱଭାବ ବିଶିଷ୍ଟ ମହାତ୍ମା ଓ ମହାପରାକ୍ରମୀ ଯଶସ୍ୱୀ ବୀର । ଏହି ଅସହାୟା ଅବଳାକୁ ଆପଣ ଉଦ୍ଧାର କରନ୍ତୁ ।

ରାଜା ଯଯାତି ଦେବଯାନୀଙ୍କୁ ବ୍ରାହ୍ମଣ କନ୍ୟା ଜାଣି ସେହି ଭଙ୍ଗାକୂଅ ଭିତରୁ ତା'ର ଡାହାଣ ହାତ ଧରି ବାହାରକୁ ଆଣି ନିଜ ଉତ୍ତରୀୟ ଦେଇ ତାଙ୍କର ଲଜ୍ଜା ନିବାରଣ କଲେ । ଏହାପରେ ଯଯାତି କହିଲେ – 'ଭଦ୍ରେ ! ଏଥର ତୁମର ଯୁଆଡ଼େ ଇଚ୍ଛା ତୁମେ ଯାଇପାର । ତୁମର ଆଉ କିଛି ଭୟ ନାହିଁ । ମାତ୍ର ଦେବଯାନୀ ତତ୍‌କ୍ଷଣାତ୍ କହିଲେ – 'ହେ ରାଜା ! ମୋତେ ଆପଣ ଆପଣଙ୍କ ସହିତନେଇ ଚାଲନ୍ତୁ । କାହିଁକି ନା ଆପଣ ମୋ ପ୍ରିୟତମ । ଯେହେତୁ ଆପଣ ମୋର ଡାହାଣ ହାତ ଧରିଛନ୍ତି । ତେଣୁ ଆପଣ ମୋର ସ୍ୱାମୀ ହୋଇ ସାରିଛନ୍ତି ।' ଯଯାତି ନମ୍ରତାର ସହିତ କହିଲେ – 'ଭଦ୍ରେ ! ମୁଁ କ୍ଷତ୍ରିୟ । ସହଜେ ତୁମେ ବ୍ରାହ୍ମଣ କନ୍ୟା । ତେଣୁ ମୋ ସହିତ ତୁମର ସମାଗମ ଅସମ୍ଭବ । ଶୁଣ କଲ୍ୟାଣୀ ! ଋଷି ଶୁକ୍ରାଚାର୍ଯ୍ୟ ଏ ଜଗତର ଗୁରୁ । ତୁମେ ତାଙ୍କର କନ୍ୟା । ତେଣୁ ତାଙ୍କୁ ମୋର ମହାଭୟ । ମୁଁ ଠିକ୍ ଜାଣୁଛି, ତୁମେ ମୋପରି ତୁଚ୍ଛ ପୁରୁଷର ଯୋଗ୍ୟା ନୁହଁ ' ଦେବଯାନୀ କହିଲେ – 'ହେ ନରେଶ୍ୱର ! ଯଦି ଆପଣ ମୋ କଥା ଅନୁସାରେ ମୋତେ ଆପଣଙ୍କ ସଙ୍ଗରେ ନେଇ ନଯାଆନ୍ତି, ମୁଁ ମୋ ପିତାଙ୍କୁ କହି ତାଙ୍କରି ଦ୍ୱାରା ଆପଣଙ୍କୁ ହିଁ ବରଣ କରିବି । ସେତେବେଳେ ଆପଣ ମୋତେ ଯୋଗ୍ୟା ମନେକରି ପୁଣି ସଙ୍ଗରେ ନେଇଯିବେ ।'

ତଦନ୍ତେ ସୁନ୍ଦରୀ ଯୁବତୀ ଦେବଯାନୀଠାରୁ ବିଦାୟ ନେଇ ରାଜା ଯଯାତି ରାଜପୁରୀକୁ ଫେରିଗଲେ । ଯଯାତି ଚାଲିଯିବାପରେ ସତୀ ସାଧ୍ୱୀ ଦେବଯାନୀ ଆର୍ତ୍ତ କଣ୍ଠରେ କାନ୍ଦି ଉଠିଲେ ଓ ଗୋଟିଏ ବୃକ୍ଷକୁ ଆଉଜି ଛିଡ଼ାହୋଇ ରହିଲେ ।।

**(ଏହିଗଳ୍ପାଂଶର ତାତ୍ତ୍ୱିକ ମିମାଂସା ଚରମର ୩୯ଶ ସଂଖ୍ୟାରେ ପ୍ରକାଶ ହେବ ।)**

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ



ସ୍ବରୂପଯୁକ୍ତ ଏବଂ ଅନୁଭବ ସାପେକ୍ଷ ବ୍ୟକ୍ତି, ବସ୍ତୁ, ପରିବେଶ ଓ ଘଟଣା ପ୍ରତି ସଂଜାତ ପ୍ରଗାଢ଼ ଆସକ୍ତି ହିଁ ମୋହ । ମୋହ ସୃଷ୍ଟିରେ ମାୟାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତତୋଽଧିକ ଗୁରୁତ୍ୱପୂର୍ଣ୍ଣ ଜୀବପିଣ୍ଡସ୍ଥ କୋଷ ଓ ସ୍ନାୟୁ ଗ୍ରନ୍ଥି ସକଳ । କୋଷ ଓ ସ୍ନାୟୁ ସମୂହରୁ ଇନ୍ଦ୍ରିୟ ପରାୟଣତା ସୃଜନକାରୀ ଅଣୁ ଓ ରସ ମୋହ ସୃଷ୍ଟିରେ ନିର୍ବାହ କରୁଥିବା ଭୂମିକା କୌଣସି ଗୁଣରେ ମଧ୍ୟ ନ୍ୟୂନ ନୁହେଁ । ମନ ଏକମୁଖୀ ନହେଲେ, ଏସବୁର ତୀବ୍ର ଆକର୍ଷଣକୁ ଏଡ଼ାଇ ପାରେନା ।

ପରମ ପ୍ରେମମୟ ଠାକୁରଙ୍କର କରୁଣା ଓ କଲ୍ୟାଣରୁ ଲୋକଶିକ୍ଷା ଓ ଆଧ୍ୟାତ୍ମିକ ବିଦ୍ୟାର ପ୍ରସାର ନିମନ୍ତେ ''ଚରମ''ର ସୁଧୀ ପାଠକ ପାଠିକାମାନଙ୍କୁ ଆମର ଏଥରର ନିୟମିତ ଦିବ୍ୟ ଉପହାର –

**'ଚରମ' : ସପ୍ତମ ପୁଷ୍ପ : ଷଷ୍ଠ ପାଖୁଡ଼ା : ସପ୍ତତ୍ରିଂଶତମ (୩୭ଶ) ସଂଖ୍ୟାର ଅନୁସୃତିରୁ :**

## କାରଣ ସାତ୍ତ୍ୱିକ ମୋହ

ତତ୍ତ୍ୱ ସାତ୍ତ୍ୱିକ ମୋହ ପ୍ରସଙ୍ଗରେ ଆଲୋଚନାର ଅନୁସୃତି ରକ୍ଷାକରି ପରମ ପୁରୁଷ ଠାକୁରେ ଧାରାବାହିକ ଭାବରେ କ୍ରମପର୍ଯ୍ୟାୟରେ ତତ୍ତ୍ୱର ନିଗମ ପ୍ରଦେଶରୁ ନିଗୂଢ଼ ଜ୍ଞାନଧାରା ଦେଇ ଜିଜ୍ଞାସୁ ଶିଷ୍ୟର ସକଳ ସଂଶୟର ସମାଧାନ କରିଚାଲିଛନ୍ତି । ତତ୍ତ୍ୱସାତ୍ତ୍ୱିକ ମୋହର ପ୍ରଥମ ବିଭାଗ: ସୂକ୍ଷ୍ମ ସାତ୍ତ୍ୱିକ ମୋହ ବିଷୟରେ ସଦୃଷ୍ଟାନ୍ତ ପୁଙ୍ଖାନୁପୁଙ୍ଖ ଆଲୋଚନା ଶେଷରେ ଏହି ମୋହର ଦ୍ୱିତୀୟ ବିଭାଗ : କାରଣ-ସାତ୍ତ୍ୱିକ ମୋହ ସମ୍ବନ୍ଧରେ ବ୍ୟାଖ୍ୟା କରି ହସି ହସି କହନ୍ତି ;

### ଶ୍ରୀଗୁରୁସ୍ୱାମୀ ଉବାଚ :

ଶୁଣ ହୋ ବତ୍ସ ! ଧୂରନ୍ଧର । କାରଣସାତ୍ତ୍ୱିକ ବେଭାର ॥
ପ୍ରାଥମିକତା କହିଅଛି । ନିଗମ ତତ୍ତ୍ୱ ବଖାଣୁଛି ॥
ସୃଷ୍ଟିର ଆବଶ୍ୟକ ମତେ । ଜ୍ଞାନାଦି ତତ୍ତ୍ୱ ଯେତେ ଯେତେ ॥
ଏ ମୋହ ଦ୍ୱାରା ଆସିଥାଇ । ଜୀବଗଣର ହିତ ପାଇଁ ॥
ବୈଷ୍ଣବୀ ମାୟା ସାହା ହୋଇ । ପରଂବ୍ରହ୍ମଙ୍କ ଆଜ୍ଞାପାଇ ॥
ଜନନୀ ଜରାୟୁ କେଶର । ବିନ୍ଦୁ ସ୍ଥାପନ ମନୋହର ॥
ସୁଜ୍ଞାନୀ ତତ୍ତ୍ୱଜ୍ଞ ପଣ୍ଡିତ । ଆସନ୍ତି ଧରାପୃଷ୍ଠକୁ ତ ॥
ଜୀବ କଲ୍ୟାଣ ବ୍ରତ ଧରି । କ୍ରିୟା କରନ୍ତି ଅନୁସରି ॥
ଶାସ୍ତ୍ର ତତ୍ତ୍ୱାଦି ଜ୍ଞାନ ଦେଇ । ଯାଆନ୍ତି ସୃଷ୍ଟି ହିତ ପାଇଁ ॥
ମଣ୍ଡଳ ଭେଦ ଧରି ଜ୍ଞାନ । ହରି ଥାଆନ୍ତି ସେ ଅଜ୍ଞାନ ॥

ଜ୍ଞାନାଲୋକର ଜ୍ୟୋତି ଧରି । ଜୀବ ଯାଆନ୍ତି ଭବୁଁ ତରି ॥
ଏ ତତ୍ତ୍ୱ ଅତ୍ୟନ୍ତ ନିଗୂଢ଼ । ବତ୍ସ ହୋ ଧୀରେ ଧର ଦୃଢ଼ ॥
ପରମ ବ୍ରହ୍ମ ଅଣାକାର । ଆକାରେ ତତ୍ତ୍ୱାଦି ପ୍ରକାର ॥
ଖେଳନ୍ତି ଲୀଳା ସାର କରି । ତତ୍ତ୍ୱଜ୍ଞାନାଦି ସୃଷ୍ଟେ ଧରି ॥
କାରଣ ସାତ୍ତ୍ୱିକ ଏ ମୋହ । ସୂକ୍ଷ୍ମରୁ ସୂକ୍ଷ୍ମତର ଦେହ ॥
ବହି ଧରାରେ ନରତନୁ । କ୍ଷରଇ ତତ୍ତ୍ୱ ହୃଦୁ ମନୁ ॥
ସାଧଇ ଅଶେଷ କଲ୍ୟାଣ । ବତ୍ସ ହୋ ନିର୍ଭୁଲ ଏ ଜାଣ ॥

**'କାରଣ ସାତ୍ତ୍ୱିକ ମୋହ'**ର ନିଗୂଢ଼ ତତ୍ତ୍ୱ ବ୍ୟାଖ୍ୟା କରିବାକୁ ଯାଇ ସହାସ୍ୟ ବଦନରେ ପରମ ସନ୍ତୋଷ ଓ ପ୍ରସନ୍ନତାର ସହିତ ସୁଲଳିତ କୋମଳ ସ୍ୱର ଓ ସୁବିନ୍ୟସ୍ତ ଭାଷାରେ ସହଜ ସରଳ ସାବଲୀଳ ଭାବରେ ଚରମ ପୁରୁଷ ଠାକୁରେ କହନ୍ତି :

ମହାଶୂନ୍ୟର ବ୍ରହ୍ମମଣ୍ଡଳରେ କୈବଲ୍ୟ ବିଭୂତିପାଦ ଆତ୍ମାମାନେ ଉଜ୍ଜ୍ୱଳ ଜ୍ୟୋତିର୍ମୟ ବିନ୍ଦୁ ସ୍ୱରୂପରେ ପରଂବ୍ରହ୍ମଙ୍କ ଠାରେ ଲକ୍ଷ୍ୟ ସ୍ଥିର ରଖି ତାଙ୍କରି ଆଦେଶ, ନିର୍ଦ୍ଦେଶ, ଆଜ୍ଞା, ଅନୁଜ୍ଞାକୁ ଧୈର୍ଯ୍ୟ ଓ ସ୍ଥୈର୍ଯ୍ୟର ସହିତ ଅପେକ୍ଷା କରି ଥାଆନ୍ତି । ବିଭିନ୍ନ ଯୁଗରେ, ବିଭିନ୍ନ ଦେଶରେ, ବିଭିନ୍ନ ସମୟରେ, ବିଭିନ୍ନ ତତ୍ତ୍ୱ, ଜ୍ଞାନ, ବିଦ୍ୟା, ପ୍ରଯୁକ୍ତି କୌଶଳ, ବିଜ୍ଞାନ, ଯନ୍ତ୍ରାଦି ଆବିଷ୍କାର, ଉଦ୍ଭାବନ, ଯୋଗ, ରୋଗ, ଚିକିତ୍ସା, ବାସ୍ତୁବିଜ୍ଞାନ ଆଦି ସୃଷ୍ଟି ପାଇଁ ଯେତେବେଳେ ଯାହା ଆବଶ୍ୟକ, ତାହାର ପରିପୂରଣ ପାଇଁ ସ୍ରଷ୍ଟାପୁରୁଷ ଏହି କୈବଲ୍ୟ ବିଭୂତିପାଦ ଆତ୍ମାମାନଙ୍କ ମଧ୍ୟରୁ ନିର୍ବାଚନ କରି ଯାହା ଦ୍ୱାରା ଯେଉଁ ତତ୍ତ୍ୱ ବା ଜ୍ଞାନ ବା ବିଜ୍ଞାନ ଯେତିକି ପରିମାଣରେ କ୍ଷରିତ ହେବାର ଆଦେଶ ଥାଏ, ସେତିକି ମାତ୍ର ଦେଇ ବ୍ରହ୍ମମଣ୍ଡଳରୁ ଭୂମଣ୍ଡଳକୁ ପଠାଇ ଥାଆନ୍ତି । ଏମାନଙ୍କ ପାଇଁ ଧରାପୃଷ୍ଠରେ କର୍ମଯୋଗ କରିବାର ଆଦେଶ ନ ଥାଏ । ସେମାନେ ବ୍ରହ୍ମମଣ୍ଡଳରୁ କର୍ମ ସିଦ୍ଧି ଧରି ପବିତ୍ର ହୋଇ ଆସିଥାଆନ୍ତି । କିଏ ଆସି ଶାସ୍ତ୍ରାଦି ରଚନା କରି ଯାଆନ୍ତି ତ, କିଏ ଆସି ସେହି ଶାସ୍ତ୍ରାଦିର ନିଗୂଢ଼ ତତ୍ତ୍ୱ ବ୍ୟାଖ୍ୟା କରି ଯାଆନ୍ତି । କିଏ ଆସି ଯୋଗ ଶିକ୍ଷା ଦେଇ ଯାଆନ୍ତି ତ, ପୁଣି କିଏ ଆସି ସ୍ୱାସ୍ଥ୍ୟବିଜ୍ଞାନ ପ୍ରଚାର ପ୍ରସାର କରି ଥାଆନ୍ତି । ଏହିପରି ଭାବରେ ଯୁଗ ଯୁଗାନ୍ତର, କାଳ କାଳାନ୍ତରରେ,ଦେଶ ଦେଶାନ୍ତରରେ କୈବଲ୍ୟ ବିଭୂତିପାଦ ପବିତ୍ର ସଦାତ୍ମାଗଣ ଧରାପୃଷ୍ଠକୁ ଅବତରଣ କରି ଯୋଗ, ଯାଗଯଜ୍ଞ, ତପସ୍ୟା, ଧ୍ୟାନ, ପ୍ରାର୍ଥନା, ଯନ୍ତ୍ର, ତନ୍ତ୍ର, ମନ୍ତ୍ର, କାବ୍ୟ, ସାହିତ୍ୟ, ଇତିହାସ, ଭୂଗୋଳ, ଅର୍ଥନୀତି, କୂଟନୀତି, ରାଷ୍ଟ୍ରନୀତି, ରାଜନୀତି, କାମ ବିଜ୍ଞାନ, ବାସ୍ତୁ ବିଜ୍ଞାନ, ବୈଜ୍ଞାନିକ ଆବିଷ୍କାର, ଚିକିତ୍ସା ବିଜ୍ଞାନ, ବିଭିନ୍ନ ଯନ୍ତ୍ର ତଥା ଔଷଧର ଉଦ୍ଭାବନ, ଅସ୍ତ୍ରଶସ୍ତ୍ର ନିର୍ମାଣ କୌଶଳ, ପ୍ରଯୁକ୍ତି ବିଦ୍ୟା, ପ୍ରଯୁକ୍ତି କୌଶଳ ଆଦି ଧରାପୃଷ୍ଠରେ ଜୀବକଲ୍ୟାଣ ଓ ସୃଷ୍ଟିର ମଙ୍ଗଳ ଓ ହିତ ପାଇଁ ଅବଦାନ ସ୍ୱରୂପ ଉପହାର ଦେଇଯାଇ ଅଛନ୍ତି । ଏସବୁର ଅନ୍ତରାଳରେ ପରଂବ୍ରହ୍ମଙ୍କର ଇଚ୍ଛା, ଆଦେଶ ଏବଂ ଆଜ୍ଞା ନିହିତ ଅଛି । ସେମାନଙ୍କର ପ୍ରଦତ୍ତ ତତ୍ତ୍ୱ ଓ ଜ୍ଞାନ ପଦ୍ଧତିର ଅବଲମ୍ବନରେ ଧରାଧାମରେ ମାନବ ସମାଜର ସଭ୍ୟତା ଓ ସଂସ୍କୃତି କ୍ରମବିକାଶଶୀଳ ହୋଇପାରିଛି । ଏହି ପର୍ଯ୍ୟାୟର ସଦାତ୍ମାମାନେ ଧରାବତରଣ କରିବା ପୂର୍ବରୁ ବ୍ରହ୍ମମଣ୍ଡଳରୁ ପରଂବ୍ରହ୍ମଙ୍କର ଆଦେଶପାଇ ଆସିଥିବାରୁ ଧରାଧାମରେ ଏମାନଙ୍କୁ କର୍ମଯୋଗ ମାଧ୍ୟମରେ ଜ୍ଞାନପ୍ରାପ୍ତ କରିବାକୁ ପଡ଼ିନଥାଏ । ଏମାନେ କୌଣସି ସାଧନ ସୂତ୍ରର ଆଶ୍ରୟ ନନେଇ ମଧ୍ୟ ହଠାତ୍ ଆବିଷ୍କାର ବା ଉଦ୍ଭାବନ ସୂତ୍ରରେ ମାନବ ସମାଜକୁ ଯାହା ଦେବା ପାଇଁ ଅଭିପ୍ରେତ, ତାହା ଦେଇ ଯାଆନ୍ତି । ସମାଜ ଏମାନଙ୍କୁ ମହାତ୍ମା, ମହାପୁରୁଷ ବୋଲି ପୂଜା କରେ । ଏମାନେ ଯଶ, ଖ୍ୟାତି, ସୁନାମ ସ୍ୱତଃ ଅର୍ଜନ କରିଯାଆନ୍ତି । ମାନବ ସମାଜର ଏମାନେ ଚିରପୂଜ୍ୟ, ଚିର ନମସ୍ୟ ହୋଇ ରହନ୍ତି ।

ଏହି ସ୍ତରୀୟ ଆତ୍ମାମାନେ ନିର୍ବିକଳ୍ପ କୈବଲ୍ୟର ୬୪ ବିଭୂତିପାଦ ୮୪ ଅଂଶ ସୂତ୍ରୀ ଦିବ୍ୟାତ୍ମା ଅଟନ୍ତି । ବିଶ୍ୱ ବିଦିତ, ଜଗତ ବିଖ୍ୟାତ, ସ୍ୱନାମଧନ୍ୟ, ଯଶସ୍ୱୀ ମନିଷୀ, ମହାମାନବ ଓ ସଦ୍‌ଗୁରୁ ଅଙ୍ଗ ଏହି ସ୍ତରୀୟ ଆତ୍ମା ଅଟନ୍ତି । ପରଂବ୍ରହ୍ମଙ୍କ ଆଦେଶ ଓ ଆଜ୍ଞାବହ ଏହି ମହାତ୍ମାମାନେ ଇଚ୍ଛାମାତ୍ରେ ସୃଷ୍ଟି ପାଇଁ ନୂତନ ତତ୍ତ୍ୱ, ନୂତନ ଜ୍ଞାନ, ନୂତନ ବିଜ୍ଞାନ, ନୂତନ ପ୍ରଯୁକ୍ତି ଆଦି ସବୁ ବା ଯେଉଁ ଅଂଶ ପାଇଁ ଅଭିପ୍ରେତ ସେହି ପର୍ଯ୍ୟାୟର ନୂତନତ୍ୱ ର ଆଲୋକ ଦେଇ ଜଗତରେ ଜ୍ଞାନ ବିଜ୍ଞାନର ପ୍ରସାର ପ୍ରଚାର କରିଯାଇ ପାରନ୍ତି । ଏପରିକି ଏମାନେ ପ୍ରଚଣ୍ଡ ପ୍ରଳୟଙ୍କରୀ ଅଭିଶାପ ମଧ୍ୟ

ଦେଇ ପାରନ୍ତି, ଏମାନଙ୍କ ମଧ୍ୟରୁ କେହି କେହି ପ୍ରଳୟସୂତ୍ରୀ ମୁଖ୍ୟ ଶକ୍ତି ମଧ୍ୟ ଧାରଣ କରି ଆସିଥାଆନ୍ତି । ସ୍ରଷ୍ଟାପୁରୁଷଙ୍କର ଇଚ୍ଛା, ଆଦେଶ ଓ ଆଜ୍ଞାବଳରେ ଏମାନେ ସ୍ୱତଃ ବଳଶାଳୀ ଓ ଶକ୍ତିଶାଳୀ ଅଟନ୍ତି ।

ପୃଥିବୀ ଇତିହାସ ପୃଷ୍ଠାରୁ ଏହାର ଦୃଷ୍ଟାନ୍ତ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ । ଏହା ସମସ୍ତଙ୍କୁ ଜଣାଅଛି । ମାତ୍ର କେଉଁ ସୂତ୍ରରେ କିପରି ଭାବରେ ଏପରି ଅଲୌକିକ ଓ ଚମତ୍କାର କାର୍ଯ୍ୟ ସମ୍ପନ୍ନ ହୋଇଯାଉଛି, କେଉଁ ଶୃଙ୍ଖଳାରେ ଏସବୁ ଶୃଙ୍ଖଳିତ ଭାବରେ ସଂଘଟିତ ହୋଇ ଚାଲିଛି, ଏହି ତତ୍ତ୍ୱ ବା ସତ୍ୟ ଅନୁସନ୍ଧାନ କରି ଏପର୍ଯ୍ୟନ୍ତ କେହି ଏହାର ରହସ୍ୟ ଭେଦ କରିବାକୁ ସମର୍ଥ ହୋଇ ପାରିନାହାନ୍ତି । ମନରେ କ'ଣ ପ୍ରଶ୍ନ ଉଦୟ ହୁଏନା ? ବାତ୍ସାୟନ କାହିଁକି କାମଶାସ୍ତ୍ର ରଚନା କରିଗଲେ ? ସେ କାହିଁକି ଚିକିତ୍ସା ଶାସ୍ତ୍ର ରଚନା କଲେ ନାହିଁ ? ଚରକ କାହିଁକି ଚିକିତ୍ସା ଶାସ୍ତ୍ର ରଚନା କରିଗଲେ ? ସେ କାହିଁକି ମହାଭାରତ ରଚନା କରିଗଲେ ନାହିଁ ? ରବୀନ୍ଦ୍ରନାଥ କାହିଁକି ଜଣେ ଲବ୍ଧ ପ୍ରତିଷ୍ଠ କବି ହୋଇ ନୋବେଲ୍ ପୁରସ୍କାର ଲାଭ କଲେ ? ସେ କାହିଁକି ଜଣେ ବୈଜ୍ଞାନିକ ହେଲେ ନାହିଁ ? ମହାତ୍ମା ଗାନ୍ଧୀ କାହିଁକି ଜଣେ ସ୍ୱାଧୀନତା ସଂଗ୍ରାମର କର୍ଣ୍ଣଧାର ହେଲେ ? ସେ କାହିଁକି ଜଣେ କବି ହେଲେ ନାହିଁ ? ଏହିପରି ଭାବରେ ଅସଂଖ୍ୟ ମହାମନୀଷୀଙ୍କ ସଂପର୍କରେ ଅସଂଖ୍ୟ ପ୍ରଶ୍ନବାଚୀ ମୁଣ୍ଡ ଟେକିପାରେ । ମାତ୍ର ଏ ସକଳ ପ୍ରଶ୍ନ ଗୋଟିଏ ପର୍ଯ୍ୟାୟର, ଗୋଟିଏ ସ୍ତରର । ତେଣୁ ଏସବୁର ଉତ୍ତର ମଧ୍ୟ ସେହି ଗୋଟିଏ, ଯାହା ଏଠାରେ କାରଣ ସାତ୍ତ୍ୱିକ ମୋହର ତାତ୍ତ୍ୱିକ ବ୍ୟାଖ୍ୟା ଅବସରରେ କରାଯାଉଅଛି ।

ଠାକୁରେ କାରଣ ସାତ୍ତ୍ୱିକ ମୋହର ନିଗମ ତତ୍ତ୍ୱର ଗ୍ରନ୍ଥି ମୋଚନ କରି ସଂଶୟର ସମାଧାନ ସୂତ୍ର ଦେବାକୁ ଯାଇ କହନ୍ତି, 'କାରଣ ଜଗତର ଉନ୍ନତ ଧୀ ସମ୍ପନ୍ନ ଆତ୍ମା ବୈଷ୍ଣବୀ ମାୟାର ୩୬ କଳ୍ପସୂତ୍ରୀ ଭାବାଂଶର ଅଧିକାରୀ ଅଟନ୍ତି । ଏହି ଆତ୍ମା ପରଂବ୍ରହ୍ମ ମଣ୍ଡଳରେ ହରିଦ୍ରା, ନୀଳ ବା ଗୈରିକ ବର୍ଣ୍ଣର ଉଜ୍ଜ୍ୱଳ ଜ୍ୟୋତିଃ ବିନ୍ଦୁତୁଲ୍ୟ ରୂପ ଧାରଣ କରି ବ୍ରହ୍ମଙ୍କ ଚତୁଃପାର୍ଶ୍ୱରେ ଚକ୍ରାକାର ବା ବୃତ୍ତାକାରରେ ଘୂର୍ଣ୍ଣାୟମାନ ହୋଇଥାଆନ୍ତି । ଏମାନେ ସୂକ୍ଷ୍ମାତିସୂକ୍ଷ୍ମ ସୂତ୍ରରେ ଧରାଧାମରେ କେଉଁ କାଳ, କେଉଁ ଦେଶ, କେଉଁ ସ୍ଥାନ, କେଉଁ ଗୋଷ୍ଠୀ ପାଇଁ କ'ଣ ଆବଶ୍ୟକ ହେଉଅଛି, ତାହା ଜାଣିପାରି ବ୍ରହ୍ମଙ୍କୁ ଲୟଯୋଗ ମାଧ୍ୟମରେ ଜଣାଇଥାଆନ୍ତି । ପରଂବ୍ରହ୍ମ ଆଦେଶ, ଆଜ୍ଞା ଦେଲେ କାରଣ ଜଗତର ଉନ୍ନତ ଧୀସମ୍ପନ୍ନ ଏହି ଆତ୍ମା ଗ୍ରହ ନକ୍ଷତ୍ର ଶୁଭଯୋଗରେ ଉପଯୁକ୍ତ ପିତାମାତାଙ୍କର ଶୁଭ ସମ୍ଭୋଗ ମୁହୂର୍ତ୍ତରେ ଏକ ବିଦ୍ୟୁତ୍ ଆଲୋକ ରଶ୍ମି ସଦୃଶ ତୀବ୍ର ବେଗରେ ଧରାଧାମକୁ ଅବତରଣ କରି ଜନନୀଜଠର ଜରାୟୁରେ ଜ୍ୟୋତିଃବିନ୍ଦୁ ସ୍ୱରୂପରେ ସ୍ଥାପିତ ହୋଇ ଆଶ୍ରୟ ନିଅନ୍ତି ଓ ପର୍ଯ୍ୟାୟକ୍ରମରେ ବିନ୍ଦୁରୁ ଭ୍ରୂଣ ଓ ଭ୍ରୂଣରୁ ଶିଶୁପିଣ୍ଡ ଅବସ୍ଥା ପ୍ରାପ୍ତ ହୋଇ ଧରାପୃଷ୍ଠରେ ଭୂମିଷ୍ଠ ହୁଅନ୍ତି ।

ଭୂମିଷ୍ଠ ହେବାପରେ ଏହି ଦିବ୍ୟ ଶିଶୁ ବୟଃକ୍ରମରେ ବାଲ୍ୟ, ପୌଗଣ୍ଡ, କୈଶୋର, ତାରୁଣ୍ୟ ଆଦି ପର୍ଯ୍ୟାୟ ଭୋଗ କରିଚାଲେ । ଅଲୌକିକ ବୟସ ପର୍ଯ୍ୟାୟରେ ଉପନୀତ ହେବା ମାତ୍ରେ ସେ ଅଭିପ୍ରେତ ଚମତ୍କାରିତା ଓ ଅଲୌକିକତା ପ୍ରଦର୍ଶନ କରନ୍ତି । ଅଲୌକିକ ମଣ୍ଡଳଭୁକ୍ତ ନିର୍ଦ୍ଦିଷ୍ଟ ଅଭିପ୍ରାୟ ଏକ ନିର୍ଦ୍ଦିଷ୍ଟ ଉନ୍ନତ ଧୀ ସମ୍ପନ୍ନ ଆତ୍ମା ଦ୍ୱାରା ହିଁ ଧରାପୃଷ୍ଠରେ ସମ୍ପନ୍ନ ହୋଇଥାଏ । କାରଣ ଜଗତର ଏହି ଆତ୍ମା ପୃଥିବୀ ପୃଷ୍ଠରେ ବାରି ହୋଇଯାଆନ୍ତି । ଏମାନଙ୍କର ବାହ୍ୟ ଲକ୍ଷଣମାନ ଅନୁଧ୍ୟାନ କଲେ, ଏମାନଙ୍କୁ ସହଜରେ ବାରି ହୁଏ, ଚିହ୍ନି ହୁଏ । ଏମାନଙ୍କର ଚକ୍ଷୁ ସ୍ୱାଭାବିକତାରୁ ଈଷତ୍ ଲାଲ, ଅର୍ଦ୍ଧ-ମୁଦ୍ରିତ, ଅନେକ ସମୟରେ ନାସାଗ୍ରରେ ଲୟ ଥାଏ । ଅନ୍ତସ୍ଥ ଲକ୍ଷଣରେ ଏମାନେ ମସ୍ତିଷ୍କର ସୂକ୍ଷ୍ମ ଗୃହରେ ବିବେକ କେନ୍ଦ୍ରରେ ବେଳେ ବେଳେ ସେମାନେ ନୀଳ ଜ୍ୟୋତିଃରେଖା ଦର୍ଶନ କରନ୍ତି । ଏହା କ୍ରମେ ପରିବର୍ତ୍ତିତ ହୋଇ ନୀଳ ଆଲୋକ ସଦୃଶ ଏକାଦିକ୍ରମେ ୪୫ଦିନ ପର୍ଯ୍ୟନ୍ତ ତାଙ୍କୁ ଦୃଶ୍ୟମାନ ହୁଏ । ୪୫ଦିନ ପରେ ଏହା ବିବେକ ଗୃହରୁ ମତି ଅବସ୍ଥାକୁ ଫେରି ମତିରେ ସୂକ୍ଷ୍ମ ଅବସ୍ଥାରେ ଥିବା ଜାଗୃତିକ କେନ୍ଦ୍ରକୁ ସ୍ୱଚ୍ଛ କରେ ଓ ତତ୍ପରେ ଚେତା ବାଟରେ ପହଁରି ଆସିଲାଭଳି ହୋଇଯାଏ । ଏହି ଅବସ୍ଥା ସ୍ୱତନ୍ତ୍ର ଦିବସ ବା ରାତ୍ରୁ କାଳରେ ଅନବରତ ଗତି କରିଚାଲିଥାଏ । ସେତେବେଳେ ଏହାର ବର୍ଣ୍ଣ ଗୈରିକ ହୋଇଯାଏ । ବେଳେବେଳେ ଏହି ଗୈରିକ ଆଲୋକ ସ୍ରୋତ ଶରତ୍ ଚକ ଆକୃତିବିଶିଷ୍ଟ ହୋଇ ପିଣ୍ଡ ମଧ୍ୟରେ ଚେତା ଘଟକୁ ଅଲୌକିକତା ବା ଚମତ୍କାରିତା ସାଧନ ସମ୍ପର୍କରେ ସୂଚନା ଦିଏ । ଏହା ସେହି ମହାତ୍ମାଙ୍କୁ ଅନୁଭବ ସୂତ୍ରରେ ଅନୁଭୂତ ହୋଇଥାଏ । ଏହା ଏକ ଅନୁଭବ ସୂତ୍ରୀ କର୍ମ । କାରଣ-ସାତ୍ତ୍ୱିକ ମୋହରେ ପଡ଼ି ଧରାପୃଷ୍ଠକୁ ଅବତରଣ କରିବା ଏହି ପର୍ଯ୍ୟାୟର ଉନ୍ନତ ଧୀ ସମ୍ପନ୍ନ ଆତ୍ମାମାନଙ୍କର ଚିନ୍ତା, ଚେତନା, ଭାବ, ଭାବନାଦିରେ ଜଗତର

ସାଧାରଣ କଥା, ସାଧାରଣ ଘଟଣା, ଜଞ୍ଜାଳ ସମ୍ବନ୍ଧୀୟ, ପରିବାର ସମ୍ବନ୍ଧୀୟ, ସଂସାର ସମ୍ବନ୍ଧୀୟ, ବୈଷୟିକ ଭାବ ସମ୍ବନ୍ଧୀୟ, ଅର୍ଥ ଉପାର୍ଜନ ସମ୍ବନ୍ଧୀୟ, ଧନସମ୍ପଦ ସମ୍ବନ୍ଧୀୟ, ପ୍ରତିପତ୍ତି ସମ୍ବନ୍ଧୀୟ, ପଦପଦବୀ ଲାଭ ସମ୍ବନ୍ଧୀୟ, ପୁରସ୍କାର ବା ଉପାଧି ଆଦି ପ୍ରାପ୍ତି ସମ୍ବନ୍ଧୀୟ ଚିନ୍ତାଧାରା ଆଦୌ ସ୍ଥାନ ଜମାଇପାରେ ନାହିଁ । ଏସବୁ ପ୍ରତି ସେମାନେ ଉଦାସୀନ ତଥା ବୀତସ୍ପୃହ ରହନ୍ତି । ଏମାନେ ସଂସାରର ଯେ କୌଣସି ଭାବକୁ ବହୁ ସମୟ ଧରି ରଖି ପାରନ୍ତି ନାହିଁ, ଅନ୍ୟକୁ ନିଜ ଭାବରେ ବାନ୍ଧି ରଖିବା ବା ଅନ୍ୟର ଭାବରେ ନିଜେ ବାନ୍ଧି ହୋଇ ରହିବା ଏମାନଙ୍କର ସ୍ୱଭାବ ବା ପ୍ରକୃତି ନୁହେଁ । ଏମାନେ ସ୍ୱାର୍ଥ ହାସଲର ଭାବରଖି ସମାଜରେ ଗତି କରନ୍ତି ନାହିଁ । ସ୍ୱାର୍ଥପରତା ବା ସ୍ୱାର୍ଥସିଦ୍ଧି ଏମାନଙ୍କର ସ୍ୱଭାବଗତ ପ୍ରକୃତି ନୁହେଁ, ପରନ୍ତୁ ଏମାନେ ସମାଜର ସ୍ୱାର୍ଥ ରକ୍ଷା କରିଚାଲନ୍ତି । ନିଃସ୍ୱାର୍ଥପରତା ହିଁ ଏମାନଙ୍କର ସହଜାତ ପ୍ରବୃତ୍ତି, ତେଣୁ ଏମାନେ ଅନ୍ୟପାଇଁ ଅକାତର ଭାବରେ ଅକୁଣ୍ଠ ଚିତ୍ତରେ ତ୍ୟାଗ ସ୍ୱୀକାର କରି ପରମ ଆନନ୍ଦ ଲାଭ କରିଥାଆନ୍ତି । ଏମାନେ କାହାରି ଉପରେ ବୋଝ ହୋଇ ରହିବାକୁ ପସନ୍ଦ କରନ୍ତି ନାହିଁ, ତେଣୁ ଅନ୍ୟ ଉପରେ ନିଜର ବୋଝ ଲଦି ଦିଅନ୍ତି ନାହିଁ । ଏମାନେ ଆତ୍ମାଗତ ଭାବ ଦ୍ୱାରା ଯୋଗାଯୋଗକୁ ଲୟ ଦେଇ, ଲକ୍ଷ୍ୟ ରଖି ଚାଲନ୍ତି । ସ୍ୱଗୃହରେ ଏମାନେ ରହିବାକୁ ଭଲପାଆନ୍ତି ନାହିଁ । ସଂସାରରେ ଆତଯାତ ହେଉଥିଲେ ମଧ୍ୟ ଏମାନେ ପୂର୍ଣ୍ଣ ବୈରାଗୀ ଅବସ୍ଥାରେ କାଳାତିପାତ କରନ୍ତି । ଖାଦ୍ୟ ମାଗିବା, ବସ୍ତ୍ର ମାଗିବା, ଅର୍ଥ ମାଗିବା ଭଳି ଯାଚଞ୍ଚା ମନୋବୃତ୍ତି ଏମାନଙ୍କର ଚିନ୍ତାଧାରା ମଧ୍ୟରେ ନଥାଏ । ଏମାନେ ଅବଶ୍ୟ ଅନେକ ସମୟରେ ସଂସାର ଯାତ୍ରା ପଥରେ ଅଭାବ ଅନାଟନର ସମ୍ମୁଖୀନ ହୋଇଥାଆନ୍ତି । ତଥାପି ଯେଉଁ ପରଂବ୍ରହ୍ମଙ୍କ ନିର୍ଦ୍ଦେଶମତେ ଆଜ୍ଞା ଓ ଆଦେଶ ନେଇ ସୃଷ୍ଟିର କଲ୍ୟାଣସାଧନ ନିମନ୍ତେ ଏମାନେ ଧରାପୃଷ୍ଠକୁ ଆସି ଅଭିପ୍ରେତ କର୍ମ ସଂପାଦନ କରୁଥାଆନ୍ତି, ସେହି ପରଂବ୍ରହ୍ମଙ୍କର ସଦିଚ୍ଛା, କୃପା ଦୃଷ୍ଟି, କରୁଣା ଓ କଲ୍ୟାଣରୁ ଏମାନଙ୍କର ସମସ୍ତ ବୈଷୟିକ ସମସ୍ୟା ଅବଶ୍ୟ ସମାଧାନ ହୋଇଯାଏ ।

ସୃଷ୍ଟିର କଲ୍ୟାଣ ନିମନ୍ତେ ଏମାନଙ୍କର କର୍ମଧାରା ଅବିରତ ଚାଲିଥାଏ । ସଂସାରରେ ରହି ମଧ୍ୟ ସଂସାର ପଥରେ ଏମାନଙ୍କର ମନୋଭାବ ନଥାଏ । ଏମାନେ ସଂସାରୀଙ୍କ ପରି ସାଂସାରିକ ଜ୍ଞାନରେ ପାରଦର୍ଶିତା ଅର୍ଜନ କରି ପାରନ୍ତି ନାହିଁ, ତେଣୁ ଏମାନଙ୍କୁ ଅନ୍ୟ ସମସ୍ତେ ବୋକା ବା ନିର୍ବୋଧ ବୋଲି ଅଭିହିତ କରିଥାଆନ୍ତି । ଅନେକ ସମୟରେ ଏମାନେ ବାହ୍ୟଜ୍ଞାନ ଶୂନ୍ୟ ହୋଇଯାଇ ପାରିପାର୍ଶ୍ୱିକ ପରିବେଶ ଓ ପରିସ୍ଥିତିକୁ ଅତି ସହଜସୂତ୍ରରେ ପାଶୋରି ଯାଆନ୍ତି । ଲୋକଚକ୍ଷୁରେ ଅନେକ ସମୟରେ ଏମାନଙ୍କର ବ୍ୟବହାର ପାଗଳ ଭଳି ଜଣାଯାଏ । ଏମାନେ ପରଂବ୍ରହ୍ମଙ୍କ ଠାରୁ ପ୍ରାପ୍ତ ଜ୍ଞାନ ଦ୍ୱାରା ମୋହାଚ୍ଛନ୍ନ ହୋଇ ପଡ଼ନ୍ତି । ଏମାନଙ୍କର ସତ୍ୟେନ୍ଦ୍ରିୟ ବୃତ୍ତି ସଦା ଚେତନ ରହି ସାତ୍ତ୍ୱିକ ଭାବରେ ଥାଏ । ଏମାନେ ସତ୍ୟେନ୍ଦ୍ରିୟ ଚୈତନ୍ୟକୁ ଧରି ଜ୍ଞାନ, ବିଜ୍ଞାନ, ତତ୍ତ୍ୱରେ ପିଣ୍ଡ ଆଶ୍ରୟୀ ହୋଇ ବ୍ରହ୍ମାଣ୍ଡ ସୂତ୍ରରେ କର୍ମ ତତ୍ପର ଥାଆନ୍ତି । ଏମାନେ ୨୪ ଘଣ୍ଟାରେ ମାତ୍ର ୪୫ମିନିଟ୍ ପାଇଁ ଯୋଗ ନିଦ୍ରାରେ ଅଭିଭୂତ ହୋଇ ପଡ଼ନ୍ତି । ଏମାନଙ୍କର ଏହି ଯୋଗନିଦ୍ରା ଅବସ୍ଥାରେ କାରଣଜନିତ ସ୍ୱପ୍ନାଦି ଯୋଗମାୟା, ବୈଷ୍ଣବୀମାୟାର ଭାବ ପୂର୍ଣ୍ଣମାତ୍ରାରେ ଅନୁଭୂତ ଦର୍ଶନରେ ଆସିଥାଏ । ଏମାନଙ୍କର ଶିଷ୍ୟ ମଣ୍ଡଳ ନଥାନ୍ତି । ଏମାନେ ଶିଷ୍ୟ ଗ୍ରହଣ କରନ୍ତି ନାହିଁ । ଗୁରୁଗିରି ଏମାନଙ୍କର ସ୍ୱଭାବ ନ ହେଲେ ମଧ୍ୟ ଜନସେବା ଓ ଲୋକକଲ୍ୟାଣ ଏମାନଙ୍କର ସହଜାତ ପ୍ରବୃତ୍ତି ।

ଏହି କାରଣ-ସାତ୍ତ୍ୱିକ ମୋହାଚ୍ଛନ୍ନ ବ୍ୟକ୍ତି ବିଶେଷଙ୍କର ବୈଶିଷ୍ଟ୍ୟ ବହୁଳାଂଶରେ ଲେଖାଲେଖିରେ ପରିସ୍ଫୁଟିତ ହୋଇଥାଏ । ଲେଖାଲେଖିରେ ସାହାଯ୍ୟ ସହଯୋଗ ଓ ସହାୟତା କରିବା ପାଇଁ ପରଂବ୍ରହ୍ମଙ୍କ ଇଚ୍ଛାରୁ ଯୋଗାଯୋଗ ସୂତ୍ର ଦ୍ୱାରା ବ୍ୟକ୍ତି ଧରାପୃଷ୍ଠରେ ଏମାନଙ୍କ ସହିତ ଖଞ୍ଜିହୋଇ ଯାଆନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାଚୀନ କାଳରେ ତାଳପତ୍ର ମାଧ୍ୟମରେ ଲେଖା ଲେଖି ଯାଇଛନ୍ତି । ସେସବୁ ଲେଖା ତାଳପତ୍ର ପୋଥି ସେମାନେ ନିର୍ଜନ ବୃକ୍ଷ ମୂଳରେ/ଜଙ୍ଗଲରେ ବା ଯେଉଁଠି ରହନ୍ତି ସେଇଠି ମାଟିତଳେ ପୋତି ଦିଅନ୍ତି । ଯୁଗାନୁବାଦରେ କାଳକ୍ରମେ ଆବଶ୍ୟକତାକୁ ଉପଲକ୍ଷ କରି ସେହି ଜ୍ଞାନତତ୍ତ୍ୱ ଉଦ୍ଧାର କରାଯାଇ ଉପଯୋଗ କରାଯାଏ । ତାହା ଜନହିତକର କାର୍ଯ୍ୟରେ ଲାଗେ । ଜୀବ ଜଗତ ତାହା ଦ୍ୱାରା ଉପକୃତ ହୁଏ । ସେମାନଙ୍କ ମାଧ୍ୟମରେ ଧରାପୃଷ୍ଠକୁ ଅବତରଣ କରିଥିବା ତତ୍ତ୍ୱଜ୍ଞାନ ଯୁଗଯୁଗାନ୍ତର ଧରି ଜଗତ କଲ୍ୟାଣରେ ଲାଗିଥାଏ । ମାନବ ସମାଜ ସେମାନଙ୍କର ପରିଚୟ ନ ପାଇଲେ ମଧ୍ୟ ସେମାନଙ୍କ ଦ୍ୱାରା ରଚିତ ଗ୍ରନ୍ଥସମୂହକୁ ଯୁଗ ଯୁଗ ଧରି ପୂଜାର୍ଚ୍ଚନା କରନ୍ତି । କହିବାକୁ ଗଲେ କାରଣ ସାତ୍ତ୍ୱିକ ମୋହାଚ୍ଛନ୍ନ ଏତାଦୃଶ ଉନ୍ନତ ଧୀ ସମ୍ପନ୍ନ ଆତ୍ମା ଜଗତ୍‌ପୂଜ୍ୟ ଅଟନ୍ତି ଓ ପରଂବ୍ରହ୍ମଙ୍କର ସ୍ୱସନ୍ତାନ ଅଟନ୍ତି ।। *(କ୍ରମଶଃ)*

## 'ଚରମ' ସପ୍ତତ୍ରିଂଶତମ (୩୭ଶ) ସଂଖ୍ୟାରେ ପ୍ରକାଶିତ ଅଚ୍ୟୁତଙ୍କ କବିତାର ସଂକ୍ଷିପ୍ତ ବ୍ୟାଖ୍ୟା :

ମହାପୁରୁଷ ସିଦ୍ଧ ସାଧକ ଅଚ୍ୟୁତାନନ୍ଦଙ୍କର ସାରସ୍ୱତ କୃତିତ୍ୱ ତାଙ୍କର କୃତି ସମ୍ଭାରହିଁ ସାର୍ଥକ ଭାବରେ ବହନ କରିଛି । ତାଙ୍କ କୃତିର ପ୍ରତିଟି ଛତ୍ରରେ ତାଙ୍କ ସଫଳ କୃତିତ୍ୱର ସ୍ୱାକ୍ଷର ସ୍ପଷ୍ଟଭାବରେ ଅଙ୍କିତ । ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଭାଷାଶିଳ୍ପ ନୈପୁଣ୍ୟ ତଥା ଆଧ୍ୟାତ୍ମିକ ଓ ଯୌଗିକ ଜୀବନାଦର୍ଶ ଓ ମାର୍ଗ ନିର୍ଦ୍ଦେଶ ସାଧକ ଶିଳ୍ପୀ ଅଚ୍ୟୁତାନନ୍ଦଙ୍କର ଛୋଟବଡ଼ ଅନେକ ରଚନାରୁ ମିଳିଥାଏ । ତାଙ୍କର କ୍ଷୁଦ୍ର କବିତାମାଳା ମଧ୍ୟରୁ ଆଲୋଚ୍ୟ କବିତାଟି ଅତ୍ୟନ୍ତ କ୍ଷୁଦ୍ର ହେଲେ ମଧ୍ୟ ଏହାର ଶିଳ୍ପ ନୈପୁଣ୍ୟ, ଭାଷାବିନ୍ୟାସ, ଭାବ ଅଭିବ୍ୟକ୍ତି ଓ ରସଚର୍ଯ୍ୟା ଅନନ୍ୟ ସାଧାରଣ । ଉଭୟ ଅନ୍ତରଙ୍ଗ ଓ ବହିରଙ୍ଗ ଭାବ ଓ ଭାଷା ଏ କବିତାର ବୈଶିଷ୍ଟ୍ୟ । ଶୁଆମୂଳ ଶୁଆ କହିବା ନ୍ୟାୟରେ ଏହି କବିତାର ନ୍ୟାୟିକ ଓ ଆତ୍ମିକ ମୂଲ୍ୟାଙ୍କନ ଏହି କବିତା ହିଁ କହିଥାଏ ।।

କବିତାର ପ୍ରାରମ୍ଭରେ ପିଣ୍ଡବ୍ରହ୍ମ ବା ଚେତା ପୁରୁଷ ପାଗଳା ମନକୁ ଆଦର କରି ପଚାରୁଛି – "ରେ ବାୟାମନ ! ତୁ ଇନ୍ଦ୍ରିୟଗଣଙ୍କର ଆହ୍ୱାନରେ ନିଜର କର୍ତ୍ତବ୍ୟକର୍ମ ଭୁଲିଯାଇ କାହିଁକି ଅଯଥାର୍ଥ ଭାବରେ ଅନିତ୍ୟ ସଂସାରରେ ଅନିତ୍ୟ ବିଷୟ ସକଳରୁ ସୁଖଲାଭ କରିବାର ଆଶା ଧରି ଆଚ୍ଛନ୍ନ ହୋଇ ରହୁଅଛୁ ? ତୁ କ'ଣ ଜାଣିନାହୁଁ କି – ଅନିତ୍ୟ ବିଷୟ ମଧ୍ୟରୁ ନିତ୍ୟସୁଖ, ନିତ୍ୟଶାନ୍ତି ଓ ନିତ୍ୟ ଆନନ୍ଦ ମିଳିପାରେ ନାହିଁ । ତୁ ଏ ସଂସାରରେ ଆତଯାତ ହୋଇ ଅନିତ୍ୟ ଧନଜନ ଗୋପଲକ୍ଷ୍ମୀ ଇତ୍ୟାଦିରେ ମଜ୍ଜି ରହିଲୁ ସିନା, ମାତ୍ର ଦିନେ ପରମାତ୍ମାଙ୍କୁ ଚିହ୍ନିବା ପାଇଁ ମନୋନିବେଶ କଲୁ ନାହିଁ । ତେଣୁ, କବିତାର ପ୍ରାରମ୍ଭରେ ସାଧକ ସାରସ୍ୱତ ଶିଳ୍ପୀ ଅଚ୍ୟୁତାନନ୍ଦ ମାନବଜୀବନର ପ୍ରକୃଷ୍ଟ ଓ ଶ୍ରେଷ୍ଠ ଲକ୍ଷ୍ୟ ଯେ ଆତ୍ମା ପରମାତ୍ମାଙ୍କୁ ଚିହ୍ନିବା, ତାହା ସ୍ପଷ୍ଟଭାବରେ ଉଲ୍ଲେଖ କରିଅଛନ୍ତି ।।୦।।

ଏହି ଅନିତ୍ୟ ସଂସାରରେ ବିଷୟା ହିଁ ବିଷ ଅଟେ । ବିଷୟାବିଷର ବନ୍ଧନ ଛିନ୍ନ ଭିନ୍ନ କରି ପରମପୁରୁଷଙ୍କର ପଦ ଅମୃତକୁ ନିତ୍ୟ ଆଶା ରଖିବା ଜୀବର ପ୍ରଧାନ କର୍ତ୍ତବ୍ୟ କର୍ମ । ଚରମପୁରୁଷଙ୍କର ପରମପଦ (ଚରଣ)ରୁ ଝରି ପଡୁଥିବା ପୀୟୁଷରସ ଆସ୍ୱାଦନ କରିବାର ସୌଭାଗ୍ୟ ପାଇଁ ନିତ୍ୟ ସାଧନା ପଥରେ ଅଗ୍ରସର ହେବାହିଁ ପ୍ରକୃଷ୍ଟ ପନ୍ଥା । ସେହି ଚରମ ପୁରୁଷ ଶୂନ୍ୟରେ ଶୂନ୍ୟପୁରୁଷ ହୋଇ ବିରାଜମାନ ଅଟନ୍ତି । ଶୂନ୍ୟ ବୋଇଲେ ବ୍ରହ୍ମତାଳୁ, ସହସ୍ରାରରେ ଅବସ୍ଥିତ ସହସ୍ରଦଳ ବିଶିଷ୍ଟ କମଳ କର୍ଣ୍ଣିକା, ଏହା ନିର୍ବାତ ଭୂମି, କାରଣ ଏଠାକୁ ଶରୀର ମଧ୍ୟସ୍ଥ ପଞ୍ଚବାୟୁ ବା ପଞ୍ଚ ଉପବାୟୁ ଗମନ ବା ପ୍ରବେଶ କରିପାରନ୍ତି ନାହିଁ । ସେଠାରେ ଶୂନ୍ୟପୁରୁଷ ଅର୍ଥାତ୍ ଅଣାକାର ବ୍ରହ୍ମ, ଶବ୍ଦବ୍ରହ୍ମ, ଅନାମ, ଅନାଦି, ଅନନ୍ତ ନିରାକାର ପରଂବ୍ରହ୍ମ ବିଜେ କରିଅଛନ୍ତି । ତାଙ୍କୁ ଉପଲବ୍ଧ କରିବା ପାଇଁ ଅଜପା ଅର୍ଥାତ୍ ହଂସ ନାମକ ଅଜପାମନ୍ତ୍ର ଅମାପ ବୋଇଲେ ଅସଂଖ୍ୟ ସଂଖ୍ୟାରେ ଧ୍ୟାନସ୍ଥ ହୋଇ ଜପ କରିବା ଉଚିତ । ପ୍ରାଣ ବାୟୁର ଯାତାୟତ କାଳରେ ଏହି ଜପ ସ୍ୱତଃ ଅନୁଷ୍ଠିତ ହୋଇଥାଏ, ଧ୍ୟାନ ଲୟରେ ସେହି ଜପ ସହିତ ଲସ୍ତ ହେବା ହିଁ ପ୍ରକୃଷ୍ଟ ସାଧନା ।।୧।।

ପଞ୍ଚୁ ଶବ୍ଦ ବାଦ୍ୟ ବୋଇଲେ ବ୍ୟାନ, ଉଦାନ, ଅପାନ, ପ୍ରାଣ ଓ ସମାନ ଏହି ପାଞ୍ଚବାୟୁ । ତିନିପୁର ଉଚ୍ଛଳଇର ଅର୍ଥ ହେଉଛି ଏହି ପଞ୍ଚବାୟୁ ଶରୀରର ବିଭିନ୍ନ ଅଂଶରେ କ୍ରିୟା କରିବା ସହିତ ସମଗ୍ର ଶରୀରରେ ଭୁକ୍ତ ରସ ସଂଚାଳନା କରିଥାଆନ୍ତି । ଏହା ପିଣ୍ଡ ମତ ତତ୍ତ୍ୱସିଦ୍ଧ ନିଷ୍ପତ୍ତି ବୋଲି ଯୋଗ ମାର୍ଗର ମନ୍ତବ୍ୟ । ପ୍ରାଣାୟାମ ସୂତ୍ରରେ ଶ୍ୱାସ ପ୍ରଶ୍ୱାସର ନିୟନ୍ତ୍ରଣ ପରିଚାଳନ ଦ୍ୱାରା ଇଡ଼ାପିଙ୍ଗଳା ମଧ୍ୟସ୍ଥ ସୁଷୁମ୍ନାରେ ବାୟୁଭରି ଉର୍ଦ୍ଧ୍ୱମୁଖୀ କରାଇବା ସହିତ ମନକୁ ଏକାଗ୍ର କରିପାରିଲେ ଅଣବଦପୁରରୁ ନାଦିତ ହେଉଥିବା ଅନାହତ ଧ୍ୱନି ବା ପଞ୍ଚୁଶବ୍ଦ ବାଦ୍ୟ ଶ୍ରବଣ କରିବା ଯୋଗୀ ସାଧକଙ୍କ ପକ୍ଷରେ ସମ୍ଭବ ହୁଏ । ସୁଷୁମ୍ନାରେ ବାୟୁକୁ ଉର୍ଦ୍ଧ୍ୱମୁଖୀ କରାଇ ଷଡ଼ଚକ୍ର ଭେଦ କରି ସହସ୍ରାର ସତ୍ୟଂ ଲୋକରେ ପହଞ୍ଚିଗଲେ ସେଠାରେ ନିତ୍ୟରାଧା, ନିତ୍ୟକୃଷ୍ଣ (ଜୀବ ଓ ପରମ)

ନିତ୍ୟରାହାସସ୍ଥଳ ନିତ୍ୟବୃନ୍ଦାବନରେ ନିତ୍ୟରାସକରୁଥିବାର ଦର୍ଶନ ଓ ଉପଲବ୍ଧ ଯୋଗୀ କରିପାରନ୍ତି । ପଞ୍ଚବଟୀ ବୋଇଲେ ଅମନ, ବିମନ, ମନ, ସୁମନ ଓ କୁମନ – ଏହି **ପଞ୍ଚମନ ପଞ୍ଚ** ନିତ୍ୟବସ୍ତୁ ଅର୍ଥାତ୍ ଈଶ୍ୱର, ଜୀବ, ମାୟା, କର୍ମ ଓ କାଳକୁ ଧରି ପଞ୍ଚତତ୍ତ୍ୱ ଅର୍ଥାତ୍ ଆଶ୍ରୟ, ବିବେକ, **ବୁଦ୍ଧି**, **ନାମ** ଓ ରୂପ ପାଇଁ ସର୍ବଦା ଧାବମାନ ଅବସ୍ଥାରେ ରହି ଅନ୍ତିମରେ ଯୋଗସିଦ୍ଧିକରି ପରମ ତତ୍ତ୍ୱ ପ୍ରାପ୍ତ ହୁଏ ।।୨।।

ଗଙ୍ଗା ଅର୍ଥାତ୍ ନାସିକାର ଦକ୍ଷିଣପୁଡ଼ାର ପବନ । ଏହାକୁ **ଇଡ଼ା ବା ସୂର୍ଯ୍ୟନାଡ଼ୀ** କୁହାଯାଏ । ଯମୁନା ଅର୍ଥାତ୍ ନାସିକାର ବାମପୁଡ଼ାର ବାୟୁ । ଏହାକୁ ପିଙ୍ଗଳା ବା ଚନ୍ଦ୍ରନାଡ଼ୀ **କୁହାଯାଏ** । ତ୍ରିବେଣୀ ବୋଇଲେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନାର ମିଳନ ସ୍ଥଳ । ସାଧକ ଯୋଗୀ ପ୍ରାଣାୟାମ ସୂତ୍ରରେ ଇଡ଼ା ଓ ପିଙ୍ଗଳାରେ ବାୟୁ ଚଳାଚଳ ନିୟନ୍ତ୍ରଣ କରି ଉଭୟର ମଧ୍ୟସ୍ଥଳରେ ସୁଷୁମ୍ନାରେ ପ୍ରାଣବାୟୁ ଚଳାଇ ଇଡ଼ା ଓ ପିଙ୍ଗଳାରେ ସମାନ ଅବସ୍ଥା ଦୀର୍ଘ ସମୟ ଧରି ରଖି ଊର୍ଦ୍ଧ୍ୱମୁଖୀ କରାଇବାକୁ "ଉଜାଣି" ରଖିବା ଅର୍ଥରେ ଏଠାରେ ସିଦ୍ଧଯୋଗୀ ଅଚ୍ୟୁତାନନ୍ଦ ନିର୍ଦ୍ଦେଶ ଦେଇଅଛନ୍ତି । ଆଦ୍ୟାଶକ୍ତି ବୋଇଲେ ଯୋଗମାୟା, ଅର୍ଦ୍ଧମାତ୍ରା (ଯୋଗେନ ଚିତ୍ତବୃତ୍ତି ନିରୋଧେନ ଯା ମାୟା ସା ଅଚିନ୍ତ୍ୟ ଶକ୍ତି ଯୋଗମାୟା) ଅର୍ଥାତ୍ ଚିତ୍ତବୃତ୍ତି ନିରୋଧ ରୂପୀ ଯୋଗକରି ଯିଏ ଅଚିନ୍ତ୍ୟ ଶକ୍ତିକୁ ଉଦ୍‌ବୁଦ୍ଧ କରନ୍ତି ସେ ହିଁ ଯୋଗମାୟା ଅଟନ୍ତି । ଅଷ୍ଟାଙ୍ଗ ଯୋଗମାର୍ଗରେ ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରି ପ୍ରାଣାୟାମ ସ୍ତରରେ ପହଞ୍ଚି ଷଡ଼ଚକ୍ର ଭେଦ କରି କୁଣ୍ଡଳିନୀ ସାଧନା ଚଳାଇ ଆଜ୍ଞାଚକ୍ରରେ ପ୍ରଣବ (ଓଁ)ର ଅର୍ଦ୍ଧମାତ୍ରା ଟପିଗଲେ ବା ତପଃଲୋକ ଅତିକ୍ରମକରିବା ପରେ ସହସ୍ରାର ସହସ୍ରଦଳ ବିଶିଷ୍ଟ ଓଲଟ ପଦ୍ମ କର୍ଣ୍ଣିକା ମଧ୍ୟସ୍ଥ ତ୍ରିକୋଣାକାର ତ୍ରିଭୁଜ ମଧ୍ୟରେ ନିତ୍ୟରାଧା ନିତ୍ୟକୃଷ୍ଣ ସ୍ୱରୂପ ଜୀବ ଓ ପରମ ପରସ୍ପର ମିଳିତ ହୋଇ ନିତ୍ୟ ବୃନ୍ଦାବନର ନିତ୍ୟ ରାହାସ ସ୍ଥଳରେ ନିତ୍ୟରାସ କରୁଥିବାର ଦର୍ଶନ କରାଯାଇପାରେ ।।୩।।

ସେ ସ୍ଥଳରେ ଦିବାରାତ୍ରି ନାହିଁ – ଅର୍ଥାତ୍ ସେଠାକୁ ଇଡ଼ା ବା ପିଙ୍ଗଳାର ବାୟୁ ପ୍ରବେଶ କରିପାରେ ନାହିଁ । କେବଳ ସୁଷୁମ୍ନାରେ ବାୟୁ ଚଳାଇ ନେଲେ ସେଠାରେ ପ୍ରବେଶ କରିବା ସମ୍ଭବ ହୋଇଥାଏ । ସେଠାରେ ଗୋଟିଏ ଜାଳୁଛନ୍ତି ଅର୍ଥାତ୍ ପରମାତ୍ମା ଜ୍ୟୋତିଃବିନ୍ଦୁ ସ୍ୱରୂପରେ ସହସ୍ର କୋଟି ସୂର୍ଯ୍ୟର ତେଜ ପ୍ରକାଶ କରି ବିରାଜମାନ ଅଛନ୍ତି । ସଂସାର ପଥରେ ଗୁରୁ ବରଣ କରି ଓ ଗୁରୁଙ୍କର ଚରଣ ପଙ୍କଜ ସେବା ଓ ଧ୍ୟାନ ଲୟ କରି ତାଙ୍କରି କୃପାରୁ ସାଧକ ଶିଷ୍ୟ ଏହି ଅସମ୍ଭବ କାର୍ଯ୍ୟ ସମ୍ଭବ କରିପାରେ ବୋଲି ମହାପୁରୁଷ ଅଚ୍ୟୁତାନନ୍ଦ ବୁଝାଇ ଯାଇଅଛନ୍ତି ।।୪।।

***

ତୋ ଅନ୍ତରେ ବିରାଜି ତ
ସବୁହିଁ ଜାଣୁଛୁଁ ।
ସବୁହିଁ ଦେଖୁଛୁଁ ପୁଣି
ସବୁହିଁ ଶୁଣୁଛୁଁ ।।
ତଥାପି ଗୋପନେ ତୁ'ରେ
ଲୁଚାଉଛୁ କଥା !
ତେବେହେଁ କହୁଛୁ ପାଦେ
ଲୋଟାଉଛୁ ମଥା !!



**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ**

**ନାରୀ ହିଁ ପ୍ରକୃତି**

ନିଜ ଇଚ୍ଛାମତେ ଲୀଳା ସେ ରଚାଏ ମାୟା ପାଶ ହସ୍ତେ ଧରି ।
ଖାଦ୍ୟ ଖାଦକକୁ ଏକତ୍ର କରାଏ ମାୟାର ଚାବୁକ ଘୁରି ।।
ପ୍ରେମର ବନ୍ଧନେ ବାନ୍ଧିଅଛି ଗୁପ୍ତେ ବ୍ରହ୍ମରୁ ବ୍ରହ୍ମାଣ୍ଡ ଯାଏ ।
ପ୍ରେମ ଭକ୍ତି ବିନା ସୃଷ୍ଟିରେ ତାହାକୁ ଧରିକି ପାରିଛି କିଏ ?

*''ଜ୍ଞାନ'' ଏକ ଅଚିନ୍ତ୍ୟ, ଅବର୍ଣ୍ଣନୀୟ, ଅପରିସୀମ ଶବ୍ଦ । କାରଣ ଯେଉଁଠାରୁ ଜ୍ଞାନର ଉଦ୍ଭବ, ସେ ନିଜେ ଯେତେବେଳେ ଅସୀମ, କୌଣସି ନିର୍ଦ୍ଦିଷ୍ଟତା ମଧ୍ୟରେ ଅଚିନ୍ତ୍ୟ, ସେତେବେଳେ ଜ୍ଞାନର ସୀମା ନିରୂପଣ କରିବା ବା କରିବାକୁ ପ୍ରୟାସ କରିବା ଧୃଷ୍ଟତା ବ୍ୟତୀତ ଅନ୍ୟ କିଛି ହୋଇ ନପାରେ । ମାତ୍ର ଯେତେବେଳେ ସେହି ଅସୀମ ସତ୍ତାଟି ସସୀମ ହୋଇ ଦୃଢ଼ପଥାରୂଢ଼ ହୋଇଯାଏ, ସେତେବେଳେ ସେହି ଅସୀମତାର କିଛି ଜ୍ଞାନରଶ୍ମୀ ବିଜୁଳିର ଚମକ ପରି ଦେହ, ମନକୁ ପୁଲକିତ କରିଦିଏ । ପୂଜ୍ୟ ପାଠକେ ! ଆପଣମାନେ କ'ଣ ସତରେ ବିଶ୍ୱାସ କରିପାରିବେ ଯେ, ସେହି ସୃଷ୍ଟିନାଟକ ରଚୟିତା, ନିର୍ଦ୍ଦେଶକ ଓ ମୁଖ୍ୟ କଳାକାର ଜଣକ ସ୍ୱଇଚ୍ଛାରେ କିଛିକ୍ଷଣ ପାଇଁ ଅସୀମରୁ ସସୀମ ନରତନୁଧରି ଆଜି ଧରାପୃଷ୍ଠରେ ଅବତରିତ ହୋଇଛନ୍ତି ବୋଲି ? ସୃଷ୍ଟି ଗନ୍ତାଘରର ଅମୂଲ୍ୟ ରତ୍ନ ଏହି ''ଚରମ'' ମାଧ୍ୟମରେ ତାଙ୍କ ଅସୀମ ଜ୍ଞାନ ଜ୍ୟୋତିର କିଛି ରେଣୁପୁଞ୍ଜ ଯେପରି ଭାବରେ ଆମ୍ଭମାନଙ୍କୁ ଆଲୋକିତ କରି ଚାଲିଛି, ସେତିକି କ'ଣ ଯଥେଷ୍ଟ ନୁହେଁ ତାଙ୍କୁ ସ୍ୱୀକାର କରିବା ପାଇଁ ? ଜ୍ଞାନପିପାସୁ ଆର୍ତ୍ତମାନଙ୍କ ପାଇଁ କରୁଣାର ସାଗର ହୋଇ ସୃଷ୍ଟି ପରିପାଳନର ଗୁପ୍ତ ଅକୁହିତ ଦିଗରେ ଉନ୍ମୋଚନ କରି ଚାଲିଛନ୍ତି ଏହି ଧାରାବାହିକ କ୍ରମରେ । ଆସନ୍ତୁ ! ଏ ଦୁର୍ଲ୍ଲଭ ଲଗ୍ନକୁ ସ୍ୱାଗତ କରି ନିଜେ ଆଲୋକିତ ହେବା ସଙ୍ଗେ ସଙ୍ଗେ ଅମୃତମୟ ବିଶ୍ୱକୁ ଆଲୋକିତ କରିବା ।*

**''ଚରମ'' : ସପ୍ତମପୃଷ୍ଠ : ଷଷ୍ଠ ପାଖୁଡ଼ା : ସପ୍ତତ୍ରିଂଶରମ (୩୭) ସଂଖ୍ୟାର ଅନୁଶ୍ରୁତିରୁ :**

**(୧) ବୈଷ୍ଣବୀ ମାୟା**

**ଭାବାଂଶ**

**(୫) : ଶକଟକ ମାୟା**

ପୂର୍ବବର୍ତ୍ତୀ ସଂଖ୍ୟା ମାନଙ୍କରେ ''ଶକଟକ ମାୟା''ର ଦେବଲୋକ, ନାଗଲୋକ, ନଦ, ନଦୀ, ହ୍ରଦ, ପର୍ବତ, ବୃକ୍ଷଲତା, ଗୁଳ୍ମରାଜି, ଉଦ୍ଭିଦ ଜଗତ, ଜଳଚର, ସ୍ଥଳଚର, ସରୀସୃପ ଆଦି ମର୍ତ୍ତ୍ୟବାସୀଙ୍କ ଉପରେ ବିସ୍ତାରିତ ପ୍ରଭାବ ସଂପର୍କରେ ଆଲୋଚନା କରାଯାଇଥିଲା । ଏଠାରେ ପୂଜ୍ୟ ପାଠକମାନଙ୍କୁ ସ୍ମରଣ କରାଇ ଦିଆଯାଇପାରେ ଯେ, ଅନେକ ବିଭାଗ ମଧ୍ୟରୁ ଶକଟକ ମାୟାର ମାତ୍ର ଗୋଟିଏ ''ମମତାଂଶ'' ଏ ପର୍ଯ୍ୟନ୍ତ ଆଲୋଚିତ ହେଉଅଛି । ପରବର୍ତ୍ତୀ ସଂଖ୍ୟାମାନଙ୍କରେ ତାହାର ଅନ୍ୟାନ୍ୟ ବିଭାଗ ସମ୍ବନ୍ଧରେ ଆଲୋକପାତ କରାଯିବ । ଏହି ସଂଖ୍ୟାରେ

ଶକଟକ ମାୟାର ମମତା ଅଂଶର ପ୍ରଭାବ ମନୁଷ୍ୟମାନଙ୍କ ଉପରେ କିପରି ଆଚ୍ଛାଦିତ ହେଉଅଛି ସେ ସଂପର୍କରେ ଆଲୋଚନା କରାଯାଉଅଛି ।

ଶକଟକ ମାୟା ବ୍ରହ୍ମାଣ୍ଡକୁ ଆଜ୍ଞା ପ୍ରଦାନ କରିବା ସମୟରେ ହରିଦ୍ରାବର୍ଣ୍ଣର ବିଶାଳ କାୟା ବିସ୍ତାର କରେ । ମୁହୂର୍ତ୍ତକ ମଧ୍ୟରେ ଏହି ରୂପ ଧୂମ୍ରବର୍ଣ୍ଣ ହୋଇ, ଏହାର ଆଂଶିକ ରେଣୁ ବିଚ୍ଛୁରିତ ହୋଇଯାଏ । ଏହି ବିଚ୍ଛୁରିତ ଅବସ୍ଥା ଖଡ୍‌ଗର ଧାରଭଳି ଚମକପ୍ରଦ ହୋଇଥାଏ । ଉକ୍ତ ଖଡ୍‌ଗଧାରରୁ ଗୈରୀକ ବର୍ଣ୍ଣ ଧାରଣ କରି ଛାଞ୍ଚୁଣୀ ମୁଠାର ଆକୃତି ନେଇ ପ୍ରତ୍ୟେକ ''ଲୋକ''କୁ ଆଚ୍ଛାଦିତ କରିଦିଏ । ଏହି ସମୟରେ ମାୟାପୁଞ୍ଜ ନୀଳବର୍ଣ୍ଣ ଧାରଣ କରି ସୂକ୍ଷ୍ମ ଅବସ୍ଥାରେ 'ଲୋକ' ମାନଙ୍କରେ ରହିଯାଏ । କିନ୍ତୁ ଲୋକମଣ୍ଡଳରୁ ମନୁଷ୍ୟ ଶରୀର ମଧ୍ୟକୁ ପ୍ରବେଶ କରିବା ବେଳକୁ ଏହାର ବର୍ଣ୍ଣ ସୋରିଷ ଫୁଲର ରଙ୍ଗ ସଦୃଶ ହୋଇଯାଏ । ଏହାପରେ ଏହାର ପ୍ରଭାବ ମନୁଷ୍ୟ ମନରେ ପ୍ରତିଫଳିତ ହୋଇଯାଏ । ଶକଟକ ମାୟାର ଅବସ୍ଥିତି  କାର୍ଯ୍ୟକାରିତା ସଂପର୍କରେ ଆଲୋଚ଼ନା କରିବା ପୂର୍ବରୁ ଏଠାରେ ସ୍ମରଣ କରାଇ ଦେବା ଆବଶ୍ୟକ ଯେ ପୂର୍ବରୁ ଆମର ଏହି ''ଚରମ''ର ''ରତ୍ନବେଦୀ'' **ବିଭାଗ ଅନ୍ତର୍ଗତ** ''ଜନନୀ ଜଠର ଜରାୟୁ'' ଶୀର୍ଷକ ସ୍ତମ୍ଭ ମାଧ୍ୟମରେ ପିଣ୍ଡ ମଧ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା **'ନାଦଗର୍ଦ୍ଦଣ କୋଷ' ସମ୍ବନ୍ଧରେ** ବିସ୍ତୃତ ଆଲୋଚ଼ନା ହୋଇଅଛି । ସେହି ନାଦଗର୍ଦ୍ଦଣ କୋଷ ଶରୀର ମଧ୍ୟରେ ଏକ ଚିତ୍ରକରର ଭୂମିକା ନିର୍ବାହ କରି ଜୀବର ପୂର୍ବଜନ୍ମ ସଂସ୍କାର, କର୍ମପ୍ରବାହ ତଥା ଭାବାବସ୍ଥାକୁ ସାଇତି ରଖି ଆବଶ୍ୟକ ସମୟରେ କାର୍ଯ୍ୟକାରୀ କରି କରାଇବାର ନିର୍ଦ୍ଦେଶ ଦେଇଥାଏ । ଯାହାର ନାଦଗର୍ଦ୍ଦଣକୋଷ ଯେତେ ଅଧିକ ପରିମାଣରେ ଉନ୍ନତ, ପରିପୁଷ୍ଟ ସେ ବ୍ୟକ୍ତି ସମଭାବରେ ଯୋଗ୍ୟ, ଜ୍ଞାନବନ୍ତ ଓ ବିବେକୀ ହୋଇଥାଏ । ଶିଶୁଟିଏ ଜନ୍ମ ହେବାମାତ୍ରେ ତା'ର ନାଦଗର୍ଦ୍ଦଣ କୋଷ କାର୍ଯ୍ୟକ୍ଷମ ହୋଇଥାଏ, କିନ୍ତୁ ପରିପକ୍ୱ ଅବସ୍ଥା ପ୍ରାପ୍ତ ପାଇଁ ସମୟ ଲାଗେ । ଶକଟକ ମାୟାର ମାୟାରେଣୁ ପୁଞ୍ଜର ବାହକ ଏହି ନାଦଗର୍ଦ୍ଦଣ  କୋଷ ହୋଇଥାଏ । ପୃଥ୍ୱୀ ଲୋକରେ ମାୟାପୁଞ୍ଜ ଅହରହ ଖେଳୁଅଛି । ଜୀବଟିଏ ଜନ୍ମ ହେବାମାତ୍ରେ ସେହି ମାୟାରଶ୍ମୀ ତାକୁ ଆଚ୍ଛାଦନ କରେ । ମାତ୍ର ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରେ ନାହିଁ । କାରଣ ତା'ର କାର୍ଯ୍ୟକାରୀ କୋଷଟି ଅପରିପକ୍ୱ ଅବସ୍ଥାରେ ଥାଏ । ତେଣୁ ଶକଟକ ମାୟାର ପ୍ରଭାବରେ ଅନ୍ୟମାନେ ସେହି ଜୀବପ୍ରତି ପ୍ରଭାବିତ ହୋଇଯାଆନ୍ତି । ଉଦାହରଣ ସ୍ୱରୂପ : ଶକଟକ ମାୟାରେଣୁ ମନୁଷ୍ୟର ମନ, ଶରୀରରେ ସ୍ନେହ, ମମତା ଭାବ ତୋଳିଦିଏ । ଗୋଟିଏ ଶିଶୁ ଜନ୍ମ ହେବାମାତ୍ରେ ସ୍ନେହ, ମମତା ଭାବ କିଛି ଜାଣିପାରୁଛି କି ? ପର, ଆପଣା ବିଚାର ତା'ର ରହୁଛି କି ? ତା'ର ଅର୍ଥ କ'ଣ ଶକଟକ ମାୟା ତାକୁ ସ୍ପର୍ଶ କରୁନାହିଁ । ଶକଟକ ତାକୁ ସ୍ପର୍ଶ ଠିକ୍ କରିଛି । କିନ୍ତୁ ବାହକ, ଧାରକ ''ନାଦଗର୍ଦ୍ଦଣ କୋଷ''ର ଅପରିପକ୍ୱତା ଯୋଗୁ ଶିଶୁଟି ମାୟାପୁଞ୍ଜକୁ ସଠିକ୍ ଭାବରେ ଗ୍ରହଣ କରି ପାରୁନାହିଁ । ମାୟାରେଣୁ ଗୁଡ଼ିକ ବିଚ୍ଛୁରିତ ହୋଇ ନାଦଗର୍ଦ୍ଦଣ କୋଷ ଚତୁଃପାର୍ଶ୍ୱରେ ଘୁରୁଥାନ୍ତି । ଏହି ବିଚ୍ଛୁରିତ ପ୍ରଭାବରେ ଶିଶୁଟିକୁ ଦେଖୁଥିବା ଅନ୍ୟମାନଙ୍କ ମନରେ ଶିଶୁଟି ପ୍ରତି ସ୍ନେହ, ମମତା ଜାଗ୍ରତ ହୋଇଯାଉଛି । କାରଣ ଦେଖୁଥିବା ବ୍ୟକ୍ତିମାନଙ୍କ ଶରୀର ମଧ୍ୟରେ ପରିପକ୍ୱ ନାଦଗର୍ଦ୍ଦଣ କୋଷରେ ଅବସ୍ଥାନ କରୁଥିବା ମାୟାରେଣୁପୁଞ୍ଜ ସହ ଶିଶୁ ଶରୀରକୁ ପ୍ରବେଶ କରିଥିବା ରଶ୍ମିଗୁଚ୍ଛ ମିଳିତ ହୋଇଯାଉଛି । ଶିଶୁଟିର ଶରୀର ମଧ୍ୟରେ ସୂକ୍ଷ୍ମସ୍ତର ନେଇ ଶକଟକ ମାୟାରଶ୍ମୀ ଶିଶୁଟିକୁ ବର୍ଦ୍ଧିତ କରିବାରେ ସାହାଯ୍ୟ କରୁଛି । ତାହାରି ପ୍ରଭାବରେ ଶିଶୁଟିର କ୍ରମ ବିକାଶ ହେବା ସଂଗେ ସଂଗେ ତା'ର ମନ ମଧ୍ୟରେ ସ୍ନେହ, ମମତା, ଆର୍ଦ୍ର ପ୍ରେମବିଭାଗୀୟ ସୁଗୁଣ ଜମାଟ ବାନ୍ଧି ଯାଉଛି । ଫଳରେ ସେ ଶିଶୁ ''ମୋ ବାପା, ମୋର ବୋଉ'', ଇତ୍ୟାଦି ଆତ୍ମିୟ ମାନଙ୍କୁ ଚିହ୍ନଟ କରି ପାରୁଛି ଏବଂ ସେମାନଙ୍କ ପ୍ରତି ଅପେକ୍ଷାକୃତ ଅଧିକ ନିର୍ଭରଶୀଳ ହୋଇପଡୁଛି । ଖେଳଣା ଆଦି ଆକର୍ଷଣୀୟ ବସ୍ତୁକୁ ଦେଖିଲେ ଆସକ୍ତ ହୋଇଯାଉଛି । ଏହି ସମୟ ଶିଶୁଟିର ଭବିଷ୍ୟତ ସୃଷ୍ଟି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଆଲୋକଚିତ୍ର ପରି ମାୟାରେଣୁ ଆଚ୍ଛାଦନ କରିଛି । ସେହି ଆଚ୍ଛାଦିତ ରଶ୍ମୀପୁଞ୍ଜକୁ

ଯେପରି ଭାବରେ ନିୟୋଜିତ କରାଯିବ, ତାହା ସେହିପରି ଭାବରେ କାର୍ଯ୍ୟକ୍ଷମ ହେବ । ତାହାର ମୌଳିକ ଗୁଣ ହେଲା, ଜୀବର ମନ, ହୃଦୟରେ ସ୍ନେହ, ମମତା, ସହାନୁଭୂତି, ଅହିଂସା, ପ୍ରେମଭାବାଦି, ଦିବ୍ୟଭାବ ସଞ୍ଚାର କରି ସମସ୍ତଙ୍କୁ ସମଭାବରେ ଗ୍ରହଣ କରିବାର ଶକ୍ତି ପ୍ରଦାନ କରିବା ମାତ୍ର ଜୀବ ତା'ର ନିଜସ୍ୱ କର୍ମ ପ୍ରବାହ ଅଭ୍ୟାସବଳରେ ପଥ ନିରୂପଣ କରାଇବାରେ ସ୍ୱାଧୀନ ସାମର୍ଥ୍ୟ ପ୍ରାପ୍ତ ହୋଇଅଛି । ଉଦାହରଣ ସ୍ୱରୂପ ଦିଆସିଲି କାଠି ଓ ଅଗ୍ନିର ଦାହିକା ଶକ୍ତି । ଦିଆସିଲି କାଠିର ଅଗ୍ରଭାଗରେ ଓ ଖୋଳର ପାର୍ଶ୍ୱ ଦେଶରେ ବାରୁଦ ଗଚ୍ଛିତ କରି ରଖାଯାଇଅଛି । ଉଭୟର ସଂଘର୍ଷ ଜନିତ ଘର୍ଷଣ କ୍ରିୟାରେ ଅଗ୍ନି ପ୍ରଜ୍ୱଳିତ ହେଉଛି । ଏହା ତାହାର ମୌଳିକ ଗୁଣ । ମାତ୍ର ସେହି ଅଗ୍ନିକୁ ନେଇ କିଏ ପାକଶାଳାରେ ବ୍ୟବହାର କରୁଛି ତ କେହି ଧରିତ୍ରୀର ସର୍ବନାଶ କ୍ରିୟା କରୁଅଛି । ସେହି ଅଗ୍ନି ମନୁଷ୍ୟର ଶରୀରକୁ ଭସ୍ମୀଭୂତ କରିଦେଉଛି, ପୁଣି ଶରୀରକୁ ରକ୍ଷା କରିପାରୁଛି । ଏହା ନିର୍ଭର କରୁଛି ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଉପରେ । ଠିକ୍ ସେହିପରି ଶକଟକ ମାୟାର ସୂକ୍ଷ୍ମ ରେଣୁପୁଞ୍ଜକୁ ଶିଶୁ ଅବସ୍ଥାରୁ ସୁପଥରେ ପରିଚାଳିତ କରିବାର ସଂପୂର୍ଣ୍ଣ ଦାୟିତ୍ୱ ତା'ର ମାଆ କିମ୍ବା ତା'ର ଲାଳନପାଳନ ଦାୟିତ୍ୱ ଗ୍ରହଣ କରିଥିବା ବ୍ୟକ୍ତି ବିଶେଷଙ୍କ ଉପରେ । ଏଠାରେ ଗୋଟିଏ ଅପ୍ରିୟ ସତ୍ୟର ଅବତାରଣା କଲେ ଅପ୍ରାସଙ୍ଗିକ ହେବ ନାହିଁ ବୋଲି ମନେ ହୁଏ । ତାହା ହେଉଛି, ଯେଉଁ ମାଆ ବା ତତ୍ତ୍ୱଧାରକ ଉପରେ ଶିଶୁର ଦାୟିତ୍ୱ ନ୍ୟସ୍ତ ହୋଇଯାଉଛି, ସେହି ମାଆ ବା ପାଳନକର୍ତ୍ତ୍ରୀ ନିଜେ କେଉଁ ଭାବରେ, କେତେ ପରିମାଣରେ ଶକଟକ ମାୟାଂଶକୁ ଧାରଣ କରିଛି ଏବଂ ତାହାକୁ କାର୍ଯ୍ୟକାରୀ କରାଇବାକୁ କିପରି ଅଭ୍ୟାସ କରିଛି ତାହା ମୁଖ୍ୟ ପ୍ରସଙ୍ଗ । ସେ ଯଦି ନିଜେ ସଠିକ୍ ଭାବରେ ପରିଚାଳିତ ହୋଇଥିବ, ତେବେ ତା'ର ପିଲାକୁ ସେ ଅନୁରୂପ ଭାବରେ ଗଢ଼ି ତୋଳିପାରିବ । ନଚେତ୍ ତାହାରି ପ୍ରେରଣା ଓ ଅନୁକରଣରେ ପିଲା ତା'ରି ପଥାଶ୍ରୟୀ ହୋଇଯିବ ।

"ପ୍ରକୃତିର ରୂପାନ୍ତରିତ ରୂପ ନାରୀ" । ଏହି ଉକ୍ତିର ସତ୍ୟତା ଅନ୍ତରାଳରେ ଏହି "ଶକଟକ ମାୟା" ହିଁ ମୁଖ୍ୟ । ଏହି ମାୟା ଶରୀରରେ, (ବିଶେଷ କରି ନାରୀ), ହୃଦୟରେ ଅନାବିଳ ସ୍ନେହ, ମମତା, ଆଦର, ଦୟା, କରୁଣା, ଅହିଂସା ଭାବ , ପ୍ରେମଭାବ, ଏକତ୍ୱଭାବ, ସମଭାବ ସୃଷ୍ଟି କରାଇଥାଏ । ନାଦଗର୍ଦ୍ଧଣ କୋଷ ମଧ୍ୟରେ ସୋରିଷଫୁଲର ରଙ୍ଗ ଧାରଣ କରି ସୂକ୍ଷ୍ମ ଭାବରେ ରହିଥାଏ । କିନ୍ତୁ ବ୍ୟକ୍ତି ଯଦି ନିଜର ପାରିପାର୍ଶ୍ୱିକ ଅବସ୍ଥା, କୁଅଭ୍ୟାସ ପ୍ରଭାବରେ ସ୍ୱାର୍ଥକୈନ୍ଦ୍ରିକ ହୋଇଯାଏ, ତେବେ ନାଦଗର୍ଦ୍ଧଣ କୋଷର ନିର୍ଦ୍ଦେଶକ୍ରମେ ଏହି ପରମ ପବିତ୍ର ପ୍ରେମଭାବ ଓ ମମତାରଶ୍ମୀ ତା'ର ମୌଳିକତ୍ୱ ହରାଇବସନ୍ତି ଏବଂ ନିଷ୍କ୍ରିୟ ହୋଇ ଯାଆନ୍ତି । ଫଳରେ ବ୍ୟକ୍ତି କ୍ରୁର, ନିଷ୍ଠୁର, ଅତ୍ୟାଚାରୀ, ମୁଖରା ହୋଇଯାଏ । କିନ୍ତୁ ସମାଜରେ ଅନ୍ୟମାନଙ୍କ ଶରୀର ଓ ମନର ଶକଟକ ମାୟାଂଶର ପବିତ୍ରତା ପ୍ରତିଷ୍ଠିତ ହୋଇଥିବାରୁ ସେମାନେ ଏହି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେ ସେ ନିର୍ଯ୍ୟାତିତ, ନିଷ୍ପେଷିତ ଓ ଘୃଣିତ ହେବାକୁ ବାଧ୍ୟ ହୁଏ । ସେଠାରେ ଶକଟକ ମାୟାଂଶ ହୁଏତ ସଂପୂର୍ଣ୍ଣ ନିଷ୍କ୍ରିୟ ହୋଇଯିବେ କିମ୍ବା ବିପରୀତ ଭାବ ବିଚ୍ଛୁରିତ କରିଦେବେ ।

...କ୍ରମଶଃ...

✽✽✽

*ଅଯଥା କଥାରେ ମଥା ନ ଚଳା ।*
*ଯାହା ପ୍ରାପ୍ୟ ନୁହେଁ ମନ ନ ବଳା ।।*
*ନାରୀ ଜନମରେ ହୋଇ ଅବଳା ।*
*ପାଦ ବାକ୍ୟ ମାନି ହୁଅ ସବଳା ।।*

ଦ୍ରୌପଦୀ ପରି ହୁଅନା,
ପାଞ୍ଚପାଣ୍ଡବଙ୍କୁ କତିରେ ପାଇବି
କର୍ଣ୍ଣକୁ ମନ ଦିଅନା ।।

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ମନର ଗହନରେ ଗୋପନେ ଲୁଚିଛି ସେ
ଦେଖୁଛି ରହି ରହି ତୋହର କର୍ମଧାରା
ପ୍ରେମର ଡୋରଧରି ଭକତି ଭାବଦେଲେ
ସକଳ ମାୟା ଡେକି ଦେବ ସେ ତୋତେ ଧରା ।।

ମନର ଅଭିମାନ ଦୂରକୁ ଫିଙ୍ଗି ଦେ'ରେ
ପରମପୁରୁଷଙ୍କୁ ଦେଖିବୁ ନୟନରେ
ସ୍ନେହର ଚନ୍ଦନ ତା ମଥାରେ ମାଖି ଦେ'ରେ
ରହିଯିବ ସେ ନିତ୍ୟ ତୋହରି ହୃଦୟରେ ।।

*ଚପଳମତି ଶିଶୁଟିଏ କେତେ ଆନନ୍ଦରେ ଖେଳି ଖେଳି ତା'ର ସମୟ ବିତାଇ ଦିଏ । ସେତେବେଳେ ସେ କ'ଣ ଚିନ୍ତାକରି ପାରେ ଯେ, ଆଗାମୀ ସକାଳକୁ ତା ଉପରେ କର୍ମର ଗଦାଗଦା ଭାର ତା ଉପରେ ଲଦି ହୋଇ ତାକୁ ଅବଶ କରିଦେବ ? ଏହି ପରିସ୍ଥିତି ସମସ୍ତ ଜୀବନରେ ଆସିଅଛି, ଆସୁଅଛି, ଆସୁଥିବ । ଆମର ଶୈଶବରେ ଆମେ ମଧ୍ୟ ଏହିକ୍ରମରେ ବୟସ ଅତିବାହିତ କରି ଆସିଅଛୁ। ଆଜି ପରିଣତ ବୟସରେ କର୍ମ, କର୍ତ୍ତବ୍ୟର ବୋଝରେ ନଇଁପଡ଼ି ହାୟ ହାୟ କରୁଛେ । କନ୍ତୁ ନିସ୍ତାର ନାହିଁ ? ନେଢ଼ିଗୁଡ଼ ବହିଯାଇ କହୁଣୀ ସ୍ପର୍ଶ କରି ସାରିଛି । ଆଉ ଫେରିବାର ଅବକାଶ ନାହିଁ । ତେଣୁ ଯେଉଁ ଅପରିଣାମଦର୍ଶିତା, ଅପରିପକ୍ୱବିଜ୍ଞତା କାରଣରୁ ଆମେ ଆଜି ଅନୁତାପ ଅଗ୍ନିରେ ଜଳିପୋଡ଼ି ଯାଉଛେ, ଆସମାନଙ୍କ ପିଲାମାନଙ୍କୁ କ'ଣ ସେଇ ଅବସ୍ଥାକୁ ନେଇଯିବା ବିଜ୍ଞତାର ପରିଚୟ ହେବ ? ଆମ ଅଭିଜ୍ଞତା କ'ଣ ମୂଲ୍ୟହୀନ କରି ଦେବା ? ତେଣୁ ଆମର ସର୍ବାଦୌ କର୍ତ୍ତବ୍ୟ ହେଉଛି, ଆମର ତଥା ସମାଜର ଚପଳମତି ଶିଶୁମାନଙ୍କ ମନରେ ଏବେଠାରୁ ଧର୍ମ ଧନ ସଞ୍ଚୟର କୌଶଳ ସୃଷ୍ଟି କରାଇ ସେମାନଙ୍କର ଭବିଷ୍ୟତକୁ ମଧୁମୟ କରି ଗଢ଼ି ତୋଳିବା । ସେହି ଆଧାରରେ 'ଚରମ'ର ଏହି ଧାରାବାହିକ ସ୍ତମ୍ଭର ପରିକଳ୍ପନା ପରମପୁରୁଷଙ୍କ ଆଶିଷ ବହନ କରି ଆଗେଇ ଚାଲିଛି ।''*

'ଚରମ' ସପ୍ତମପୁଷ୍ପ–ଷଷ୍ଠପାଖୁଡ଼ା – ସପ୍ତତ୍ରିଂଶତମ (୩୭) ସଂଖ୍ୟା ଅନୁଶ୍ରୁତିରୁ ....

## ଦେବଶିଶୁ ସୁଧାନନ୍ଦ

ଏହା ପୂର୍ବ ସଂଖ୍ୟାରେ ତତ୍ତ୍ୱଗୁରୁ ଅମେଧାନନ୍ଦ ତୃତୀୟ ପରୀର ସମସ୍ତ ପ୍ରଶ୍ନର ସଠିକ୍ ଉତ୍ତର ଦେବାପରେ ବ୍ରହ୍ମଙ୍କ ଆଜ୍ଞାରେ ସମାଧିସ୍ଥ ହୋଇ ଶରୀର ତ୍ୟାଗ କରିବାକୁ ସଂକଳ୍ପ ନେଲେ । ତା ପରେ :

ନିଜର ନିତ୍ୟକର୍ମ ସମାପ୍ତ କରି ଯୋଗୀ ଅମେଧାନନ୍ଦ ଧ୍ୟାନସ୍ଥ ହୋଇ ଜ୍ଞାନଗୁରୁ ଅଖଣ୍ଡାନନ୍ଦଙ୍କୁ ସ୍ମରଣ କଲେ । ଧ୍ୟାନାବସ୍ଥାରେ ଯୋଗାଯୋଗ ସ୍ଥାପନ କରି ଶରୀର ତ୍ୟାଗ କରିବାର ନିଷ୍ପତ୍ତି ତାଙ୍କୁ ଜଣାଇଦେଲେ । ଅଖଣ୍ଡାନନ୍ଦ ଆଶ୍ରମରୁ ସୁଧାନନ୍ଦଙ୍କୁ ନେଇ ତାଙ୍କ ନିକଟରେ ପହଞ୍ଚିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବିନମ୍ର ଅନୁରୋଧ ଜଣାଇଲେ । ତାଙ୍କର ଅନୁରୋଧ ରକ୍ଷାକରି ଅପେକ୍ଷାକରି ରହିବାକୁ ଅମେଧାନନ୍ଦ ସମ୍ମତି ପ୍ରଦାନ କଲେ । ସେହି ଅନୁସାରେ ଅଖଣ୍ଡାନନ୍ଦ ସୁଧାନନ୍ଦଙ୍କ ଆଶ୍ରମରେ ପହଞ୍ଚି ଗୁରୁଦେବଙ୍କ ଇଚ୍ଛା ଜଣାଇଦେଲେ ଓ ସୁଧାନନ୍ଦଙ୍କୁ ନେଇ

ଅମେଧାନନ୍ଦଙ୍କ ନିକଟରେ ପହଞ୍ଚିଗଲେ । ସୁଧାନନ୍ଦଙ୍କୁ ଦେଖିବାମାତ୍ରେ ଆନନ୍ଦରେ ବିଭୋର ହୋଇ ଅମେଧାନନ୍ଦ ଆନନ୍ଦରେ ଅଧୀର ହୋଇ ନିବିଡ଼ ଆଲିଙ୍ଗନ କଲେ ଓ ଆଶୀର୍ବାଦ ସହ ନିଜର ସମସ୍ତ ଜ୍ଞାନଶକ୍ତି, ତପଫଳକୁ ସୁଧାନନ୍ଦଙ୍କୁ ଦାନ କରିଦେଲେ । ନିର୍ଦ୍ଦେଶ, ଉପଦେଶ, ଆଦେଶ ଦେଇ ସମାଧିସ୍ଥ ହେବା ପୂର୍ବରୁ ଗୁରୁଦେବ ସୁଧାନନ୍ଦଙ୍କୁ ପରୀମାନଙ୍କର ପ୍ରଶ୍ନ ଓ ରହସ୍ୟ ପ୍ରକାଶ କରିଦେଲେ । ବିଦାୟ ସମୟରେ ସୁଧାନନ୍ଦଙ୍କୁ ଭେଟିବାର ଅନୁମତି ନେଇଥିବାରୁ ସତର୍କ କରିଦେଇ ସୁଧାନନ୍ଦଙ୍କୁ କହିଲେ, ''ସେହି ପରୀ ଯେ କୌଣସି ସମୟରେ ତୋ ନିକଟରେ ଉପସ୍ଥିତ ହୋଇ ଜଟିଳ ପରୀକ୍ଷା କରିପାରେ । ତାହାକୁ ବ୍ରହ୍ମଙ୍କ ପରୀକ୍ଷାଜ୍ଞାନ କରି ସତର୍କ ରହିବୁ । ମୁଁ ଆଶୀର୍ବାଦ ଦେଇ ଯାଉଛି, ତୁ ବିଜୟୀ ହେବୁ ।'' ଏହାପରେ ଅଖଣ୍ଡାନନ୍ଦ ଓ ସୁଧାନନ୍ଦଙ୍କ ଉପସ୍ଥିତିରେ ସମାଧିସ୍ଥ ହୋଇ ଅମେଧାନନ୍ଦ ଶରୀର ତ୍ୟାଗ କରିଗଲେ । ଅଖଣ୍ଡାନନ୍ଦଙ୍କ ନିର୍ଦ୍ଦେଶରେ ସୁଧାନନ୍ଦ ଗୁରୁଦେବଙ୍କ ଶରୀରକୁ ସେହିଠାରେ ସମାଧି ଦେଇ ନିତ୍ୟ ଶୌଚାଦି କ୍ରିୟା ପାଇଁ ଆଶ୍ରମକୁ ଫେରି ଆସିଲେ ।

ଏହାପରେ ଆଶ୍ରମର ଗୁରୁଦାୟିତ୍ୱ ସଂପୂର୍ଣ୍ଣ ଭାବରେ ସୁଧାନନ୍ଦଙ୍କ ଉପରେ ପଡ଼ିଲା । ଗତକାଲିର ସହପାଠୀ ଆଜି ଗୁରୁଙ୍କର ଆସନରେ ଅଭିଷିକ୍ତ ହେଲେ । ପ୍ରିୟ ଅନ୍ତେବାସୀମାନଙ୍କୁ ଅତି ଶ୍ରଦ୍ଧାର ସହ ପରିଚାଳନା କଲେ । ମାତ୍ର ବୟସ ଅତି କମ୍ ହୋଇଥିବାରୁ ଅନେକ ଅନ୍ତେବାସୀ ଅନ୍ତରରେ ତାଙ୍କୁ ଗ୍ରହଣ କରିପାରିଲେ ନାହିଁ । ବାରମ୍ବାର ତାଙ୍କୁ ଅପମାନସୂଚକ ବ୍ୟବହାରକରିବା ସଂଗେ ସଂଗେ ଥଟ୍ଟା, ପରିହାସ କଲେ । କିନ୍ତୁ ବ୍ରହ୍ମଜ୍ଞାନରେ ଜ୍ଞାନଧନୀ ସୁଧାନନ୍ଦଙ୍କ ଉପରେ ଏହି ପ୍ରତିକୂଳ ଅବସ୍ଥାର କୌଣସି ପ୍ରଭାବ ପଡୁନଥିଲା । ବିଶେଷ କରି ଯେଉଁମାନେ ତାଙ୍କୁ ଅଧିକ ସମାଲୋଚନା କରୁଥିଲେ, ସେ ସେମାନଙ୍କୁ ବେଶୀ ଭଲପାଉଥିଲେ ଓ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖି ତାଙ୍କର ସମସ୍ତ ଅସୁବିଧାକୁ ତତ୍କ୍ଷଣାତ୍ ଦୂରକରି ଦେଉଥିଲେ । ପ୍ରତ୍ୟେକଙ୍କର ଯୋଗ୍ୟତା ଅନୁସାରେ ଶିକ୍ଷାଦାନ କରି ବ୍ରହ୍ମଙ୍କ ଇଚ୍ଛା ଓ ଶ୍ରୀଗୁରୁଦେବଙ୍କର ଆଜ୍ଞାକୁ ଶ୍ରଦ୍ଧା, ନିଷ୍ଠାର ସହ ପାଳନ କରି ଚାଲିଥିଲେ । ଏ ସମସ୍ତ ଦାୟିତ୍ୱ ନିର୍ବାହ ସତ୍ତ୍ୱେ ସେ ତାଙ୍କ ନିଜ ସାଧନକ୍ରିୟାକୁ ଅତି କଠୋର ନିଷ୍ଠା ସହ ସଂଗଠିତ କରି ନିଜ ଲକ୍ଷ୍ୟରୁ ତିଳେମାତ୍ର ବିଚ୍ୟୁତ ହେଉ ନଥିଲେ । ଗୋଟିଏ ଚପଳମତି ବାଳକର ସାଧନା, ସଂଯମତା, ଏକାଗ୍ରତା, ସହନଶୀଳତା, ନିଷ୍ଠା, ବ୍ରତ, ଉପାସନା ଦେଖି ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଯାଉଥିଲେ । ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥିଲା, ''କିଏ ଏହି ଦେବଶିଶୁ ?''

ଲୀଳାମୟ ପରମପୁରୁଷଙ୍କ ଆଚରଣ, ବ୍ୟବହାର ଜନିତ ଲୀଳାପର୍ଯ୍ୟାୟକୁ ଲକ୍ଷ୍ୟକଲେ, ମନେହୁଏ ସେ ଯେପରି ସୁଧାନନ୍ଦ ଭଳି ସରଳବାଳକ ଠାରୁ ମଧ୍ୟ ବୟସ, ବ୍ୟବହାର ଓ ଚପଳ ସୁଲଭତାରେ ଅନେକ ଛୋଟ । ଭକ୍ତଙ୍କ ସରଳପ୍ରାଣକୁ ନେଇ ଖେଳିବାର ଏତେ ଆନନ୍ଦ ତାଙ୍କଠାରୁ ଆଉ କେହି ଅଧିକ ଆଶା କରନ୍ତି ନାହିଁ କି ପାଆନ୍ତି ନାହିଁ । ଖେଳ, କୁଦ କରି ସମୟ ବିତାଇବା ବୟସରେ ପରିଣତ ବୟସର ଦାୟିତ୍ୱ, କର୍ମ, କର୍ତ୍ତବ୍ୟ ଦେବାପରେ ମଧ୍ୟ ତାଙ୍କର ମନ ସନ୍ତୁଷ୍ଟ ହୋଇପାରିଲା ନାହିଁ । ତେଣୁ ସୁଧାନନ୍ଦଙ୍କ ସଂଗରେ ପରୀକ୍ଷା ସୂତ୍ର ନେଇ ଖେଳିବାକୁ ଆଗେଇ ଆସିଲେ ସେହି ମନମୋହନ, ବଂଶୀଧାରୀ, ନରତନୁଧାରୀ ଅବ୍ୟକ୍ତପତି । ସତେ ଯେପରି ବହୁତ ଦିନ ପରେ ଏକାନ୍ତରେ ଗୋଟିଏ ଖେଳ ସାଥୀ ତାଙ୍କୁ ମିଳିଯାଇଛି ।

ଦିନକର ଘଟଣା । ସୁଧାନନ୍ଦ ଅପରାହ୍ନର ଗୋଧୂଳି ଲଗ୍ନରେ ସ୍ନାନାଦି ନିତ୍ୟକର୍ମ ସମାପନ କରିବା ଲକ୍ଷ୍ୟରେ ଆଶ୍ରମ ନିକଟସ୍ଥ ଝରଣାକୁ ଯାଉଛନ୍ତି । ଦେଖିଲେ, ଦୂରରୁ ଠିକ୍ ତାଙ୍କରି ପରି ଛୋଟ ବାଳକଟିଏ କାନ୍ଦି କାନ୍ଦି ଆସୁଛି । ସୁଧାନନ୍ଦ ସିନା ମଣ୍ଡଳୀୟ ଆଶୀର୍ବାଦ ଓ ଜ୍ଞାନର ପ୍ରଭାବରେ ପଞ୍ଚଭୂତ, ଇନ୍ଦ୍ରିୟ ତଥା ଭୂମଣ୍ଡଳୀୟ ମାୟାଚକ୍ରରେ ବିଜେତା ହୋଇଛନ୍ତି । କିନ୍ତୁ ଯେତେବେଳେ ସ୍ୱୟଂ ମାୟାଧର ତାଙ୍କର ମାୟାପାଶ ବିସ୍ତାର କରିବେ, ତାକୁ ଭେଦ କରିବାର ଶକ୍ତି ବ୍ରହ୍ମାଣ୍ଡରେ କାହାର ଅଛି ? ସୁଧାନନ୍ଦ ବା ଜାଣିବେ କିପରି ? ହଠାତ୍ ଅଟକି ଯାଇ ସୁଧାନନ୍ଦ ସେହି ଅଚିହ୍ନା ବାଳକ ନିକଟକୁ ଗଲେ । ତା'ର ପରିଚୟ ଓ କାନ୍ଦିବାର କାରଣ ପଚାରନ୍ତେ ସେ ଅବୋଧ ବାଳକଟି ଏପରି ଅଭିନୟ କଲା ଯେ, ସେ ତା'ର ପରିଚୟ ବିଷୟରେ କିଛି ଜାଣେ ନାହିଁ ବା କହିପାରିବ ନାହିଁ । ତା ବାପାଙ୍କ ସାଙ୍ଗରେ ଜଙ୍ଗଲକୁ ବୁଲିବାକୁ ଆସିଥିଲା । ବାଟବଣା ହୋଇଯାଇଛି । ବାସ ସେତିକି । ଜୀବପ୍ରତି ଦୟାଭାବର ମୂର୍ତ୍ତିମନ୍ତ

ପ୍ରତୀକ ସୁଧାନନ୍ଦ ତତ୍‌କ୍ଷଣାତ୍ ତାଙ୍କୁ ଆଶ୍ରମ ଅନ୍ତେବାସୀ ଭାବରେ ଗ୍ରହଣ କରିନେଇ ସଂଗରେ ଆଶ୍ରମ ନେଇ ଆସିଲେ । ଧନ୍ୟ ପ୍ରଭୁ ! ତୁମର ବିଚିତ୍ରତା ! ବ୍ରହ୍ମାଧାରିତ ଆଶ୍ରମରେ ଭକ୍ତି ଜ୍ଞାନ ପ୍ରାପ୍ତ ପ୍ରିୟ ଭକତର ଅଧୀନରେ ସ୍ୱୟଂ ବ୍ରହ୍ମ ଅନ୍ତେବାସୀ ହୋଇ ଭକ୍ତର ଆଜ୍ଞା, ଆଦେଶ ପାଳନ କରିବାକୁ ଉପସ୍ଥିତ । ଏହାପରେ ଚାଲିଲା ଲୀଳାମୟଙ୍କ ଲୀଳା ସଂଗଠନ । ଠିକ୍ କିଶୋର ସଂଗରେ କିଶୋର ଖେଳିଲା ପରି ସୁଧାନନ୍ଦଙ୍କ ସହିତ ଅହରହ ବିଭିନ୍ନ ପ୍ରକାର ଲୌକିକ ଖେଳ ଖେଳିବାକୁ ଲାଗିଲେ । ତାଙ୍କର ବାଲ୍ୟଲୀଳାରେ ମୋହିତ ହୋଇ ସୁଧାନନ୍ଦ ଧୀରେ ଧୀରେ ତାଙ୍କ ମୂଳକର୍ମରୁ ଅପସରି ଯାଇ ଅହରହ ସେଇ ଅଜଣା ବାଳକ ସହ ଏକତ୍ର ହୋଇ ତା'ର ଇଚ୍ଛାମତେ ଖେଳରେ ମାତିରହିଲେ । ମାତ୍ର ଆଶ୍ରମର ଶୃଙ୍ଖଳା ପୂର୍ବବତ୍ ଅତୁଟରହି ନିର୍ବିଘ୍ନରେ ଚାଲିଥିଲା । କିନ୍ତୁ ଆଶ୍ରମବାସୀ ସୁଧାନନ୍ଦର ଏହି ପରିବର୍ତ୍ତିତ ଆଚରଣରେ ଚକିତ ହୋଇଯାଉଥିଲେ । କିଏ ଏହି ଅଦ୍ଭୁତ ଅଜଣା, ଅଚିହ୍ନା ବାଳକ ? କେଉଁଠାରୁ ଆସିଛି ? କାହିଁକି ଆସିଛି ? ଧୀରେ ଧୀରେ ସୁଧାନନ୍ଦଙ୍କୁ ପୂର୍ଣ୍ଣଭାବରେ କବଳିତ କରି କେବଳ ଖେଳସାଥିରେ ପରିବର୍ତ୍ତନ କରି ସାରିଲାଣି । କେହି କିନ୍ତୁ ସାହସ କରି କିଛି କହି ପାରୁ ନ ଥାନ୍ତି କି ସହି ପାରୁନଥାନ୍ତି । ଏହିପରି ଭାବରେ ବେଶ୍ କିଛିଦିନ ଅତିବାହିତ ହୋଇଗଲା । ସେଦିନ ଅକ୍ଷୟ ତୃତୀୟା । ଦିନ ତିନି ଘଟିକା ସମୟ । ସାଥୀ ସହ ଏକାନ୍ତରେ ମନ ଭରି ଖେଳୁଛନ୍ତି ସୁଧାନନ୍ଦ । ହଠାତ୍ ଦେଖିଲେ ଦୂରରେ ଏକ ଜ୍ୟୋତିର୍ମୟ ଉଜ୍ଜ୍ୱଳ ନୀଳ ଆଲୋକରଶ୍ମୀ କୁଣ୍ଡଳୀ ସୃଷ୍ଟି କରି ଘୂରି ଘୂରି ତାଙ୍କରିଆଡ଼କୁ ଆସୁଛି । ତାପରେ ଦେହଜ୍ଞାନଶୂନ୍ୟ ହୋଇ ଅଚେତ ହୋଇ ପଡିଗଲେ ଖେଳସାଥୀଙ୍କ କୋଳରେ । ମହାଯୋଗୀ ସମାଧିସ୍ଥ ହୋଇଗଲେ ଯୋଗେଶ୍ୱରଙ୍କ ମମତାଭରା କୋଳରେ । ସମାଧି ଅବସ୍ଥାରେ ସୁଧାନନ୍ଦ ଦେଖୁଛନ୍ତି ଦୀର୍ଘଦିନଧରି ଯେଉଁ ଅଜଣାବାଳକ ସହ ବାଲ୍ୟଚପଳତାର ଖେଳ ଖେଳି ଚାଲିଛନ୍ତି ସେ ଆଉ କେହି ନୁହଁନ୍ତି । ସେହି ନଟକୂଟଧାରୀ ଲୀଳାମୟ ପରମପୁରୁଷ । ସମାଧିରେ ଏହି ଅବସ୍ଥା ଦର୍ଶନ କରିବା ବେଳକୁ ମାୟାଧର କିନ୍ତୁ ଆଉ ନାହାନ୍ତି । ଶୂନ୍ୟପୁରୁଷ ଶୂନ୍ୟରେ ମିଳେଇ ଯାଇଛନ୍ତି । ସୁଧାନନ୍ଦଙ୍କର ଏହି ସମାଧି ଅବସ୍ଥା ବିଷୟରେ ଆଶ୍ରମର ଅନ୍ତେବାସୀମାନେ ପୂର୍ବରୁ ଅବଗତ ଅଛନ୍ତି । ତେଣୁ ତାଙ୍କର ସମାଧି ହୋଇଛି ବୋଲି ନିଶ୍ଚିତ ହୋଇ ସମସ୍ତେ ଆସି ତାଙ୍କ ଚାରିପାଖରେ ରୁଣ୍ଡ ହୋଇ ସେ ସମାଧିରୁ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଲେ । କିନ୍ତୁ ପରସ୍ପରକୁ ଚାହିଁ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଖୋଜିଲେ ସେହି ଅଜଣା, ଅଶୁଣା, ଅଚିହ୍ନା ବାଳଟିକୁ । କାହୁଁ ପାଇବେ ସେମାନେ ? ସେ ଆସିଥିଲେ କିଛିକ୍ଷଣ ପାଇଁ ତାଙ୍କ ପ୍ରିୟ ନିତ୍ୟସାଥୀ ସଂଗେ କିଛ ବାଲ୍ୟଲୀଳା କରିବାକୁ । ଲୀଳାର ଅନ୍ତିମ ପର୍ଯ୍ୟାୟରେ ନିଜର ନୀଳବର୍ଣ୍ଣାଭ ଜ୍ୟୋତି ରେଣୁକୁ ପିଣ୍ଡ ମଧ୍ୟରେ ପ୍ରବେଶ କରାଇ ଫେରିଯାଇଛନ୍ତି ତାଙ୍କର ଅମରାବତୀକୁ । ଏମାନେ ଖୋଜିବେ କେଉଁଠି, ପାଇବେ କେଉଁଠି ? ସୁଧାନନ୍ଦଙ୍କର ଏହି ସମାଧି ଅବସ୍ଥାରେ ତାଙ୍କ ମସ୍ତକ ଉପରେ ନୀଳବର୍ଣ୍ଣର ଉଜ୍ଜ୍ୱଳ ରଶ୍ମୀ ଘୂରି ଚାଲିଥିଲା । କିନ୍ତୁ ଏହି ରଶ୍ମୀ ସେଠାରେ ଉପସ୍ଥିତ ଦର୍ଶକମାନଙ୍କୁ ଧବଳ ବର୍ଣ୍ଣ ଦେଖାଯାଉଥିଲା । ଏହି ଜ୍ୟୋତିରଶ୍ମୀ ରଙ୍ଗ ପରିବର୍ତ୍ତନ କରି ଦୃଶ୍ୟମାନ ହେବାର କାରଣ ହେଉଛି, ଆଶ୍ରମ ଅନ୍ତେବାସୀମାନେ ସାଧକ ସ୍ତରର ସେହି ସୋପାନରେ ପହଞ୍ଚିନଥିଲେ, ଯେଉଁ ସ୍ତରରେ ପହଞ୍ଚିଲେ ବ୍ରହ୍ମଙ୍କ ନୀଳାଭ ଜ୍ୟୋତିପୁଞ୍ଜକୁ ଦେଖି ହେବ । ଦ୍ୱିତୀୟରେ ଉକ୍ତରଶ୍ମୀର ଧବଳବର୍ଣ୍ଣ ଦର୍ଶନ କଲେ ଦୁର୍ଜନ ବ୍ୟକ୍ତିର ଚରିତ୍ର ପରିବର୍ତ୍ତନ ହୋଇ ସଜ୍ଜନ ଅବସ୍ଥାକୁ ଗତିକରେ । ସେ ନିରହଙ୍କାରୀ ହୋଇ ଶାନ୍ତ ପାଲଟି ଯାଏ । ଦୁଷ୍ଟ ବ୍ୟକ୍ତି ଶିଷ୍ଟ ବ୍ୟକ୍ତିରେ ରୂପାନ୍ତରିତ ହୋଇଯାଏ । ତେଣୁ ସୁଧାନନ୍ଦଙ୍କ ମସ୍ତକ ଉପରେ ଏହି ଧବଳ ଜ୍ୟୋତିପୁଞ୍ଜ ଦର୍ଶନ କରିବାମାତ୍ରେ ଆଶ୍ରମ ଅନ୍ତେବାସୀମାନଙ୍କ ମଧ୍ୟରେ ଯେଉଁମାନେ ସୁଧାନନ୍ଦଙ୍କୁ ବିରୋଧ କରି ପରିହାସ କରୁଥିଲେ, ସେମାନଙ୍କର ତଡିତ୍ ବେଗରେ ପରିବର୍ତ୍ତନ ହେଲା ଓ ତତ୍‌କ୍ଷଣାତ୍ ସେମାନେ ସୁଧାନନ୍ଦଙ୍କୁ ପବିତ୍ରଭାବରେ ଶ୍ରଦ୍ଧା, ସମ୍ମାନ ଦେଇ ଗୁରୁରୂପରେ ସ୍ତୁତି କରିବାକୁ ଲାଗିଲେ । ଏହାର କିଛିକ୍ଷଣ ପରେ ଯୋଗୀଙ୍କର ସମାଧିରୁ ପ୍ରତ୍ୟାବର୍ତ୍ତନ ହେଲା । କିନ୍ତୁ ସେହି ବାଳକବନ୍ଧୁ ଆଉ ନଥିଲେ । ସମାଧିସ୍ଥ ଅବସ୍ଥାରେ ସେ ସମସ୍ତ ରହସ୍ୟ ଅବଗତ ହୋଇଯାଇଥିବାରୁ ଆଉ କୌଣସି ବିସ୍ମୟତା ପ୍ରକାଶ କଲେନାହିଁ କିମ୍ବା ବିବ୍ରତ ହେଲେ ନାହିଁ । ଆଶ୍ରମବାସୀ ସେହି ବାଳକ ସଂପର୍କରେ ଘନଘନ ପ୍ରଶ୍ନ ପଚାରୁଥିଲେ ମଧ ସୁଧାନନ୍ଦ ନୀରବ ରହି ମୁରୁକି ହସୁଥିଲେ । କ୍ରମଶଃ....

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଜଡ଼ବିଜ୍ଞାନ ଜଡ଼ ଶରୀର ତୁଲ୍ୟ କ୍ଷଣସ୍ଥାୟୀ । ଏଥିରେ ଆତ୍ମସଚେତନତା ବା ଆତ୍ମଜ୍ଞାନର ସରାହିଁ ନଥାଏ, ନାହିଁ । ତେଣୁ ଆଜିର ମାନବ ସମାଜ ଜଡ଼ ବିଜ୍ଞାନର ଆଶ୍ରୟୀ ହୋଇ ଯନ୍ତ୍ରମାନବରେ ପରିଣତ ହୋଇ ଭୋଗବିଳାସରେ ମାତି ସ୍ୱାର୍ଥପର ହୋଇଯାଇଛି । କୃତଘ୍ନ ହୋଇ ଯାଉଛନ୍ତି ମନୁଷ୍ୟମାନେ । ଅସତ୍ୟସତ୍ତାକୁ ସତ୍ୟ ବୋଲି ମନେକରି ମାୟାଜଡ଼ିତ ହୋଇପଡୁଛନ୍ତି । ମୋହ ପାଶରେ ପଡ଼ି ସତ୍ୟ, ନିତ୍ୟ, ଶାଶ୍ୱତ, ସନାତନଙ୍କୁ ଚିହ୍ନି ପାରୁ ନାହାନ୍ତି । ଜଡ଼ ବିଜ୍ଞାନ ସହିତ ପରମାର୍ଥ ଜ୍ଞାନର ମଧୁର ସମନ୍ୱୟ ରକ୍ଷାକରି ଚାଲିପାରିଲେ, ପୃଥିବୀରେ ଆପେ ଆପେ ଶାନ୍ତି ପ୍ରତିଷ୍ଠା ହୋଇପାରନ୍ତା । ଆଗ କାଳରେ ଲୋକ ଚରିତ୍ର ଏ କାଳର ଲୋକ ଚରିତ୍ର ଅପେକ୍ଷା ବହୁଗୁଣରେ ଉନ୍ନତ ଏବଂ ପବିତ୍ର ଥିଲା । ସେ କାଳର ଚିନ୍ତାଧାରା ଥିଲା ବହୁଳ ଭାବରେ ପରମାର୍ଥିକ । ଆଜିର ଅବକ୍ଷୟମାଣ ସମାଜକୁ ପୁନର୍ଗଠିତ କରିବାର ଗୁରୁଦାୟିତ୍ୱ ଯୁବସମାଜ ଉପରେ ନ୍ୟସ୍ତ । ସେହି ଅସୀମ ଶକ୍ତିଧର ଯୁବ ସଂପ୍ରଦାୟକୁ ଦିଗ୍‌ଦର୍ଶନ ଦେବା ଲକ୍ଷ୍ୟରେ ''ଚରମ''ର ଏହି ସଂଖ୍ୟାରେ ଆମର ନିବେଦନ :*

## ପରମାର୍ଥ ତତ୍ତ୍ୱ

ବେଦରେ ସୃଷ୍ଟିର ସକଳ ତତ୍ତ୍ୱ ପରିପୂର୍ଣ୍ଣ ହୋଇ ରହିଅଛି । ଏହା ଏକ ବିଶାଳ ଗ୍ରନ୍ଥ ଏବଂ ମାନବ ସମାଜ, ସଂସ୍କୃତି ଓ କୃଷିର ପ୍ରଧାନ ସମ୍ପତ୍ତି । ଏହା ବିଶ୍ୱର ସକଳ ଶାସ୍ତ୍ରର ମୂଳ ଓ ହୃତ୍‌ପିଣ୍ଡ ସ୍ୱରୂପ ଅଟେ । ବେଦର ଅନ୍ୟନାମ ଶ୍ରୁତି । ଏହାକୁ ଅପୌରୁଷେୟ ମଧ୍ୟ କୁହାଯାଏ । ଯଜ୍ଞାଦି କର୍ମକାଣ୍ଡ, ଆତ୍ମା, ପରମାତ୍ମା, ଇହଲୋକ, ପରଲୋକ ରହସ୍ୟ, ସ୍ୱାର୍ଥ ପରମାର୍ଥ, ପରାର୍ଥ ରହସ୍ୟ ପରି ଜ୍ଞାନକାଣ୍ଡ, ଈଶ୍ୱର ଉପାସନା, ଅଭୀଷ୍ଟ ପୂରଣ, ଐହିକ, ପାରଲୌକିକ, ପରମାର୍ଥିକ ଅଭିଳାଷ ପୂରଣ ଆଦି ଉପାସନା କାଣ୍ଡ ହିଁ ଚାରିବେଦର ପ୍ରଧାନ ଓ ମୌଳିକ ବିଷୟବସ୍ତୁ ଅଟେ । ବେଦରେ ବିଜ୍ଞାନର ଚରମତତ୍ତ୍ୱ ଆଲୋଚିତ ହୋଇଅଛି । ଆଜି ପାଶ୍ଚାତ୍ୟ ବୈଜ୍ଞାନିକ ଗଣ ଗବେଷଣା ଦ୍ୱାରା ବେଦରୁ ଅଗ୍ନିତତ୍ତ୍ୱ, ପରମାଣୁ ତତ୍ତ୍ୱ, ଇନ୍ଧନ ତତ୍ତ୍ୱ, ବ୍ୟୋମଯାନ ତତ୍ତ୍ୱ, ମହାକାଶ ତତ୍ତ୍ୱ, ଗ୍ରହନକ୍ଷତ୍ରାଦି ତତ୍ତ୍ୱଜ୍ଞାନ ଲାଭ କରି ଜଡ଼ ବିଜ୍ଞାନର ଉନ୍ନତି ପଥରେ ଯଥେଷ୍ଟ ଅଗ୍ରଗାମୀ ହୋଇପାରିଛନ୍ତି ।

ବେଦର ନିର୍ଯ୍ୟାସ ଭାବରେ ତହିଁରେ ସନ୍ନିବିଷ୍ଟ ପରମାର୍ଥ ତତ୍ତ୍ୱକୁ ହିଁ ଗ୍ରହଣ କରାଯାଏ । ସୃଷ୍ଟି ନିମନ୍ତେ ସ୍ୱୟଂ ପୂର୍ଣ୍ଣ ନିରାକାର ପରଂବ୍ରହ୍ମ ପୁରୁଷ ଓ ପ୍ରକୃତି ରୂପରେ ବିଦ୍ୟମାନ । ପୁରୁଷ ଏକ ଦିବ୍ୟ ଆଲୋକ ହେଲେ, ପ୍ରକୃତି ସେହି ଆଲୋକର ପ୍ରଭା ସ୍ୱରୂପ । ପୁରୁଷ ଦୀପଟିଏ ହେଲେ ପ୍ରକୃତି ସେ ଦୀପର ଆଲୋକ ରଶ୍ମି । ପୁରୁଷ ସୂର୍ଯ୍ୟ ହେଲେ, ପ୍ରକୃତି ସେହି ସୂର୍ଯ୍ୟର ଅସଂଖ୍ୟ କିରଣ / ଅଂଶୁ । ଯିଏ ସର୍ବତ୍ର ପରିପୂର୍ଣ୍ଣ ହୋଇ ରହିଛନ୍ତି, ତାଙ୍କୁ ବେଦରେ ପୁରୁଷ ଆଖ୍ୟା ଦିଆଯାଇଛି । ବ୍ରହ୍ମାଣ୍ଡ ତଥା ପିଣ୍ଡକୁ ପୁର ବୋଲି କୁହାଯାଏ । ସେ ସମଗ୍ର ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ, ସେହିପରି ପ୍ରତ୍ୟେକ ଜୀବପିଣ୍ଡରେ ସେ ପ୍ରାଣ ସ୍ୱରୂପରେ ବିଦ୍ୟମାନ । ତେଣୁ ତାଙ୍କୁ ବେଦରେ ପୁରୁଷ ବୋଲି କୁହାଯାଇଅଛି । ସଂପୂର୍ଣ୍ଣ ଜଗତର ନାମ ସହସ୍ର ବା ଅସଂଖ୍ୟ । ତେଣୁ ତାଙ୍କର ନାମ ମଧ୍ୟ ଅସଂଖ୍ୟ । ତାଙ୍କଠାରେ ସମଗ୍ର ଜଗତର ଅସଂଖ୍ୟ ମସ୍ତକ, ଅସଂଖ୍ୟ ଚକ୍ଷୁ, ପାଣି (ହସ୍ତ), ପାଦ ଆଦି ରହିଛି । ତେଣୁ ବେଦ ତାଙ୍କୁ ସହସ୍ରଶୀର୍ଷା ପୁରୁଷ, ସହସ୍ରାକ୍ଷ ଆଦି ନାମରେ ନାମିତ କରିଅଛି । ସେ ଅନନ୍ତ ଆକାଶ ତୁଲ୍ୟ ନିରାଧାର ଓ ସର୍ବତ୍ର ପରିପୂର୍ଣ୍ଣ ହୋଇ ରହିଥିଲେ ମଧ୍ୟ ସବୁଥିରୁ ପୃଥକ୍ ଓ ଭିନ୍ନ ଅଟନ୍ତି । ଲୁହାରେ ଚୁମ୍ବକୀୟ ଶକ୍ତି ଭଳି ସେ

ଅଦୃଶ୍ୟ, ଅପ୍ରକାଶ୍ୟ ଭାବରେ ରହି ସମସ୍ତ ଆକର୍ଷଣ କରିଥାଆନ୍ତି ଓ ପରିଚାଳନା କରିଥାଆନ୍ତି ମଧ୍ୟ । ସେ ପୃଥିବୀ, ଜଳ, ଆକାଶ, ଅଗ୍ନି ଓ ବାୟୁ ସର୍ବତ୍ର ପରିପୂର୍ଣ୍ଣ ଏବଂ ଚୁମ୍ବକ ପରି ସମସ୍ତ ଧାରଣ କରୁଅଛନ୍ତି । ସେ ଦଶଦିଗରେ ପରିପୂର୍ଣ୍ଣ ଏବଂ ଦିଗନ୍ତ ପରେ ମଧ୍ୟ ବିରାଜମାନ ଅଟନ୍ତି । ଦଶ ଆଙ୍ଗୁଳ ପରିମିତ ଜୀବର ହୃଦୟ ଦେଶରେ ସେ ସନ୍ନିବିଷ୍ଟ । ପଞ୍ଚ ସ୍ଥୂଳଭୂତ ଓ ପଞ୍ଚ ସୂକ୍ଷ୍ମଭୂତ ର ମିଶ୍ରଣ ଦଶତତ୍ତ୍ୱରେ ସେ ପରିପୂର୍ଣ୍ଣ ହୋଇ ରହିଛନ୍ତି । ଏ ସକଳ ମଧ୍ୟରେ ପରିପୂର୍ଣ୍ଣ ରହି ମଧ୍ୟ ଏହି ଦଶତତ୍ତ୍ୱର ଉର୍ଦ୍ଧ୍ୱରେ ସେ ଅବସ୍ଥାନ କରୁଅଛନ୍ତି । ତେଣୁ ତାଙ୍କର ଅନ୍ୟ ଏ ଉପାଧି ହେଉଛି ପୁରୁଷୋତ୍ତମ । ସେହି ସର୍ବଶକ୍ତିମାନ ପୁରୁଷୋତ୍ତମଙ୍କ ବ୍ୟତୀତ ସୃଷ୍ଟିର ଅନ୍ୟ କେହି ନିର୍ମାଣକାରୀ ନାହାନ୍ତି । ସେହିଁ ଏକମାତ୍ର ମୁକ୍ତିଦାତା । ସେ ବ୍ୟାପକ ଓ ପରିପୂର୍ଣ୍ଣ ଭାବରେ ସବୁରି ମଧ୍ୟରେ ରହି ସୁଦ୍ଧା ସବୁରି ଠାରୁ ପୃଥକ୍ ଓ ଭିନ୍ନ ଅଟନ୍ତି । ସେ ଜନ୍ମାଦି ରହିତ, ତଥାପି ନିଜର ସାମର୍ଥ୍ୟ ଓ ଶକ୍ତି ବଳରେ ସମଗ୍ର ଜଗତର ସ୍ରଷ୍ଟା, ପାଳୟିତା ଓ ସଂହାରକର୍ତ୍ତା ଅଟନ୍ତି ।''

ସେହି ସତ୍ ଚିତ୍ ଆନନ୍ଦ ଲକ୍ଷଣଯୁକ୍ତ ପରମପୁରୁଷଙ୍କ ଦ୍ୱାରା ଆମେ ପିତାମାତା, ଭ୍ରାତାଭଗ୍ନୀ, ପରିବାର, ପରିଜନ, ବାସଗୃହ, ଖାଦ୍ୟ, ପାନୀୟ, ବସନଭୂଷଣ ଆଦି ସକଳ ଆବଶ୍ୟକ ସାମଗ୍ରୀ ପ୍ରାପ୍ତହୋଇ ପରମ ଆନନ୍ଦରେ ଜୀବନ ନିର୍ବାହ କରୁଅଛୁଁ । ତେଣୁ ତାଙ୍କୁ ଛାଡ଼ି ଅନ୍ୟ କୌଣସି ଦ୍ୱିତୀୟଙ୍କୁ ଉପାସନା, ପୂଜାର୍ଚ୍ଚନା କରିବା ଆମପକ୍ଷରେ ଆଦୌ ଉଚିତ ନୁହେଁ । କାରଣ ସେହିଁ ଅଦ୍ୱିତୀୟ । ସେ ହିଁ ବ୍ରହ୍ମା, ବିଷ୍ଣୁ, ଈଶ୍ୱର, ସାବିତ୍ରୀ, ଗାୟତ୍ରୀ, ଲକ୍ଷ୍ମୀ, ସରସ୍ୱତୀ, ପାର୍ବତୀ, ମାହେଶ୍ୱରୀ, ଦୁର୍ଗା, କାଳୀ, ଜଗଦ୍ଧାତ୍ରୀ ସବୁକିଛି । ସେ ଅବିନାଶୀ ଓ ସତ୍, ସେ ଚିତ୍‌ଶକ୍ତି ବା ଜ୍ଞାନ ସ୍ୱରୂପ, ସେ ସଦା ଆନନ୍ଦମୟ, ସୁଖ ସ୍ୱରୂପରେ ସର୍ବତ୍ର ପରିପୂର୍ଣ୍ଣ ହୋଇ ରହିଛନ୍ତି । ତାଙ୍କରି ପୂଜାର୍ଚ୍ଚନା ଓ ଉପାସନାଦ୍ୱାରା ତାଙ୍କୁ ସନ୍ତୁଷ୍ଟ କରିପାରିଲେ ଆମେ ମଧ୍ୟ ସତ୍, ଜ୍ଞାନୀ ଓ ଆନନ୍ଦିତ ହୋଇ ପାରିବା । ତେଣୁ ସେହିଁ ଇଷ୍ଟଦେବ, ସେହିଁ ଉପାସନା ଓ ପୂଜାର୍ଚ୍ଚନାର ଯୋଗ୍ୟ । ତାଙ୍କରିଠାରୁ ଚାରିବେଦର ଉତ୍ପତ୍ତି । ଏଣୁ ଏହି ବେଦୋକ୍ତ ନିୟମରେ ଆମେ ଚଳିବା ଉଚିତ ହେବ । ଏହି ବେଦ ତାଙ୍କରି ଠାରୁ ହିଁ ଉତ୍ପନ୍ନ, ଅନ୍ୟ କୌଣସି ମୁନି, ଋଷି, ଯୋଗୀ, ତପସ୍ୱୀ – କାହାରିଦ୍ୱାରା ଏହା ପ୍ରଦର୍ଶିତ ନୁହେଁ ।

ସେ ହିଁ ସର୍ବପ୍ରଥମ ପୁରୁଷ, ସେ ସର୍ବ ଜଗତର ନିର୍ମାଣକର୍ତ୍ତା, ସେ ସମଗ୍ର ଭାବରେ ସମସ୍ତ ଜଗତରେ ପରିପୂର୍ଣ୍ଣ ହୋଇରହିଛନ୍ତି । ସେହି ପରମଈଶ୍ୱରଙ୍କୁ ହୃଦୟରୂପକ ଆକାଶରେ ସ୍ଥାପନ କରି ଅନୁଭବରେ ଆଣିପାରିଲେ ଓ ପ୍ରେମଭକ୍ତିର ସତ୍ୟ ଆଚରଣ ସହିତ ପୂଜାକଲେ ଉତ୍ତମ ଗତି ସହିତ ମୁକ୍ତିଲାଭ କରି ସୁଖଶାନ୍ତି ଆନନ୍ଦ ମିଳେ । ବେଦୋକ୍ତ ମନ୍ତ୍ରରେ ଲିପିବଦ୍ଧ ହୋଇଛି :

**'ଯଜ୍ଞେନ ଯଜ୍ଞମଯଜନ୍ତ ଦେବାସ୍ତାନି ଧର୍ମାଣି ପ୍ରଥମାନ୍ୟାସନ୍ ତେହନାଙ୍କ ମହିମାନଃ ସଚ୍ଚନ୍ତେ ଯତ୍ରପୂର୍ବେ ସାଧ୍ୟା ସନ୍ତିଦେବା ।।'**

ଅର୍ଥାତ୍ – ବିଦ୍ୱାନ୍ ତଥା ବ୍ରାହ୍ମଣମାନଙ୍କୁ ଦେବ କୁହାଯାଏ । ସେମାନେ ଅନ୍ୟ ସମସ୍ତଙ୍କର ପୂଜ୍ୟ, କାରଣ ସେମାନେ ସର୍ବଦା ପରମେଶ୍ୱରଙ୍କର ସ୍ତୁତି, ପ୍ରାର୍ଥନା, ଉପାସନା, ପୂଜା, ଅର୍ଚ୍ଚନା ଆଦି କରି ତାଙ୍କରି ଆଜ୍ଞାକୁ ଶିରୋଧାର୍ଯ୍ୟ କରି ଚଳିଥାଆନ୍ତି । ଏହି କାରଣରୁ ବେଦରେ ପ୍ରଥମେ ପରମେଶ୍ୱରଙ୍କର ସ୍ତୁତି କରାଯାଇଅଛି । ଯେଉଁମାନେ ତାଙ୍କରି ଉପାସନା କରି ଶୁଭ କର୍ମାନୁଷ୍ଠାନ କରନ୍ତି, ସେମାନେ ସମସ୍ତ ଦୁଃଖରୁ ମୁକ୍ତ ହୋଇ ଜଗତର ପୂଜ୍ୟ ଅଟନ୍ତି ଏବଂ ପରମପୁରୁଷାର୍ଥ ପ୍ରାପ୍ତ ହୋଇ ପ୍ରେମାନନ୍ଦରେ ଅବସ୍ଥାନ କରନ୍ତି । ଏହାହିଁ ଜୀବନ୍ମୁକ୍ତି ଓ ମୋକ୍ଷ ଅଟେ । ସେମାନେ ଆଉ ଜନ୍ମମୃତ୍ୟୁ ଚକ୍ରରେ ପଡ଼ନ୍ତି ନାହିଁ ।

ପରମପୁରୁଷ ପ୍ରକୃତିର ସାହଚର୍ଯ୍ୟରେ ଜଗତ ତଥା ଜଗତର ପ୍ରତ୍ୟେକ ବସ୍ତୁ ନିର୍ମାଣ କରିଥିବାରୁ ତାଙ୍କର ଅନ୍ୟନାମ ବିଶ୍ୱକର୍ମା । ସୃଷ୍ଟି ସର୍ଜନା ପୂର୍ବରୁ ଏହି ବିଶାଳ ବିଶ୍ୱ ବ୍ରହ୍ମାଣ୍ଡ ପରମାତ୍ମାଙ୍କର ନିର୍ଗୁଣ ଶକ୍ତିରେ ନିର୍ଗୁଣକାରଣ

ରୂପରେ ବିଦ୍ୟମାନ ଥିଲା । ତତ୍ପରେ ଏହି ନିର୍ଗୁଣ କାରଣ ରୂପ ବିଶାଳ ବିଶ୍ୱ ବ୍ରହ୍ମାଣ୍ଡ ନିର୍ଗୁଣତା ହରାଇ ତ୍ରିଗୁଣସୂତ୍ରରେ ସୂକ୍ଷ୍ମ ରୂପରେ ପ୍ରତିଭାତ ହେଲା । ପରବର୍ତ୍ତୀ ଅବସ୍ଥାରେ ସଗୁଣ ସ୍ଥୁଳ ସୃଷ୍ଟି ସର୍ଜନା ହେବାରୁ ଏହା କାର୍ଯ୍ୟ ନାମରେ ଅଭିହିତ ହେଲା ଓ ଗୁଣଯୁକ୍ତ ହୋଇ ତ୍ରିଗୁଣମୟ ହେଲା । ସୃଷ୍ଟିରେ ମନୁଷ୍ୟ ଦିବ୍ୟକର୍ମ କରି ଦେବତୁଲ୍ୟ ହେଲା । କାରଣ ସମଗ୍ର ସ୍ଥୁଳସୃଷ୍ଟିରେ କେବଳ ମନୁଷ୍ୟ ହିଁ କର୍ମ, ଉପାସନା, ଜ୍ଞାନ, ଭକ୍ତି, ବିଜ୍ଞାନ ଆଦି ସକଳ ଉତ୍ତମ ଗୁଣଯୁକ୍ତ ହୋଇ ବ୍ରହ୍ମଜ୍ଞାନର ଅଧିକାରୀ ହୋଇପାରେ । ବେଦ ମତରେ ଯେଉଁ ବ୍ୟକ୍ତି ଉତ୍ତମ କର୍ମରେ ନିୟୋଜିତ ରହିପାରେ, ସେ ସଂସାରରେ ଥିଲେ ମଧ୍ୟ ପରମ ଆନନ୍ଦ, ପରମପଦ ଲାଭ କରି ପାରେ ଓ ସତ୍‌କର୍ମ ଆଚରଣକରି ପୁରୁଷାର୍ଥ ପ୍ରାପ୍ତ ହୋଇ ଦେବତା (ଦିବ୍ୟାତ୍ମା)ରେ ପରିଣତ ହୁଏ । ତା'ପାଇଁ 'ଚରମପ୍ରାପ୍ତି' ଅତ୍ୟନ୍ତ ସହଜ ବ୍ୟାପାର ହୋଇଯାଏ ।

ପରମାର୍ଥ ତତ୍ତ୍ୱଜ୍ଞାନ ଲାଭକରି ବ୍ୟକ୍ତି ପ୍ରକୃତ ଅର୍ଥରେ ଜ୍ଞାନୀ ହୁଏ। ସେତେବେଳେ ସେ ଅନ୍ତଃକରଣରେ ପ୍ରକୃଷ୍ଟ ଓ ନିର୍ଦ୍ଦିଷ୍ଟ ଭାବରେ ଉପଲବ୍ଧିକରେ ଯେ, ପରମାତ୍ମା ସର୍ବଶକ୍ତିମାନ । ଏହା ଉତ୍ତମରୂପେ ଉପଲବ୍ଧି ବା ଅନୁଭବ ନ କରିବା ପର୍ଯ୍ୟନ୍ତ, ସେ ଯେତେ ବାଚନିକ ପ୍ରବଚନ ଦେଇ ପ୍ରବକ୍ତା/ପ୍ରବଚକର ଉଚ୍ଚ ପଦବୀ ବା ଉଚ୍ଚ ଆସନ ଏବଂ ସୁଉଚ୍ଚ ସମ୍ମାନ, ପ୍ରସିଦ୍ଧି, ପ୍ରଶଂସା ଓ ଯଶ ପାଉ ନା କାହିଁକି ପ୍ରକୃତ ଅର୍ଥରେ ଜ୍ଞାନୀ ପଦବାଚ୍ୟ ହୋଇପାରେ ନାହିଁ କିମ୍ବା ଆତ୍ମଜ୍ଞାନୀ ହୋଇପାରେ ନାହିଁ । ଆତ୍ମଜ୍ଞାନ ବଳରେ ସେ ଦୁଃଖତାପ ପରିପୂର୍ଣ୍ଣ ଭବସାଗରରୁ ମୁକ୍ତ ହୋଇ ଭକ୍ତରେ ପରିଣତ ହୁଏ ଓ ମୋକ୍ଷ, ନିର୍ବାଣ ଚରମ ପ୍ରାପ୍ତ ହୁଏ । ତେଣୁ ବେଦ ଏହି ଗୋଟିଏ କଥା ବାରମ୍ବାର କହେ – ପ୍ରତ୍ୟେକ ବ୍ୟକ୍ତି ସେହି ପୁରୁଷୋତ୍ତମଙ୍କର ଉପାସନା କରବା ଉଚିତ । ଅନ୍ୟ ସକଳ ଦେବାଦେବୀ ଉପାସନା ତାଙ୍କରି ଉପାସନାର ହିଁ ରୂପାନ୍ତର ମାତ୍ର । ପୁରୁଷୋତ୍ତମ ହିଁ ଏକମାତ୍ର ମୋକ୍ଷଦାତା ଅଟନ୍ତି । ତାଙ୍କରି କରୁଣାରୁ ଚରମପ୍ରାପ୍ତି ସମ୍ଭବ ହୁଏ । ପରମାର୍ଥ ତତ୍ତ୍ୱଜ୍ଞାନ ଲାଭ ବ୍ୟତୀତ ଜୀବର ଅନ୍ୟପନ୍ଥା ନାହିଁ । **'ନ୍ୟାନ୍ୟଃ ପନ୍ଥାଂ ବିଦ୍ୟତେ ଅୟନାୟ ।'** ଏହାହିଁ ବେଦୋକ୍ତ ବାଣୀ ।

ପୁରୁଷୋତ୍ତମ ହିଁ ସମଗ୍ର ଜଗତର ଗୁରୁସ୍ୱାମୀ ଓ ସର୍ବଶ୍ରେଷ୍ଠ ଅଟନ୍ତି । ସେ ସମସ୍ତ ଜଡ଼ ଓ ଚେତନର ଅନ୍ତର୍ଗତ ଓ ସର୍ବତ୍ର ପରିବ୍ୟାପ୍ତ । ଅନ୍ତର୍ଯ୍ୟାମୀ ଆତ୍ମା ରୂପରେ ସେ ପ୍ରତି ଜୀବ ମଧ୍ୟରେ ଅବସ୍ଥାନ କରୁଅଛନ୍ତି । ସେ ସ୍ୱୟଂ ଅଜନ୍ମା ତଥାପି ସଗୁଣରେ ଧରାପୃଷ୍ଠରେ ଜନନୀ ଜଠର ଜରାୟୁ ମଧ୍ୟଦେଇ ଧରାଧାମରେ ଜୀବୋଦ୍ଧାର ପାଇଁ ପ୍ରକଟ ହୁଅନ୍ତି । ସତ୍ୟ ଆଚରଣ ଓ ତତ୍ତ୍ୱଜ୍ଞାନ ବଳରେ ଏହି ପରମାର୍ଥ ତତ୍ତ୍ୱ ଲାଭ କରାଯାଇଥାଏ । ସେହି ଚରମ ପୁରଷଙ୍କୁ ସର୍ବତ୍ର ବିଦ୍ୟମାନ ଥିବାର ଅନୁଭବ କରି ପାରିଲେ ଜୀବ ମଧ୍ୟରେ ଆତ୍ମା ସ୍ୱରୂପରେ ବିରାଜମାନ ବୋଲି ସୁଦୃଢ଼ ଅନୁଭୂତି ସହିତ ଦୃଢ଼ ଧାରଣା ନିଜର ଅନ୍ତଃକରଣରେ ସୃଷ୍ଟିକରି ବଳବତ୍ତର କରି ପାରିଲେ, ଜୀବ ଜୀବନ୍ମୁକ୍ତ ହୋଇ ମୋକ୍ଷ ସୁଖ ପ୍ରାପ୍ତ ହୁଏ, ନିର୍ବାଣତ୍ୱ ଲାଭ କରେ ଏବଂ ଚରମପ୍ରାପ୍ତି ମଧ୍ୟ ହୋଇଥାଏ । ଫଳତଃ ଜୀବ ଜନ୍ମମରଣ ରହିତ ହୋଇ କର୍ମଫଳ ଭୋଗପାଶରୁ ମୁକ୍ତ ହୋଇଯାଏ ।

ଚରମପୁରୁଷ ଗୁରୁସ୍ୱାମୀ ଜ୍ଞାନୀମାନଙ୍କ ପାଇଁ ଆଲୋକ ବର୍ତ୍ତିକା ସଦୃଶ । ସେ ଆତ୍ମ ପ୍ରକାଶକ ଅଟନ୍ତି । ସେ ଭକ୍ତଙ୍କ ପାଇଁ ଅତ୍ୟନ୍ତ ସୁଖ ପ୍ରଦାନକାରୀ, ଧାରଣକାରୀ ଓ ପୋଷଣକାରୀ ଅଟନ୍ତି । ତେଣୁ ଭକ୍ତ କେବେ ବି ଦୁଃଖ ସାଗରରେ ନିମଜ୍ଜିତ ହୁଏ ନାହିଁ । ପ୍ରଭୁ ସ୍ୱୟଂ ହିଁ ଆନନ୍ଦ ସ୍ୱରୂପ । ତେଣୁ ଭକ୍ତ ପ୍ରଭୁଙ୍କୁ ଆଦିକର୍ତ୍ତା ଓ ପିତୃଜ୍ଞାନ କରି ସତ୍ୟ ଭାବ ଓ ସତ୍ୟ ଆଚରଣ ଦ୍ୱାରା ସମସ୍ତଙ୍କୁ ପ୍ରେମ ପ୍ରୀତି ପ୍ରଦାନ କରନ୍ତି, ଅନ୍ୟର କଲ୍ୟାଣ ଅକୁଣ୍ଠିତ ଭାବରେ କରନ୍ତି । ଏଣୁ ତାଙ୍କୁ ପ୍ରକୃତ ଅର୍ଥରେ ବିଦ୍ୱାନ କୁହାଯାଏ ।

ବ୍ରହ୍ମଜ୍ଞାନ ବା ପରମାର୍ଥିକ ତତ୍ତ୍ୱ ପ୍ରକୃତ ପକ୍ଷରେ ଅତ୍ୟନ୍ତ ଆନନ୍ଦଦାୟକ ଓ ଆନନ୍ଦ ବର୍ଦ୍ଧକ ତଥା ଆନନ୍ଦପୋଷକ । ଏହା ଆନନ୍ଦପ୍ରାପ୍ତ ହେବା ପାଇଁ ଆଗ୍ରହ ସୃଷ୍ଟିକରେ । ପରମାର୍ଥ ତତ୍ତ୍ୱଜ୍ଞାନ ଦିବ୍ୟାନନ୍ଦ ପ୍ରଦାନ କରେ । କାରଣ ଏହା ଆନନ୍ଦଘନମୂର୍ତ୍ତି ସଚ୍ଚିଦାନନ୍ଦ ପରମପୁରୁଷଙ୍କର ପ୍ରକୃତ ଓ ପ୍ରକୃଷ୍ଟ ପରିଚୟ ପ୍ରଦାନ କରେ । ଯେଉଁ ବ୍ୟକ୍ତି ବ୍ରହ୍ମଙ୍କର

ଏହି ପରିଚୟ ଲାଭ କରନ୍ତି, ତାଙ୍କର ମନ ଓ ଇନ୍ଦ୍ରିୟ ଆପେ ଆପେ ବଶୀଭୂତ ହୋଇ ଯାଆନ୍ତି । ସମସ୍ତଙ୍କ ପକ୍ଷରେ ଏହା ସମ୍ଭବ ନୁହେଁ ।

**''ଶ୍ରୀଶ୍ଚତେ ଲକ୍ଷ୍ମୀଶ୍ଚପତ୍ନ୍ୟାବହୋରାତ୍ରେ ପାର୍ଶ୍ୱେନକ୍ଷେତ୍ରାଣି ରୂପମଶ୍ୱିନୌ ବ୍ୟାତ୍ତମ୍**

**ଇଷ୍ଣନିଷାଣମୁଂ ମାଇଷାଣ ସର୍ବ ଲୋକଂ ମଇଷାଣ ।।''**

ଏହି ବେଦୋକ୍ତ ମନ୍ତ୍ରରେ ପରଂବ୍ରହ୍ମ ଭଗବାନ ଠାକୁରଙ୍କୁ ସମ୍ବୋଧନ କରି ଏବଂ ପ୍ରାର୍ଥନା କରି କୁହାଯାଇଛି ଯେ – ହେ ପୁରୁଷୋତ୍ତମ ଚରମ ପୁରୁଷ ! ଆପଣଙ୍କର ଅନନ୍ତ ଶୋଭା ଏବଂ ଜ୍ଞାନର ଭଣ୍ଡାର ଯେଉଁ ଶ୍ରୀ, ଅନନ୍ତ ଶୁଭଲକ୍ଷଣ ଓ ବିଭବ ପରିପୂର୍ଣ୍ଣ ଯେଉଁ ଲକ୍ଷ୍ମୀ – ସେ ଦୁଇଜଣ ଆପଣଙ୍କର ସ୍ତ୍ରୀ ଅଟନ୍ତି । ଏହାର ତାତ୍ପର୍ଯ୍ୟ ହେଉଛି – ଯେପରି ସ୍ତ୍ରୀ ପତିଙ୍କର ସେବାକରେ, ସେହିପରି ଏହି ଦୁଇଜଣ ସର୍ବଦା ଆପଣଙ୍କ ସେବାରେ ନିୟୋଜିତ ଅଛନ୍ତି । ଆପଣ ହିଁ ଜଗତକୁ ଶୋଭା, ଜ୍ଞାନ, ବିଭବ, ଶୁଭଲକ୍ଷଣାଦିରେ ପରିପୂର୍ଣ୍ଣ କରିଅଛନ୍ତି । ଯେଉଁସବୁ ପଦାର୍ଥ ଆପଣଙ୍କର ଅଧୀନ ସେହି ସବୁ ବିଷୟକୁ ଭିତ୍ତିକରି ସରସ୍ୱତୀ ଓ ଲକ୍ଷ୍ମୀ ରୂପରେ ସେମାନେ ବର୍ଣ୍ଣିତ । ଦିବା ଓ ରାତ୍ର ଦ୍ୱୟ ଦୁଇ କକ୍ଷ ବା ପାର୍ଶ୍ୱ ତୁଲ୍ୟ ନେତ୍ର ସ୍ଥାନୀୟ ଅଟନ୍ତି । ଅଗଣିତ ଗ୍ରହପୁଞ୍ଜ ଓ ନକ୍ଷତ୍ରାଦି ଆପଣଙ୍କର ସ୍ୱରୂପ ଅନ୍ତର୍ଗତ । ଦ୍ୟୌଃ, ସୂର୍ଯ୍ୟ ଆଦିଙ୍କର ପ୍ରକାଶ ଏବଂ ବିଦ୍ୟୁତ୍ ଆଦି ଆପଣଙ୍କର ଶ୍ରୀମୁଖ ତୁଲ୍ୟ ଶୋଭାବନ୍ତ ଏବଂ ଅଗ୍ନିମୟ ଅଟନ୍ତି । ଏମାନେ ସମସ୍ତେ ଆପଣଙ୍କ ସେବାରେ ଏବଂ ବିଶ୍ୱବ୍ରହ୍ମାଣ୍ଡର ସେବାରେ ନିୟୋଜିତ ଅଛନ୍ତି । ମହାଶୂନ୍ୟ ମଣ୍ଡଳ ଆପଣଙ୍କର ମୁଖଗହ୍ୱର ସ୍ୱରୂପ ଏବଂ ମହାକାଳ ସ୍ୱରୂପ ହେ ପ୍ରଭୁ ! ଆପଣଙ୍କ କରୁଣା ଓ କଲ୍ୟାଣରୁ ଆମ୍ଭେମାନେ ପରଲୋକରେ ମୋକ୍ଷ, ନିର୍ବାଣ, ଚରମ ପ୍ରାପ୍ତି ଏବଂ ଇହସଂସାରରେ ସର୍ବୋତ୍ତମ ସୌଭାଗ୍ୟର ଅଧିକାରୀ ହୋଇ ସୁପଥରେ ପରିଚାଳିତ ହେବା ପାଇଁ ବିନୟ ପ୍ରାର୍ଥନା କରୁଅଛୁଁ । ତାହା ଆପଣ ଦୟାକରି ପୂର୍ଣ୍ଣ କରନ୍ତୁ ।

**ଓଁ ପରମବ୍ରହ୍ମଣେ ନମଃ !!**

**ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!**

**ଓଁ କ୍ଳୀଂକେଶବାୟ ନମଃ !!!**

❋❋❋

**'ବେଦାନ୍ତ ବାକ୍ୟେଷୁ ସଦାରମନ୍ତଃ**

**ଭିକ୍ଷାନ୍ନ ମାତ୍ରେଣ ଚ ତୁଷ୍ଟିମନ୍ତଃ ।**

**ଅଶୋକ ମନ୍ତଃ କରଣେ ରମନ୍ତଃ**

**କୌପୀନବନ୍ତଃ ଖଳୁଭାଗ୍ୟବନ୍ତଃ ।।' 'କୌପୀନ ପଞ୍ଚକ ।'**

**'ଆଚାର୍ଯ୍ୟଶଙ୍କର ।'**

# ଜିଜ୍ଞାସା : ଜିଜ୍ଞାସୁ

**ଶ୍ରୀ ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନାଁ ପ୍ରସଙ୍ଗେ ଆଲୋଚନାର ଧାରା ବିବରଣୀ :**

ଜିଜ୍ଞାସୁ : ଠିକ୍ ଭାବେ ବୁଝି ହେଲା ନାହିଁ ।

ଠାକୁର : ଦୈବ ଓ ଅସୁର ଏହି ଦୁଇଟି ପରସ୍ପର ବିରୋଧି ତତ୍ତ୍ୱ । ପୁରାଣ ପୃଷ୍ଠାକୁ ଲକ୍ଷ୍ୟ କର । ଦେବତା ଓ ଅସୁର ମାନଙ୍କର କଳି ସବୁ ସମୟରେ ଲାଗି ରହିଛି । କେତେବେଳେ ଅସୁରମାନେ ଜିତାପଟ ତ କେତେବେଳେ ଦେବତାମାନେ ଜିତାପଟ । ଏହି ଦୁଇ ଶକ୍ତି ସମ ଶକ୍ତି ସଂପନ୍ନ । କିନ୍ତୁ ଗୁଣ ଧର୍ମରେ ଅଲଗା, ଅଲଗା । ଏଣୁ ଦୁଇ ବିରୋଧି ତତ୍ତ୍ୱର ସଂଗ୍ରାମରେ ଯେଉଁ ତୃତୀୟ ତତ୍ତ୍ୱ ଜନ୍ମନିଏ ତାହା ପ୍ରଳୟ ଓ ଧ୍ୱଂସର କାରଣ ହୋଇଥାଏ ।

ଜିଜ୍ଞାସୁ : ହଁ ଆଜ୍ଞା

ଠାକୁର : ଦୈବ ଓ ଅସୁର ଦୁଇ ବିରୋଧି ତତ୍ତ୍ୱର ସଂଗ୍ରାମରୁ ତୃତୀୟ ତତ୍ତ୍ୱ ପ୍ରଳୟ ସୃଷ୍ଟି ହୋଇଥାଏ । କିନ୍ତୁ ଯେତେବେଳେ ଦୈବ ଓ ଅସୁର ଦୁଇ ବିରୋଧି ତତ୍ତ୍ୱର ସମନ୍ୱୟ ହୁଏ । ସେତେବେଳେ ମୈତ୍ରୀ ଜାତ ହୁଏ । ଏହା ସୃଷ୍ଟି ତତ୍ତ୍ୱର ନିୟମ । ଏହି ନିୟମରେ ସ୍ରଷ୍ଟା ସୃଷ୍ଟିକୁ ନିର୍ମାଣ କରିଛନ୍ତି ।

ଜିଜ୍ଞାସୁ : କିପରି ?

ଠାକୁର : ଅସୁର ଓ ଦୈବ ଦୁଇ ତତ୍ତ୍ୱ ବହ୍ନୋଦ୍ଭବ । ଦୁଇ ବିରୋଧି ତତ୍ତ୍ୱକୁ ନେଇ ସୃଷ୍ଟି ନିର୍ମାଣ କରା ଯାଇଛି । ଗୋଟିଏ ତତ୍ତ୍ୱ ଉତ୍ପତ୍ତିକାରକ ରୂପେ ଖାଦ୍ୟ ପ୍ରସ୍ତୁତ କରୁଥିବା ପରିପ୍ରେକ୍ଷୀରେ ଅନ୍ୟ ତତ୍ତ୍ୱଟି ଧ୍ୱଂସକାରକ ରୂପେ ଖାଦକର ରୂପ ନେଇଥାଏ । ଖାଦ୍ୟ, ଖାଦକ, ଦୈବ, ଅସୁର ଯେତେବେଳେ ସମନ୍ୱୟ ରକ୍ଷାକରି ମିଶିଯାଆନ୍ତି ସେତେବେଳେ ମୈତ୍ରୀ ରୂପ ଅମୃତ ଭାଣ୍ଡର ଜନ୍ମ ନିଏ । ଖାଦ୍ୟ ଖାଦକର ସମନ୍ୱୟରେ ସଂଯୋଗରୁ ଆନନ୍ଦ ରୂପ ଶାନ୍ତି ଆସିଥାଏ ।

ଜିଜ୍ଞାସୁ : ଦୈବ ଓ ଅସୁର ଏହି ଦୁଇ ତତ୍ତ୍ୱର ସମନ୍ୱୟ କେତେବେଳେ କିପରି କେଉଁ ସମୟରେ ଆସିଥାଏ ?

ଠାକୁର : ପୁରାଣ ପୃଷ୍ଠାକୁ ଲକ୍ଷ୍ୟ କଲେ ଜ୍ୱଳନ୍ତ ଉଦାହରଣ ପାଇ ପାରିବ ।

ଜିଜ୍ଞାସୁ : ଦୟାକରି ଟିକେ କୁହନ୍ତୁ ।

ଠାକୁର : ଆସୁରୀ ସଂପଦର ପ୍ରାବଲ୍ୟ ହେଲେ ଅସୁର ମାନେ ଉତ୍ତେଜିତ ହୋଇ ଦୈବ ସଂପଦ ଯଥା : ଯଜ୍ଞକୁ ନଷ୍ଟ କରି ଯାଜ୍ଞିକ ମାନଙ୍କୁ ବଧ କରିଥାଆନ୍ତି । ଫଳତଃ ଯଜ୍ଞ ନଷ୍ଟ ହେଲେ ଯଜ୍ଞରୁ ଉତ୍ପତ୍ତି ବର୍ଷା ଓ ବର୍ଷାରୁ ଉତ୍ପତ୍ତି ଶସ୍ୟ ଉତ୍ପନ୍ନ ହୋଇପାରେ ନାହିଁ ଏବଂ ଶସ୍ୟକୁ ନେଇ ଜୀବର ଜୀବନ ହୋଇଥିବାରୁ ଜୀବନ ମୂଳରେ ଥିବା ସ୍ୱଭାବର ସମ୍ପଦ ନଷ୍ଟ ହୋଇଥାଏ । ଯେଉଁ ସ୍ୱଭାବ ବଳରେ ଯଜ୍ଞର ନଷ୍ଟ ହୁଏ, ଯଜ୍ଞ ନଷ୍ଟ ହେଲେ ସ୍ୱଭାବ ଶକ୍ତିହୀନ ଭାବେ ନଷ୍ଟ ହୋଇଥାଏ । ସ୍ୱଭାବ ରୂପି ଆସୁରି ସଂପଦ ଦ୍ୱାରା ଯଜ୍ଞରୁ ଉତ୍ପନ୍ନ ସଂପତ୍ତି ନଷ୍ଟ ହେତୁ ଅନାହାର ଦୋଷରେ କଷ୍ଟ ଭୋଗି ଥାଆନ୍ତି । ଏଣୁ ଯଜ୍ଞର ନଷ୍ଟରୁ ଆସୁରୀ ଓ ଦୈବୀ ଦୁଇ ସଂପଦ ବିପର୍ଯ୍ୟସ୍ତ ହୋଇ ସମନ୍ୱୟ ଆଣିବାକୁ ବାଧ ହୋଇଥାଆନ୍ତି ।

ଜିଜ୍ଞାସୁ : ପୁରାଣରେ ଏପରି କାହାଣି ଅଛି କି ?

ଠାକୁର : ହଁ ପୁରାଣ ପୃଷ୍ଠାର ସମୁଦ୍ରମନ୍ଥନ କେଉଁମାନଙ୍କ ଦ୍ୱାରା ହୋଇଥିଲା । ଫଳ ସ୍ୱରୂପ ଲକ୍ଷ୍ମୀଭଣ୍ଡାର ଓ ଅମୃତଭାଣ୍ଡ ଭଳି ଦିବ୍ୟ ପଦାର୍ଥମାନ ବାହାରିଥିଲା । ଅସୁରରାଜ ବଳି ଅସୁରମାନଙ୍କ ସହ ଓ ଦେବରାଜ ଇନ୍ଦ୍ର ଦେବତାମାନଙ୍କ ସହ ଭ୍ରାତୃତ୍ୱ ସ୍ଥାପନ କରି ସମୁଦ୍ର ମନ୍ଥନ କରିଥିଲେ । ଦୁହେଁ ପରସ୍ପର ବିରୋଧି ଧର୍ମ ସମ୍ପନ୍ନ ସର୍ବଦା ସଂଗ୍ରାମ ରତ । କିନ୍ତୁ ଯେତେବେଳେ ସେମାନେ ସଂଗ୍ରାମର ପ୍ରଳୟଙ୍କରୀ ଧ୍ୱଂସ ବିଭିଷିକାକୁ ଅନୁଭବ କଲେ, ବୋଧ ଭିତରକୁ ଆଣିଲେ । ସେତେବେଳେ ସମନ୍ୱୟର ଚେତନା ଆସିଲା । ଏଣୁ ଦୁଇ ଭାଇ ହାତ ମିଳାଇଲେ । ମୁନିରଷି ଯଜ୍ଞ କଲେ, ଦେବତାମାନେ ବିଷୟ ଉତ୍ପନ୍ନ କଲେ । ଜୀବ ଜଗତ ଖାଦ୍ୟ ପାଣି ପାଇଲା । ସମସ୍ତେ ସନ୍ତୁଷ୍ଟ ହେଲେ । ଅସୁରମାନେ ଭକ୍ଷକ ପରିବର୍ତ୍ତେ ସମ୍ପଦର ରକ୍ଷକ ହେଲେ, ବିଶ୍ୱରେ ସମନ୍ୱୟ ରୂପେ ଭ୍ରାତୃତ୍ୱ ପ୍ରତିଷ୍ଠା ହୁଏ ।

ଜିଜ୍ଞାସୁ : ଏତ ପୁରାଣ କଥା । ତେବେ ଶରୀର ତତ୍ତ୍ୱରେ କିପରି ଦୈବ ଓ ଅସୁର ସମ୍ପଦର ସମନ୍ୱୟ ରକ୍ଷା ହେବ ?

ଠାକୁର : ପ୍ରତି ଶରୀରରେ ଦୈବ, ଅସୁର, ବିଷ-ଅମୃତ, ଭଲ-ମନ୍ଦ, ହାନି-ଲାଭ, ପାପ-ପୁଣ୍ୟ, ସମାନ ଭାବରେ ଆସିଅଛି । ବିଧାତା ମଧ୍ୟ ଦୁଇ ତତ୍ତ୍ୱର ସମାନତାରେ ସୃଷ୍ଟି ସର୍ଜନା କରିଅଛନ୍ତି । ଦୈବ ସଂପଦରେ ବିଷୟମାନ ଉତ୍ପନ୍ନ କରିଥାଆନ୍ତି । ଯଥା :- ଶବ୍ଦ, ସ୍ପର୍ଶ, ରୂପ,ରସ, ଗନ୍ଧ । ଯେତେ ପଦାର୍ଥ ରୂପ ବିଷୟମାନ ଦୃଶ୍ୟ ଅଦୃଶ୍ୟରେ ରହିଛି ତାହା ବିଧାତା ପ୍ରାଣୀର ପ୍ରାଣ ସଞ୍ଚାରିଣି ଶକ୍ତି ଓ ଜୀବର ଜୀବନ ପାଇଁ ନିର୍ମାଣ କରି ଅଛନ୍ତି । ପୁନରାୟ ଆସୁରୀ ସଂପଦ ବା ତମଗୁଣରୁ ଦୈବ ସଂପଦ ଜାତ ବିଷୟମାନଙ୍କୁ ଆହାର କରିବା ପାଇଁ ଇନ୍ଦ୍ରିୟମାନ ନିର୍ମାଣ କରିଅଛନ୍ତି । ଏହି ଇନ୍ଦ୍ରିୟଗଣ ବିଷୟମାନଙ୍କୁ ଆହାର କରି ଜୀବକୁ ପୋଷଣ କରିଥାଆନ୍ତି । ଆହାର ବିନା ଜୀବର ପ୍ରାଣ ସଞ୍ଚାର ହୋଇ ପାରେ ନାହିଁ । ଏଣୁ ଆସୁରୀ ସଂପଦ ଓ ଦୈବୀ ସଂପଦ ପରସ୍ପର ପରି ପୋଷକ । ଜଣକୁ ଆଉ ଜଣେ ଆଶ୍ରୟ କରି ନିଜ ସ୍ଥିତିକୁ ବଜାୟ ରଖିଥାଆନ୍ତି । ସୁତରାଂ ଦୁଇ ତତ୍ତ୍ୱର ସମତା ଓ ସମନ୍ୱୟ ନ ରହିଲେ ଦୁଇଶକ୍ତି ନିଜ ନିଜର କ୍ଷମତାରେ ନିଜକୁ ନିଜେ ବିଧ୍ୱସ୍ତ ହୋଇଥାଆନ୍ତି ।

ଜିଜ୍ଞାସୁ : କିପରି ?

ଠାକୁର : ଦୁଇ ସଂପଦ ଦୁଇ ଗୁଣ ତତ୍ତ୍ୱ ଉତ୍ପନ୍ନ ପରିପ୍ରେକ୍ଷୀରେ ନିଜସ୍ୱ ଧର୍ମାନୁଯାୟୀ ଦୁହେଁ ଦୁହିଁକୁ ଅଭିଭୂତ କରି ପାରନ୍ତି । ଯଥା ତମ ଗୁଣର ପ୍ରାବଲ୍ୟରେ ସତଗୁଣ ବିଧ୍ୱସ୍ତ ହୋଇଥାଏ । ଏବଂ ସତ ଗୁଣର ପ୍ରାବଲ୍ୟରେ ତମ ଗୁଣର ବିଧ୍ୱସ୍ତ ହୋଇଥାଏ ।

ଜିଜ୍ଞାସୁ : ଗୁଣମାନେ ତ ସମ ଶକ୍ତି ସମ୍ପନ୍ନ । ଗୋଟିଏ ଗୁଣର ପ୍ରାବଲ୍ୟ ହୁଏ କିପରି ? ଆଉ ଗୋଟିଏ ଗୁଣ ବିଧ୍ୱସ୍ତ ହୁଏ କିପରି ?

ଠାକୁର : ଗୁଣ ଦୁଇଟି ନୁହଁନ୍ତି । ତିନିଗୋଟି । ସତ୍ତ୍ୱ, ରଜ, ତମ । ସତ୍ତ୍ୱ ଓ ତମ ଗୁଣର ସଂପର୍କ ଖାଦ୍ୟ ଓ ଖାଦକ । ତମ ଗୁଣ ଖାଦକ ପରିପ୍ରେକ୍ଷୀରେ ସତ ଗୁଣ ଖାଦ୍ୟ ରୂପ ଅଟେ । କିନ୍ତୁ ମଧ୍ୟ ଭାଗରେ ରଜଗୁଣ ଯେତେବେଳେ ତମ ସହିତ ମିଶିଯାଏ ସେତେବେଳେ ତମର ପ୍ରାବଲ୍ୟ ହୋଇ ସତ୍ତ୍ୱଗୁଣକୁ ଅଭିଭୂତ କରିଥାଏ । ପୁନଶ୍ଚ ରଜଗୁଣ ସତ୍ତ୍ୱଗୁଣ ସହ ଯେତେବେଳେ ମିଶିଯାଏ ସେତେବେଳେ ସତ୍ତ୍ୱଗୁଣର ପ୍ରାବଲ୍ୟ ହୋଇ ତମଗୁଣକୁ ଯଥା :- ଇନ୍ଦ୍ରିୟମାନଙ୍କୁ ଅଭିଭୂତ କରିଥାଏ । ଏହି କାରଣରୁ ଶରୀରରେ କେତେବେଳେ ସତ୍ତ୍ୱ ପ୍ରାବଲ୍ୟତ କେତେବେଳେ ତମ ପ୍ରାବଲ୍ୟ ଅନୁଭୂତ ହୋଇଥାଏ ।

ଜିଜ୍ଞାସୁ : ଦୁଇଗୁଣ ପ୍ରାବଲ୍ୟ ପାଇଁ ରଜଗୁଣ ଦାୟୀ ନିଶ୍ଚୟ ।

ଠାକୁର : ହଁ ରଜଗୁଣ କ୍ରିୟାତ୍ମିକା ହେତୁ ସେ ପାର୍ଶ୍ବସ୍ଥ ଅନ୍ୟ ଦୁଇଗୁଣ ସହିତ ମିଶି ଦୁହିଁଙ୍କୁ ଉତ୍ତେଜିତ କରିଥାଏ । ଏଣୁ ରଜଗୁଣ ଅନ୍ୟ ଦୁଇଗୁଣର ଉତ୍ତେଜକ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଜିଜ୍ଞାସୁ : ଗୁଣ କିପରି ଗୁଣକୁ ଅଭିଭୂତ କରୁଅଛି ଗୋଟିଏ ଉଦାହରଣ ଦେଇ ବୁଝାଇ ଦିଅନ୍ତୁ ।

ଠାକୁର : ଅଗ୍ନି ଆହାର ଘୃତ (ଇନ୍ଧନ) ଓ ପବନ ଏବଂ ଆଧାର ରୂପ ବଳିତା । ଏହି ତିନୋଟି ତତ୍ତ୍ୱ ଅଗ୍ନି ଜଳିବାର ବିଷୟ । ନିଆଁ, ପବନ, ଘିଅ ଓ ବଳିତାର ଯଥାଯଥ ସମନ୍ୱୟରେ ନିଆଁ ଜଳିଥାଏ । ଯଦି ସମନ୍ୱୟରେ ବ୍ୟତିକ୍ରମ ହୁଏ ଅର୍ଥାତ୍ ଅଧିକ ପବନ ହେଲେ, କିମ୍ବା ଘୃତ ଅଧିକ ହେଲେ ଅଗ୍ନି ଜଳିପାରିବ କି ? ଏକ ପକ୍ଷରେ ଅଗ୍ନିର ବିଷୟର ପ୍ରାବଲ୍ୟରେ ଅଗ୍ନି ନିଶ୍ଚୟ ଲିଭିଯିବ । ଅନ୍ୟ ପକ୍ଷରେ ଅଗ୍ନିର ପ୍ରାବଲ୍ୟ ବା ଅଧିକ ହୋଇ ଇନ୍ଧନ କମିଗଲେ ଅଗ୍ନି ନିଶ୍ଚୟ ଲିଭିଯିବ । କିନ୍ତୁ ସମନ୍ୱୟରେ ଯଦି ଭାରସାମ୍ୟ ରକ୍ଷାହୁଏ ତାହାହେଲେ ବତୀ ଜଳିଥାଏ ।

ଜିଜ୍ଞାସୁ : ଆଉ ଗୋଟିଏ ଶରୀର ଉପରେ ଉଦାହରଣ ଦିଅନ୍ତୁ ।

ଠାକୁର : ତମ ଗୁଣରୁ ଇନ୍ଦ୍ରିୟ ଓ ସତ୍ତ୍ୱ ଗୁଣରୁ ଇନ୍ଦ୍ରିୟମାନଙ୍କ ଆହାର ବିଷୟମାନ ଉତ୍ପନ୍ନ । ଇନ୍ଦ୍ରିୟମାନଙ୍କ ଦ୍ୱାରା ଶରୀର କ୍ଷୁଧାକୁ ପୁରଣ କରିବା ପାଇଁ ବିଷୟ ଗ୍ରହଣ କରେ । କିନ୍ତୁ ଖାଦ୍ୟର ସ୍ୱାଦରେ ଇନ୍ଦ୍ରିୟ ଉତ୍ତେଜିତ ହୋଇ ଅଧିକ ଖାଦ୍ୟ ଗ୍ରହଣ କଲେ ଶରୀରର କ୍ଷତି ହୋଇଥାଏ । ଖାଇବାର ଇଚ୍ଛା ନଥାଇ ଯଦି ଖାଦ୍ୟ ଅଧିକ ହୋଇଯାଏ ତାହା ହେଲେ ମଧ ଶରୀରର କ୍ଷତି ହୋଇଥାଏ । ଏଣୁ ସର୍ବଦା ଦୁଇ ତତ୍ତ୍ୱର ସମନ୍ୱୟ ଓ ସମତା ରୂପ ଭାରସାମ୍ୟ ରକ୍ଷା କରିବା ଉଚିତ । ସେହିପରି ଦେଖିବା, ଶୁଣିବା, କହିବା, ଭାବିବା, ଚିନ୍ତାକରିବା, ଦେବାନେବା ଇତ୍ୟାଦି ସବୁ କ୍ଷେତ୍ରରେ ଭାରସାମ୍ୟ ରକ୍ଷାକରି ବାଟ ଚାଲିବାକୁ ହେବ । ଅଧିକ ସଂପଦ ବିପଦର କାରଣ । ଅଧିକ ଦାରିଦ୍ର୍ୟ ଦୁଃଖର କାରଣ, ଅଧିକ ଭୋଜନ ରୋଗର କାରଣ, ଅତି ଦାନ ବଧର କାରଣ, ଅତି ମାନ ଧ୍ୱଂସର କାରଣ । ଅତି ଅହଂକାର ପରାଜୟର କାରଣ ହୋଇଥାଏ ।

ଜିଜ୍ଞାସୁ : ଆସୁରି ଓ ଦୈବୀ ଏହି ଦୁଇ ତତ୍ତ୍ୱ ବୁଦ୍ଧି, ସ୍ଥିତି ଏକ ଏକ ଭାବ । ଯାହାର ଅସ୍ତିତ୍ୱ ସର୍ବଦା ଆନ ଆନ । ଏହି ଭାବ ବ୍ୟତୀତ ଆସୁରୀ ଓ ଦୈବୀ ସଂପଦର ଦେହ ସ୍ଥିତ ଅନ୍ୟ କିଛି ପ୍ରକ୍ରିୟା ଅଛି କି ?

ଠାକୁର : ବୁଦ୍ଧିରେ ଦୈବ, ଆସୁରୀର ଭାବଗତ କ୍ରିୟା ହୁଏ ସତ କିନ୍ତୁ ଏହି ଦୈବୀ ଓ ଆସୁରୀ ଭାବର ଘର ଦେହରେ କୋଷ ରୂପେ ସ୍ଥିତ । ଅସୁର ଓ ଦୈବ ଏହି ଦୁଇ ତତ୍ତ୍ୱର କୋଷ ଓ କୋଷ ନିର୍ମିତ ସ୍ନାୟୁମାନଙ୍କ ଦ୍ୱାରା ଦେହରେ ଭାବର ଉତ୍ତେଜନା ଓ କ୍ରିୟାଶିଳ ପ୍ରେରଣା କାରଣ ଉପସ୍ଥିତିରେ ସ୍ୱୟଂ ଚାଳିତ ଭାବେ ଉଦ୍‌ଗିରଣ ହୋଇଥାଏ । କୋଷ ଓ ସ୍ନାୟୁ ଦୁଇ ସଂପଦର ମୂଳ ତତ୍ତ୍ୱ ଅଟେ । ଯାହାକି ଶରୀର ନିର୍ମାଣ ସମୟରେ ନିର୍ମିତ ହୋଇ ଅଛି ।

ଜିଜ୍ଞାସୁ : ଦୈବ ଓ ଅସୁର ସଂପଦ କ'ଣ ସ୍ୱୟଂ ଚାଳିତ କ୍ରିୟା, ତାହା କ'ଣ ଆପେ ଶରୀରରୁ ସୃଷ୍ଟି ହୁଏ ?

ଠାକୁର : ହଁ ଏହା ସ୍ୱୟଂ ଚାଳିତ ଶାରୀରିକ କ୍ରିୟା । ଶରୀରର ଗଠନ ଗୁଣରୁ ହୋଇଥିବାରୁ ଗୁଣର ଶରୀରରେ କୋଷ ନିର୍ମିତ ହୋଇଅଛି । ଶରୀରର ଉଚ୍ଚ, ନୀଚ, ଦୈବ, ଅସୁର ଏହିପରି ଦ୍ୱିବିଧ କୋଷ, ସ୍ନାୟୁ, ଶିରା ପ୍ରଶିରା ନାଡ଼ି ସମୂହ ଗୁଣଯୁକ୍ତ ହୋଇ ନିର୍ମାଣ ହୋଇ ଅଛନ୍ତି । ଏଣୁ ଏମାନେ ଗୁଣଯୁକ୍ତ ଚେତନଶୀଳ ଭାବେ ଉତ୍ତେଜିତ ହୋଇ ବୁଦ୍ଧିକୁ ଭାବ ଯୋଗାଇ ଥାଆନ୍ତି । ତା'ପରେ କ୍ରିୟା ହୋଇଥାଏ ।


ଜିଜ୍ଞାସୁ : ଏହି ଦୁଇ ତତ୍ତ୍ୱ ଅସୁର ଓ ଦୈବ ଶାରୀରିକ ସ୍ୱୟଂ ଚାଳିତ କ୍ରିୟା ହୋଇଥିବାରୁ ଏହି ଦୁଇ ତତ୍ତ୍ୱର ସମନ୍ୱୟ ଆଣିବା ବହୁ କଠିନ ହେବ ନିଶ୍ଚୟ ?

ଠାକୁର : କଠିନ କିଛି ନୁହେଁ । ସୂତ୍ରରେ ସାଧନ କଲେ ସବୁ ସହଜ ହୋଇଥାଏ ।

ଜିଜ୍ଞାସୁ : କିପରି ?

କ୍ରମଶଃ...

# ସମ୍ଭବାମି ଯୁଗେ ଯୁଗେ ରତ୍ନବେଦୀ



## ଜନନୀ : ଜଠର : ଜରାୟୁ

ହେ ପରମପିତା ! ଚରମ ପୁରୁଷ ! ଜ୍ଞାନମନ୍ଦାକିନୀ ଧାରା
ଚରମ ପତରେ ସବୁରି ଅନ୍ତରେ ବୁହାଉଛ ବିଶ୍ୱ ସାରା ।
ତୁମରି ତୁଳନା ତୁମେ ଏକାସିନା ଭାବରେତ ଭୋଳାନାଥ
ଜ୍ଞାନର ସାଗର ହେ କରୁଣାକର ! ଉଦ୍ଧର ଡାକେ ଅନାଥ ।।

*ଚରମପୁରୁଷ, କରୁଣାସାଗର, ଜ୍ଞାନଭଣ୍ଡାର, ପରମପିତା, ଭୋଳାନାଥ ଠାକୁରେ ଚରମ ପୃଷ୍ଠାରେ ନିୟମିତ ସୃଷ୍ଟି ତତ୍ତ୍ୱର ରହସ୍ୟ ନିୟମିତ ଭାବରେ ପ୍ରକାଶ କରି ସମଗ୍ର ବିଶ୍ୱର କୋଟି ଜନର ଅନ୍ତରତମ ଦେଶରେ ଜ୍ଞାନଗଙ୍ଗାର ପବିତ୍ର ଧାରା ପ୍ରବାହିତ କରିଚାଲିଛନ୍ତି । ସୃଷ୍ଟିରେ ଆଦିମକାଳରୁ ଏଯାବତ୍ ଯାହା ସବୁ ଘଟି ଯାଉଛି, ସେସବୁର ଅନ୍ତରାଳରେ ପରଂବ୍ରହ୍ମଙ୍କର ନିର୍ଦ୍ଦେଶ କିପରି ସତତ କାର୍ଯ୍ୟଶୀଳ ତାହା ଏଥିରୁ ସ୍ପଷ୍ଟ ଉଦ୍‌ଘାଟିତ ହୋଇ ପାରୁଛି । ଏହି ଦୁର୍ଲଭ ପରମାର୍ଥିକ ତତ୍ତ୍ୱଜ୍ଞାନ ଲାଭକରି ଆମ୍ଭେମାନେ ନିଜକୁ ଭାଗ୍ୟବାନ ମନେ କରି ତାଙ୍କରି ଶ୍ରୀରଙ୍ଗା ଚରଣତଳେ କୃତଜ୍ଞତାର ସହିତ ସଭକ୍ତି ଭୂମିଷ୍ଠ ପ୍ରଣାମ ନିବେଦନ କରୁଛୁଁ ।।*

'ଚରମ' : ସପ୍ତମ ପୁଷ୍ପ : ଷଷ୍ଠ ପାଖୁଡ଼ା : ସପ୍ତତ୍ରିଂଶତମ (୩୭ଶ) ସଂଖ୍ୟାର ଅନୁଶ୍ରୁତିରୁ :-

## (୪୧) ଚନ୍ଦ୍ରଚୁର୍ଣ୍ଣାରୀ କୋଷ :

ଚନ୍ଦ୍ର ଚୁର୍ଣ୍ଣାରୀ କୋଷ ପ୍ରସଙ୍ଗରେ ଆଲୋଚନା କରି ଠାକୁରେ ପିଣ୍ଡ ପୁରୁଷ ମଣ୍ଡଳର ଦ୍ୱାଦଶ ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ସଂପର୍କରେ କ୍ରମାନ୍ୱୟରେ ସଂକ୍ଷିପ୍ତ ସାଙ୍କେତିକ ବ୍ୟାଖ୍ୟା ମାଧ୍ୟମରେ ସୃଷ୍ଟିତତ୍ତ୍ୱ ରହସ୍ୟକୁ ସହଜ ସୁନ୍ଦର ଭାବରେ ସୁଖବୋଧ୍ୟ ଓ ସୁଖପାଠ୍ୟ କରି ତୋଳିଛନ୍ତି । ବିଗତ ଦୁଇଟି ସଂଖ୍ୟାରେ ତାହା ପତ୍ରସ୍ଥ ହୋଇଅଛି । ଅବଶିଷ୍ଟାଂଶ ଏହି ସଂଖ୍ୟାରେ ପତ୍ରସ୍ଥ କରାଯାଉଅଛି ।

**(୯) ଘୁଗୟ ଐଶ୍ୱର୍ଯ୍ୟ :** ଇହ ସଂସାରରେ ଗାର୍ହସ୍ଥ୍ୟ ଧର୍ମରେ ଥାଇ ଜୀବ ଜୀବନତମାମ କୁକର୍ମରେ ଲିପ୍ତ ରହି ଶେଷରେ ମୃତ୍ୟୁ ମୁଖରେ ପଡ଼େ । ଏଭଳି ବ୍ୟକ୍ତିର ଦେହାନ୍ତ ପରେ ତାହାର ଆତ୍ମା ସୂକ୍ଷ୍ମଶରୀର ସହିତ ପିଣ୍ଡପୁରୁଷ ମଣ୍ଡଳରେ ଘୂର୍ଣ୍ଣନଶୀଳ ଅବସ୍ଥାରେ ୯ବର୍ଷ ୭ମାସ ୨୧ଦିନ ଭୋଗ କରିବା ପରେ ପିଣ୍ଡପୁରୁଷ ପ୍ରାପ୍ତ

ହୁଏ । ତପ୍ରେ ପିଣ୍ଡପୁରୁଷ ମଣ୍ଡଳର ଘୁଗୟ ଐଶ୍ୱର୍ଯ୍ୟର କଳାବର୍ଣ୍ଣର ରେଖା ପ୍ରାପ୍ତ ହୋଇଥାଏ । ଧରାପୃଷ୍ଠରେ ଜାୟା ଓ ପତିଙ୍କର କାମକାମନାପୂର୍ଣ୍ଣ ଦିବସ ସଂଯୋଗର ସମ୍ଭୋଗ ଅବସ୍ଥାରେ ଗ୍ରହନକ୍ଷତ୍ରାଦି ଦୁର୍ଯୋଗରେ ଏହି ଘୁଗୟ ଐଶ୍ୱର୍ଯ୍ୟରେଖା ଦ୍ୱାରା ପ୍ରଭାବିତ ପାପାତ୍ମା ମାତୃଜଠରସ୍ଥ ଜରାୟୁରେ ବିନ୍ଦୁ ରୂପରେ ସ୍ଥାପିତ ହୁଏ । କାଳକ୍ରମେ ବିନ୍ଦୁ ଭ୍ରୂଣ ଅବସ୍ଥା ଓ ଭ୍ରୂଣ ଶିଶୁପିଣ୍ଡ ଅବସ୍ଥା ପ୍ରାପ୍ତ ହୋଇ ଜନନୀଜଠର ଜରାୟୁ ମଧ୍ୟରେ ଅବସ୍ଥାନ କାଳରେ ପିଣ୍ଡପୁରୁଷ ମଣ୍ଡଳରେ ପ୍ରାପ୍ତ ଘୁଗାୟ ଐଶ୍ୱର୍ଯ୍ୟର କଳାବର୍ଣ୍ଣର ଐଶ୍ୱର୍ଯ୍ୟରେଖାକୁ ଦର୍ଶନ କରି ଅନୁଭୂତିରେ ଆଣିପାରେ । ଶିଶୁ ମାତୃ ଜରାୟୁରେ ଏହା ଜାଣିପାରେ । ମାତୃଗର୍ଭରେ ଏହା ନରପିଣ୍ଡ ଆକାର ଧାରଣ ନ କରି ପଶୁ ଆକୃତିର ଅବସ୍ଥା ପ୍ରାପ୍ତ ହୋଇଥାଏ । ଯଥାକାଳରେ ଶିଶୁ ଭୂମିଷ୍ଠ ହେଲେ ଏହାର ନରଶରୀର ଆକୃତି ନଥାଏ । ତେଣୁ ନବଜାତ ଶିଶୁକୁ ଲୋକ ଭୂତଛୁଆ ବୋଲି ଆଖ୍ୟା ଦେଇଥାଆନ୍ତି ଓ ଭୂତବୋଲି ବିବେଚନା କରନ୍ତି । ଏପରି ଶିଶୁର ମୁଖମଣ୍ଡଳ ଓ କାନ ଓଧର ମୁହଁ ଓ କାନ ସଦୃଶ ହୋଇଥାଏ । ପିଠିରେ କୁଜ ବାହାରିଥାଏ ଓ ଏହାର ମଳ ନିଷ୍କାସନର ପଥ ନଥାଏ । ଏଭଳି ଶିଶୁର ପେଟରେ ପତଳା ଚର୍ମ ଆବରଣ ଥାଏ । ତା' ମଧ୍ୟଦେଇ ଉଦରର ସମସ୍ତ ନାଡ଼ୀ ଓ କୋଷ ଦେଖାଯାଉଥାଏ । ଏପରି ଶିଶୁ ଭୂମିଷ୍ଠ ହେବାର ଅଳ୍ପ କେତେ ଘଣ୍ଟା ପରେ ମୃତ୍ୟୁବରଣ କରିଥାଏ ଓ ସେହି ପାପାତ୍ମା ପୁନର୍ବାର ଘଟପିଣ୍ଡ ଛାଡ଼ି ପିଣ୍ଡପୁରୁଷ ମଣ୍ଡଳକୁ ପ୍ରତ୍ୟାବର୍ତ୍ତନ କରେ । ଘୁଗାୟ ଐଶ୍ୱର୍ଯ୍ୟରେ କଳା ରଙ୍ଗର ବର୍ଣ୍ଣରେଖା ପ୍ରାପ୍ତ ପାପାତ୍ମା ଏହି ଦଶା ହିଁ ଧରାଧାମରେ ଭୋଗକରେ ।

ପୃଥିବୀର ବିଭିନ୍ନ ସ୍ଥାନରେ ଅନେକ ଜନନୀ ଏହିପରି ଅଦ୍ଭୁତ ଆକୃତିର ଶିଶୁ ଜନ୍ମ ଦେଇଥାଆନ୍ତି । ଏପରି ଘଟଣା ତେଣୁ ସମାଜରେ ଆଦୌ ବିରଳ ନୁହେଁ । ମାତ୍ର ଏପରି କିମ୍ଭୁତକିମାକାର ଶିଶୁ ସନ୍ତାନ ଜାତ ହେବାର କାରଣର ଅନ୍ତରାଳରେ ଥିବା ସତ୍ୟ ତତ୍ତ୍ୱଜ୍ଞାନ ସମସ୍ତଙ୍କୁ ଜ୍ଞାତ ନହୋଇ ଏଯାବତ୍ ଅଜ୍ଞାତ ଥିଲା । ନୃତତ୍ତ୍ୱବିତ୍ ଓ ଚିକିତ୍ସାବିତ୍‌ମାନେ ଏ ସଂପର୍କରେ ଭିନ୍ନ ଭିନ୍ନ କାରଣ ବିଭିନ୍ନ ସମୟରେ ଦେଇ ଥାଆନ୍ତି । ଅନେକ ଅଜ୍ଞତା ଓ ଅଶିକ୍ଷା ହେତୁ ନାନାଦି କୁସଂସ୍କାର ଓ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବିଭିନ୍ନ ପ୍ରକାରର ମତ ବ୍ୟକ୍ତ ମଧ୍ୟ କରିଥାଆନ୍ତି । ମାତ୍ର ସମାଜରେ ଓ ସଂସାରରେ ରହି ଗୃହସ୍ଥାଶ୍ରମ ଆଚରଣ ମଧ୍ୟରେ କୁକର୍ମଶୀଳ ହୋଇ ମୃତ୍ୟୁବରଣ କରୁଥିବା ଆତ୍ମାଗୁଡ଼ିକ ପିଣ୍ଡପୁରୁଷ ମଣ୍ଡଳରେ ଘୁଗୟ ଐଶ୍ୱର୍ଯ୍ୟର କୃଷ୍ଣ (କଳା) ବର୍ଣ୍ଣର ରେଖା ପ୍ରାପ୍ତ ହୋଇ ଏପରି ବିକୃତ ଜୀବପିଣ୍ଡ ଧରି ଭୂମିଷ୍ଠ ହେବାର ଅଳ୍ପକାଳ ମଧ୍ୟରେ ପୁଣି ଯେ ମୃତ୍ୟୁ ଦ୍ୱାରା କବଳିତ ହୁଅନ୍ତି; ଏହି ତତ୍ତ୍ୱ କେବଳ ଜରାୟୁତତ୍ତ୍ୱଜ୍ଞ ପରମପୁରୁଷ ହିଁ ଦେଇପାରନ୍ତି ।

**(୧୦) ଭୂକ୍ଷନକ ଐଶ୍ୱର୍ଯ୍ୟ :** ଭୂକ୍ଷନକ ଐଶ୍ୱର୍ଯ୍ୟ ରେଖାର ବର୍ଣ୍ଣ ପୀତ । ଏହା ଛାଞ୍ଚୁଣି ମୁଠାର ଆକାର ଧାରଣ କରି ପିଣ୍ଡପୁରୁଷ ମଣ୍ଡଳରେ ଘୁରିବୁଲୁଥାଏ ଏବଂ ମଣ୍ଡଳର ଉପଯୁକ୍ତ ଆତ୍ମା ପ୍ରାପ୍ତ ହେବାମାତ୍ରେ ତା' ମଧ୍ୟରେ ପ୍ରବେଶ କରି ତା'କୁ ପ୍ରଭାବିତ କରେ । ଘୁଗୟ ଐଶ୍ୱର୍ଯ୍ୟ ଗୋଟିଏ ପାପାତ୍ମାକୁ ତିନିଥର ଭୋଗ ହୋଇ ସାରିବା ପରେ ସେହି ଆତ୍ମା ପିଣ୍ଡ ପୁରୁଷ ମଣ୍ଡଳରେ ବାରବର୍ଷ ଛଅ ମାସ ନଅ ଦିନ ଘୂର୍ଣ୍ଣନଶୀଳ ହୋଇ ଭୂକ୍ଷନକ ଐଶ୍ୱର୍ଯ୍ୟ ପ୍ରାପ୍ତି ଅବସ୍ଥାକୁ ଆସେ । ସୂକ୍ଷ୍ମଶରୀର ଭୂକ୍ଷନକ ଐଶ୍ୱର୍ଯ୍ୟ ପ୍ରାପ୍ତିପରେ ଧରାପୃଷ୍ଠକୁ ଆସିବା ପାଇଁ ଅପେକ୍ଷା କରିଥାଏ । ଧରାଧାମରେ ଜାୟା ଓ ପତି ସଂଧ୍ୟା, ସକାଳ, ପର୍ବଦିନ, ଗୁରୁବାର, ଶନିବାର, ରବିବାର, ମଙ୍ଗଳବାର, ପ୍ରତିପଦା, ଚତୁର୍ଥୀ, ଅଷ୍ଟମୀ, ଦ୍ୱାଦଶୀ, ଚତୁର୍ଦ୍ଦଶୀ ତିଥିରେ କାଳବେଳାରେ ସଂଯୋଗ ଜନିତ ସମ୍ଭୋଗରେ ଲିପ୍ତ ରହିଥିଲେ, ଗ୍ରହନକ୍ଷତ୍ରାଦି ଯୋଗ ବେଳାରେ ଏହି ଆତ୍ମା ଜନନୀ ଜଠର ଜରାୟୁରେ ବିନ୍ଦୁ ସ୍ଥାପନ ପାଇଁ ପ୍ରବେଶ କରେ । ଜରାୟୁରେ ଭ୍ରୂଣ ଅବସ୍ଥାରେ ଥିବା ସମୟରେ ପଞ୍ଚମ ମାସରେ ଧୂସର ବର୍ଣ୍ଣର ଜ୍ୟୋତିଃରେଖା ଦୃଶ୍ୟମାନ ହୋଇଥାଏ । ପୁଣି ସପ୍ତମ ମାସରେ ରକ୍ତ (ଲାଲ) ବର୍ଣ୍ଣରେ ସେହିରେଖା ଦର୍ଶନକରେ । ଗର୍ଭସ୍ଥ ଶିଶୁ ଅବସ୍ଥାରେ ନବମ ମାସରେ ମାଟି ରଙ୍ଗର ଗୋଲାକୃତି ଆଲୋକ ସୂକ୍ଷ୍ମସୂତ୍ରରେ ଦୃଶ୍ୟମାନ ହୁଏ । ଯଥାକାଳରେ ଶିଶୁ ଭୂମିଷ୍ଠ ହୋଇ

ପର୍ଯ୍ୟାୟକ୍ରମରେ ବଢ଼ିଚାଲେ । ଏପରି ଜୀବପିଣ୍ଡ ଧରାପୃଷ୍ଠରେ ମାନବ ଦେହ ଧରି ଆକାରରେ ବିକାର ଭାବ ନେଇଥାଏ । ଏତାଦୃଶ ନରପିଣ୍ଡର ବେକଠାରୁ ପେଟ ପର୍ଯ୍ୟନ୍ତ ଲମ୍ବାକୃତି । ହାତଗୋଡ଼ ଗୁଡ଼ିକ ଅପେକ୍ଷାକୃତ ସାନ । ମୁଣ୍ଡ ଶରୀର ତୁଳନାରେ ଅପେକ୍ଷାକୃତ ବଡ଼ । କଣ୍ଠସ୍ୱର ମୋଟା । ଦେଖିବାକୁ ବାମନ ଅବସ୍ଥା । ମାତ୍ର ବଢ଼ିବାର ସଂସ୍କାର ଏହି ଜୀବପିଣ୍ଡରେ ଥାଏ । ଏପରି ବ୍ୟକ୍ତି ସାଧାରଣତଃ ମଧ୍ୟବିତ୍ତ ପରିବାରର ପରିବେଶରେ ଜୀବନକାଳ କଟାଇଥାଏ । ଶେଷରେ ଗ୍ରହନକ୍ଷତ୍ରାଦି ଓ ଭୂକ୍ଷନକ ଐଶ୍ୱର୍ଯ୍ୟର ପ୍ରଭାବରୁ ଭିକ୍ଷୁକର ବୃତ୍ତି ଗ୍ରହଣ କରିବାକୁ ବାଧ୍ୟ ହୋଇଥାଏ ।

ସମାଜରେ ଅନେକ ଦମ୍ପତ୍ତି ଏପରି ସନ୍ତାନ ଜନ୍ମ ଦେଇଥିବାର ଦେଖିବାକୁ ମିଳେ । ସେହି ପିତାମାତା ଅକାରଣରେ ନିଜ ନିଜର ଭାଗ୍ୟକୁ ସିନା ଦୋଷ ଦେଇଥାଆନ୍ତି, ମାତ୍ର ନିଜର କର୍ମ ପ୍ରତି ଆଦୌ ଦୃଷ୍ଟି ଦିଅନ୍ତି ନାହିଁ । ଶାସ୍ତ୍ରରେ ଦମ୍ପତିଙ୍କର ସଂଯୋଗ ସମ୍ଭୋଗ ନିମନ୍ତେ ସୁସନ୍ତାନ ପ୍ରାପ୍ତି ପାଇଁ ଉପଯୁକ୍ତ ତିଥି, ବାର, ନକ୍ଷତ୍ର, ସମୟ ଆଦି ନିର୍ଦ୍ଦିଷ୍ଟ କରାଯାଇ ଦାମ୍ପତ୍ୟ ସମ୍ଭୋଗର ନିଷେଧବିଧି ମଧ୍ୟ ସ୍ପଷ୍ଟ ଲିପିବଦ୍ଧ ରହିଛି । ଅନେକ ପରିବାରରେ ପିତାମାତା ଏସବୁ ପ୍ରତି ଉପଯୁକ୍ତ ଯଥାର୍ଥ ଧ୍ୟାନ ନଦେଇ କାମଲାଳସା ଚରିତାର୍ଥ ନିମନ୍ତେ ସମ୍ଭୋଗକ୍ରିୟାରେ ଲିପ୍ତ ରହି ସମାଜ ଉପଯୋଗୀ ଉପଯୁକ୍ତ ସୁସନ୍ତାନ ଜାତ କରିବା ପରିବର୍ତ୍ତେ ଏଭଳି ଦୁଃଖଦୁର୍ଦ୍ଦଶାକୁ ଆହ୍ୱାନ କରିଥାଆନ୍ତି । ଶେଷରେ ହତାଶ ଓ ନିରାଶ ହୋଇ ନିଜଭାଗ୍ୟକୁ, ଭଗବାନଙ୍କୁ ଦୋଷ ଦିଅନ୍ତି ସିନା ପ୍ରକୃତ କାରଣ ଅନୁସନ୍ଧାନ କରି ଜାଣିବାର ଇଚ୍ଛା ଆଦୌ ରଖନ୍ତି ନାହିଁ । ଅଜ୍ଞାନତା, ଅଶିକ୍ଷା, ପଶୁ ପ୍ରବୃତ୍ତି, କାମବିକାର, ଶାସ୍ତ୍ରଜ୍ଞାନ ପ୍ରତି ହେୟଜ୍ଞାନ ଦୋଷରୁ ସେମାନଙ୍କୁ ଏତାଦୃଶ ଦୁର୍ଭୋଗ ମଧ୍ୟରେ କାଳକାଟିବାକୁ ହୋଇଥାଏ । ଅନେକେ ଏପରି ଶିଶୁ ସନ୍ତାନ ମାନଙ୍କର ଆରୋଗ୍ୟ ପାଇଁ ଯନ୍ତ୍ର, ତନ୍ତ୍ର, ମନ୍ତ୍ରର ମଧ୍ୟ ଆଶ୍ରୟ ନିଅନ୍ତି ସତ୍ୟ, ମାତ୍ର ସେତେବେଳକୁ ସମୟ ଅତିବାହିତ ହୋଇଯାଇଥାଏ, କାଳ କାହାକୁ ଅପେକ୍ଷା କରେ ନାହିଁ ।

**(୧୧) ରୁନ୍ଧରା ଐଶ୍ୱର୍ଯ୍ୟ :** ପିଣ୍ଡପୁରୁଷ ମଣ୍ଡଳରେ ଏହି ଐଶ୍ୱର୍ଯ୍ୟରେଖାର ବର୍ଣ୍ଣ ଈଷତ୍ ନୀଳ ମିଶ୍ରିତ ଧୂସରବର୍ଣ୍ଣ । ଧରାପୃଷ୍ଠରେ ଅହେତୁକ ଜୀବହତ୍ୟା, ମାତୃହରଣ, ବ୍ରାହ୍ମଣଙ୍କ ପ୍ରତି ହେୟଜ୍ଞାନ ଓ ଅପମାନ, ପରସମ୍ପତ୍ତି ହରଣ ଆଦି ଦୋଷଦୁଷ୍ଟବ୍ୟକ୍ତିର ଦେହାନ୍ତ ପରେ ତା'ର ପାପାତ୍ମା ଯମପୁରରେ ଦଣ୍ଡଭୋଗ କରି ଜହ୍ନିମଞ୍ଜି ଆକାର ପ୍ରାପ୍ତ କୃଷ୍ଣ (କଳା) ବର୍ଣ୍ଣର ଆଲୋକପିଣ୍ଡ ହୋଇ ପିଣ୍ଡପୁରୁଷ ମଣ୍ଡଳରେ ପ୍ରବେଶ କରେ । ପିଣ୍ଡ ପୁରୁଷ ମଣ୍ଡଳରେ ସୂକ୍ଷ୍ମପିଣ୍ଡ ଧାରଣ କରିବା ପରେ ରୁନ୍ଧରା ଐଶ୍ୱର୍ଯ୍ୟର ବର୍ଣ୍ଣରେଖାକୁ ପ୍ରାପ୍ତ କରନ୍ତି । ସୂକ୍ଷ୍ମ ପିଣ୍ଡ ମଧ୍ୟରେ ରୁନ୍ଧରା ଐଶ୍ୱର୍ଯ୍ୟର ବର୍ଣ୍ଣରେଖା ପ୍ରବେଶ କରି ସାରିଲେ ଏହି ଆତ୍ମା ଜନନୀ ଜଠର ଜରାୟୁରେ ବିନ୍ଦୁ ସ୍ୱରୂପରେ ପ୍ରବେଶ ପାଇଁ ଉପଯୁକ୍ତ ସ୍ଥାନକାଳପାତ୍ର ଓ ଯୋଗର ଅପେକ୍ଷାରେ ରହିଥାଆନ୍ତି । ଯେଉଁ ଦମ୍ପତି ଅନ୍ୟର ଶିଶୁ ସନ୍ତାନମାନଙ୍କୁ ଆଦର ସ୍ନେହ ପ୍ରାଣଭରି କରନ୍ତି ନାହିଁ ଏବଂ ବିଧିନିଷେଧ ନମାନି ଯଥେଚ୍ଛା କାମବିକାର ଗ୍ରସ୍ତ ହୋଇ ସମ୍ଭୋଗକ୍ରିୟାରେ ଲିପ୍ତ ରହିଥାଆନ୍ତି, ସେହିଭଳି ପିତାମାତାଙ୍କୁ ଉପଯୁକ୍ତ ପାତ୍ର ବିବେଚନା କରି ଗ୍ରହନକ୍ଷତ୍ର ଓ ଯୋଗର ବିକୃତ ସ୍ଥିତାବସ୍ଥା କାଳରେ ରୁନ୍ଧରା ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ପ୍ରାପ୍ତ ଅପେକ୍ଷମାଣ ଆତ୍ମା ଯଥାବିଧି ଜନନୀ ଜଠର ଜରାୟୁରେ ବିନ୍ଦୁ ସ୍ୱରୂପରେ ପ୍ରବେଶ କରେ । ଏହା ପ୍ରବେଶ କରିବା ମାତ୍ରେ ଜନନୀ ଚକ୍ଷୁର ଦକ୍ଷିଣ ପାର୍ଶ୍ୱରେ ଗୋଟିଏ କଳା ବିନ୍ଦୁ ଦର୍ଶନ କରେ । ଜରାୟୁରେ ୩ମାସ ୧୫ଦିନ ରହିବା ପରେ ଭ୍ରୂଣ ଅବସ୍ଥାରେ ଏହା ଧୂସରବର୍ଣ୍ଣରେ ପରିଣତ ହୁଏ । ଜରାୟୁ ମଧ୍ୟରେ ଶିଶୁ ଅବସ୍ଥା ପ୍ରାପ୍ତ ହେଲେ ଏହି ଶିଶୁ ପିଣ୍ଡର ମସ୍ତକ ଦୁଇଗୋଡ଼ ମଧ୍ୟରେ ଭେଦକରି ମୋଡ଼ି ହୋଇରହିଥାଏ । ଯଥା କାଳରେ ଶିଶୁ ଭୂମିଷ୍ଠ ହୋଇ ବୟଃକ୍ରମରେ ବଢ଼ିଚାଲେ । ଏମାନେ ସାଧାରଣତଃ କେମ୍ପା, ଲେଙ୍ଗଡ଼ା, ଗୋଡ଼ ହାତ ସାନ ସାନ, ବିସ୍ଫାରିତ ଓ ଡୋଳା ଅସ୍ଥିର ଓ ଘୂର୍ଣ୍ଣାୟମାନ, ପାଟିରୁ ଅନବରତ ଲାଳ ବହୁଳ ପରିମାଣରେ ଗଡ଼ିବା, କେତେକେ ବୋକା, କାଲା ବା ମୂକ ହୋଇ ରହିଯିବା ଆଦି ବିଲକ୍ଷଣଯୁକ୍ତ ହୋଇ ପିତାମାତା ଓ ପରିବାର

ସ୍ୱଜନଙ୍କୁ ସନ୍ତାପିତ କରନ୍ତି । ଏମାନେ ମାତୃଗର୍ଭରେ ଥିବା ଅବସ୍ଥାରେ ଚେତନା ଭିତରେ ନଥାନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଭୂମିଷ୍ଠ ହେବାପରେ ବଡ଼ ହେବା ପର୍ଯ୍ୟନ୍ତ ଶଯ୍ୟାଶାୟୀ ହୋଇ ରହିଥାଆନ୍ତି । ଚଳପ୍ରଚଳ କରି ପାରନ୍ତି ନାହିଁ । ଧିରେ ଧିରେ ଏମାନେ ବସିବା ଅବସ୍ଥାକୁ ଆସିଥାଆନ୍ତି । ଏମାନେ ସ୍ୱାଭାବିକ ଭାବରେ ଚାଲିପାରନ୍ତି ନାହିଁ । ବସିବା ଅବସ୍ଥାରେ ବେଙ୍ଗ ଡେ଼ଇଁବା ଭଳି ଡେ଼ଇଁ ଡେ଼ଇଁ ଚଳ ପ୍ରଚଳ କରନ୍ତି । ପୂର୍ବ ଜନ୍ମଜନ୍ମାନ୍ତରର ପାପକର୍ମ ହେତୁ ଦଶଜନ୍ମ ପର୍ଯ୍ୟନ୍ତ ଏମାନଙ୍କର ଏହି ଅବସ୍ଥା ଏକାଦିକ୍ରମରେ ରହିଥାଏ । ଯେଉଁ ଦମ୍ପତ୍ତି ସନ୍ତାନପ୍ରାପ୍ତି ପୂର୍ବରୁ ଅନ୍ୟ ଶିଶୁମାନଙ୍କୁ ପ୍ରାଣଭରି ସ୍ନେହଶ୍ରଦ୍ଧା କରନ୍ତି ନାହିଁ, କାମ ବିକାର ଗ୍ରସ୍ତ ହୋଇ ଯଥେଚ୍ଛା ମନରେ ଦାମ୍ପତ୍ୟ ସମ୍ଭୋଗରେ ଲିପ୍ତ ରହନ୍ତି, ଶାସ୍ତ୍ରୋକ୍ତ ବିଧିନିଷେଧ ପ୍ରତି ଦୃଷ୍ଟିପାତ କରନ୍ତି ନାହିଁ ସେମାନେ କ୍ରମାନ୍ୱୟରେ ଏହିପରି ସନ୍ତାନ ଜନ୍ମ କରନ୍ତି । ଏହା ପିଣ୍ଡପୁରୁଷଭୋଗ ଦ୍ୱାରା ହିଁ ହୋଇଥାଏ । ପୁରୁଷାନୁକ୍ରମେ ସେମାନଙ୍କର ସନ୍ତାନସନ୍ତତି ମାନଙ୍କର ଅକାଳ ବିୟୋଗ ହୁଏ ବା ସେମାନେ ଅକର୍ମଣ୍ୟ ହୋଇ ରହନ୍ତି । ଅନେକେ ହାତଗୋଡ଼ର ଆଙ୍ଗୁଳି ନଥିବା ଶିଶୁ ଜନ୍ମଦିଅନ୍ତି ।

ଜାଗତିକ ଚିକିତ୍ସାଦି ଦ୍ୱାରା ଏସବୁର ଉପଶମ ହୁଏ ନାହିଁ । ଏହା ଅଦୃଷ୍ଟର ଇଙ୍ଗିତରେ ଆପଣା କଲାକର୍ମ ଫଳରୁ ଭୋଗ ହେଇଥାଏ । କର୍ମଧାରାରେ ଓ ଚିନ୍ତା ଧାରାରେ ପରିବର୍ତ୍ତନ ଆଣିପାରିଲେ, ଏଥିରୁ କ୍ରମଶଃ ତ୍ରାହି ମିଳେ ।

**(୧୨) ଶୁଦ୍ଧାଦି ଐଶ୍ୱର୍ଯ୍ୟ :** ପିଣ୍ଡପୁରୁଷ ମଣ୍ଡଳରେ ଏହି ଐଶ୍ୱର୍ଯ୍ୟର ବର୍ଣ୍ଣ ଧବଳ ଓ ଏହା ରେଖାକୃତି ନହୋଇ ବିନ୍ଦୁ ସ୍ୱରୂପରେ ସ୍ଥିର ହୋଇ ରହିଥାଏ । ପୂର୍ବ ଜନ୍ମଜନ୍ମାନ୍ତରର ସକଳ ସୁକର୍ମର ସୁଫଳ, ସୁସଂସ୍କାର, କର୍ମ, ଜ୍ଞାନ, ଭକ୍ତି ଯୋଗବଳ ସମ୍ପନ୍ନ ଧାର୍ମିକ ସ୍ୱଭାବ ଯୁକ୍ତ, ଶୁଦ୍ଧ, ପବିତ୍ର ଭାବଯୁକ୍ତ ବ୍ରହ୍ମଦର୍ଶୀ ଆତ୍ମା ସହିତ ଶୁଦ୍ଧାଦି ଐଶ୍ୱର୍ଯ୍ୟର ଧବଳ ବର୍ଣ୍ଣ ବିନ୍ଦୁ ଏକତ୍ର ହୋଇ କ୍ରମେ ତନ୍ମଧ୍ୟରେ ପ୍ରବେଶ କରିଯାଏ । ଫଳତଃ ଏତାଦୃଶ ଶୁଦ୍ଧ ପବିତ୍ର ଦିବ୍ୟାତ୍ମା ଶୁଦ୍ଧାଦି ଐଶ୍ୱର୍ଯ୍ୟ ଲାଭକରେ । ଶୁଦ୍ଧାଦି ଐଶ୍ୱର୍ଯ୍ୟ ଯୋଗରୁ ଏହି ଆତ୍ମାର ସୂକ୍ଷ୍ମପିଣ୍ଡ ପିଣ୍ଡପୁରୁଷ ମଣ୍ଡଳରେ ମଣ୍ଡଳବ୍ୟୁକ୍ତ ପାଣ୍ଡିତ୍ୟ ଜ୍ଞାନ ସହିତ ସୁପଣ୍ଡିତ, ମୁନି, ଯତି, ମନିଷୀ, ଋଷି, ତପସ୍ୱୀ ଯୋଗୀ ଓ ଜାତସ୍ମର ଶ୍ରେଣୀୟ ସକଳ ବିଭବ ଓ ଐଶ୍ୱର୍ଯ୍ୟ ଲାଭକରି ନିଶ୍ଚିନ୍ତରେ ମହାଶାନ୍ତି ଓ ପରମ ଆନନ୍ଦରେ ପିଣ୍ଡପୁରୁଷ ମଣ୍ଡଳରେ ବ୍ରହ୍ମଙ୍କର ଆଜ୍ଞା ଓ ଆଦେଶ ଅପେକ୍ଷାରେ ରହିଥାଆନ୍ତି । ପରଂବ୍ରହ୍ମଙ୍କର କାର୍ଯ୍ୟନିର୍ବାହ ନିମନ୍ତେ ଧରାଧାମରେ ଆବଶ୍ୟକ ପଡ଼ିଲେ ଏପରି ବିଶୁଦ୍ଧାତ୍ମାଙ୍କୁ ବ୍ରହ୍ମ ଧରାପୃଷ୍ଠକୁ ସ୍ପଷ୍ଟ ଆଜ୍ଞା ଓ ଆଦେଶ ଦେଇ ପ୍ରେରଣ କରନ୍ତି । ବ୍ରହ୍ମଙ୍କ ଆଦେଶ ପ୍ରାପ୍ତ ହେଲେ ଏହି ବିଶୁଦ୍ଧାତ୍ମା ପିଣ୍ଡପୁରୁଷମଣ୍ଡଳରେ ନୀଳବର୍ଣ୍ଣର ବୃହଦ୍ ତାରକା ସଦୃଶ ଆକୃତି ଧରି ଉପଯୁକ୍ତ ପିତାମାତା, ବଂଶ, କୁଳ, ସ୍ଥାନ, କାଳର ଅପେକ୍ଷାକରେ ଧରାପୃଷ୍ଠକୁ ଅବତରଣ କରିବା ପାଇଁ । ଏହି ନୀଳତାରକାର ଚାରିପାଖରେ ୨୧ଟି ଅଂଶୁ (କିରଣ) ରେଖାଙ୍କିତ ହୋଇ ବେଷ୍ଟନ କରିଥାଏ । ଏହା ପ୍ରତ୍ୟେକ ୪୫ବର୍ଷ ୭ମାସ ୫ଦିନରେ ଏକ ସରଳରେଖାରେ ଗୋଟିଏ ନିର୍ଦ୍ଦିଷ୍ଟ କୋଣ ମଣ୍ଡଳ ଭେଦ କରି ଚାଲିଥାଏ । ଏଣେ ଧରାପୃଷ୍ଠରେ ଏପରି ଶୁଦ୍ଧାତ୍ମାର ଆବଶ୍ୟକତା ପଡ଼େ ବ୍ରହ୍ମଙ୍କର କାର୍ଯ୍ୟ ସଂପାଦନ କରିବା ପାଇଁ । ପିଣ୍ଡପୁରୁଷର ଶୁଦ୍ଧାତ୍ମା ପୁଣ୍ୟମୟୀ ଜନନୀର ପବିତ୍ର ଜରାୟୁ ଅପେକ୍ଷାରେ ତେଣେ ରହିଥାଏ । ଉପଯୁକ୍ତ ଜନନୀ ଜଠର ଜରାୟୁ ନପାଇଲେ ଆସିପାରୁ ନଥାଏ ।

ଯେଉଁ ବଂଶରେ ଦୁଇ ପୁରୁଷ ଧରି ବୈରାଗୀ ବୈରାଗ୍ୟ ମାର୍ଗ ଧରି ଜଗତକଲ୍ୟାଣକର କାର୍ଯ୍ୟ କରିଥିବେ, ଯେଉଁ ଦମ୍ପତି ସେହି ବଂଶରେ ଶୁଦ୍ଧପୂତ ଜୀବନ ଚର୍ଯ୍ୟା ମାଧ୍ୟମରେ ଗାର୍ହସ୍ଥ୍ୟାଶ୍ରମରେ ରହି ଶାସ୍ତ୍ରୋକ୍ତ ମତେ ଦାମ୍ପତ୍ୟ ସୁଖ ସମ୍ଭୋଗରେ କାଳାତିପାତ କରୁଥିବେ, ସେହି ବଂଶରେ ସେହି ପିତାମାତାଙ୍କ କୋଳ ମଣ୍ଡନ କରିବା ପାଇଁ ବିଶୁଦ୍ଧାତ୍ମା ନିର୍ବାଚନ କରିଥାଆନ୍ତି । ଉପଯୁକ୍ତ ତିଥିବାର ନକ୍ଷତ୍ର, ଲଗ୍ନଯୋଗକରଣାଦି ଶୁଭ ସମ୍ମିଶ୍ରଣ ମୁହୂର୍ତ୍ତରେ ଈଶ୍ୱର ଉପାସନାନ୍ତେ ସୁସନ୍ତାନ ପ୍ରାପ୍ତି ଲକ୍ଷ୍ୟରେ ଏହି ପବିତ୍ର ଦମ୍ପତ୍ତି ସଂଯୋଗ ସମ୍ଭୋଗରେ ଲିପ୍ତ ରହିଥିବା

ଅବସ୍ଥାରେ ପିଣ୍ଡପୁରୁଷ ମଣ୍ଡଳରେ ବ୍ରହ୍ମଙ୍କ ନିର୍ଦ୍ଦେଶରେ ଆଜ୍ଞା ଆଦେଶ ପାଳନ ନିମନ୍ତେ ଅପେକ୍ଷା କରିଥିବା ବିଶୁଦ୍ଧ ସିଦ୍ଧାତ୍ମା ଶୁଦ୍ଧାଦି ଐଶ୍ୱର୍ଯ୍ୟ ସହିତ ଏକ ପରିଲମ୍ବିତ ନୀଳାଭ ଆଲୋକ ରେଖା ସଦୃଶ ତୀବ୍ର ଗତିରେ ଆସି ପୁଣ୍ୟମୟୀ ଜନନୀର ପବିତ୍ର ଜରାୟୁରେ ବିନ୍ଦୁ ରୂପରେ ସ୍ଥାନ ଲାଭ କରେ । ସେ ଜନନୀ ଜଠର ଜରାୟୁ ମଧ୍ୟରେ ଅବସ୍ଥାନ କାଳରେ ପରଂବ୍ରହ୍ମଙ୍କ ସହିତ ସଂଯୋଗ ସ୍ଥାପନ କରିଥାଏ । ଚୈତନ୍ୟ ମଧ୍ୟ ପୂର୍ଣ୍ଣ ଉଦୟ ଅବସ୍ଥାରେ ଥାଏ । ଯଥାକାଳରେ ଶିଶୁପିଣ୍ଡ ଭୂମିଷ୍ଠ ହୁଏ । ସୁନ୍ଦର ସୁଗଠିତ ଶରୀର । ଗୌରବର୍ଣ୍ଣ । ତୀକ୍ଷ୍ଣ ନାସିକା । ଆୟତ ନୟନ । ଏହି ଆତ୍ମାଧାରୀ ନରତନୁ ଅତ୍ୟନ୍ତ ସୁନ୍ଦର, ଆଚରଣ ମାର୍ଜିତ, ଅଭ୍ୟାସ ସୁସମ୍ପନ୍ନ, ରୁଚି ସଂସ୍କାରଯୁକ୍ତ, କର୍ମଧାରା ସୁଶୃଙ୍ଖଳ, ଗୁଣ ଦୋଷସକଳ ରହିତ ବ୍ୟବହାର ମଧୁର, କଣ୍ଠସ୍ୱର କୋମଳ, ଭାଷା ସୁରୁଚିପୂର୍ଣ୍ଣ ହୋଇ ଜଗତରେ ଜନମନ ହରଣଯୋଗ୍ୟ ହୋଇଥାଏ । ସମସ୍ତ ଜ୍ଞାନତତ୍ତ୍ୱ ଐଶ୍ୱର୍ଯ୍ୟ ଅଧିକାରୀ ହୋଇ ମଧ୍ୟ ଅହଂକାର ଶୂନ୍ୟ ହୁଏ । ଏହି ବିଶୁଦ୍ଧାତ୍ମା ଧରାଧାମରେ ଜୀବଗଣଙ୍କ ପାଇଁ ନୂତନତା ସୃଷ୍ଟି କରି ଯାଆନ୍ତି । ଏମାନଙ୍କ ମଧ୍ୟରେ ମଧ୍ୟେ ମଧ୍ୟେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଧରାପୃଷ୍ଠକୁ ଆସି ଜନକଲ୍ୟାଣ ନିମନ୍ତେ ନୂତନ ଆବିଷ୍କାର ଓ ଉଦ୍ଭାବନ ଆଦି କର୍ମ କରିଯାଆନ୍ତି । ବେଳେବେଳେ ବିଶ୍ୱ ବିଶ୍ରୁତ ଜ୍ୟୋତିଷ ଶାସ୍ତ୍ରବିଦ୍, ଚିକିତ୍ସା ଶାସ୍ତ୍ରବିଦ୍, ରସାୟନ ଶାସ୍ତ୍ରବିଦ୍ ଇତ୍ୟାଦି ମହାମାନ୍ୟ ପଣ୍ଡିତ ବର୍ଗ ଏହି ଶୁଦ୍ଧାଦି ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ପୃଥିବୀକୁ ହୋଇ ଆସିଥାନ୍ତି ।


ଶୁଦ୍ଧାଦି ଐଶ୍ୱର୍ଯ୍ୟପ୍ରାପ୍ତ ଆତ୍ମା ପିଣ୍ଡଧାରଣ କରି ଧରାପୃଷ୍ଠରେ ଜ୍ଞାନୀ, ଗୁଣୀ, ଧନୀ, ବିଜ୍ଞାନୀ, ପଣ୍ଡିତ ହୋଇ ନିଜନିଜର ଜ୍ଞାନଗାରିମା ଦ୍ୱାରା ଜଗତରେ ଅଶେଷ କଲ୍ୟାଣ ସାଧନ କରିଥାଆନ୍ତି । ଏମାନେ ଦେହାନ୍ତପରେ ପିଣ୍ଡପୁରୁଷ ମଣ୍ଡଳ ଅତିକ୍ରମ କରି ବ୍ରହ୍ମ ମଣ୍ଡଳରେ ମିଶିଯାଆନ୍ତି । ପରଂବ୍ରହ୍ମଙ୍କର ନିର୍ଦ୍ଦେଶାନୁଯାୟୀ ସୃଷ୍ଟିକଲ୍ୟାଣ ପାଇଁ ଆବଶ୍ୟକ ପଡ଼ିଲେ, ନିୟମାନୁଯାୟୀ ପବିତ୍ର ଜନନୀ ଜରାୟୁରେ ସ୍ଥାନପାଇ ଧରାପୃଷ୍ଠକୁ ଆସି ବିଧିନିର୍ଦ୍ଦିଷ୍ଟ କର୍ମାଦିକ୍ରିୟା ପୂର୍ବ ନିଷ୍ପତ୍ତି ଅନୁଯାୟୀ ସମାପନ କରି ପୁନଶ୍ଚ ବ୍ରହ୍ମ ମଣ୍ଡଳକୁ ବାହୁଡ଼ି ଯାଆନ୍ତି । ଏମାନେ ଧରାପୃଷ୍ଠରେ ଗାର୍ହସ୍ଥ୍ୟାଶ୍ରମର ଧର୍ମପାଳନ କଲେ, ତାଙ୍କ ଔରସରୁ ଐଶ୍ୱର୍ଯ୍ୟଶାଳୀ ସୁସନ୍ତାନ ଜନ୍ମଗ୍ରହଣ କରନ୍ତି । ସେମାନେ ମଧ୍ୟ ସୁନ୍ଦର ଶରୀର ଧାରଣ କରି ଥାଆନ୍ତି । ଏହି ପରମ୍ପରା ବଂଶରେ ଚଉଦପୁରୁଷ ଭୋଗ ପର୍ଯ୍ୟନ୍ତ ରହିଥାଏ ସତ୍ୟ ମାତ୍ର ମୂଳ ଐଶ୍ୱର୍ଯ୍ୟପିଣ୍ଡ ପରଠାରୁ ଏହା କ୍ରମଶଃ କ୍ଷୟପ୍ରାପ୍ତ ହୋଇ ଚତୁର୍ଦ୍ଦଶତମ ପୁରୁଷରେ ନିଶ୍ଚିହ୍ନ ହୋଇଯାଏ ।

ଧରାପୃଷ୍ଠରେ ଯୁଗାନୁବାଦରେ ଯାହାସବୁ ଘଟିଯାଇଛି, ଘଟୁଅଛି ସେ ସବୁର ଇତିହାସ ପର୍ଯ୍ୟାଲୋଚନା କଲେ ପିଣ୍ଡ ପୁରୁଷ ମଣ୍ଡଳରେ ଥିବା ଦ୍ୱାଦଶପଟଳ ଭୁକ୍ତ ବାରଗୋଟି ଐଶ୍ୱର୍ଯ୍ୟ ବର୍ଣ୍ଣରେଖାର କାର୍ଯ୍ୟକାରିତା ସହଜରେ ବୋଧଗମ୍ୟ ହୋଇଥାଏ ।

*(କ୍ରମଶଃ...)*

ପ୍ରେମ ପ୍ରୀତି ପ୍ରତି ହୋଇ ବିରାଗୀ
ହୃଦୟ ଆତ୍ମାରେ ହୋ' ଅନୁରାଗୀ ।
କରମ ଫଳର ନ ହେବୁ ଭାଗୀ
ସଦା ଚଳୁଥିବୁ ଚେତନା ଜାଗି ।।

କର୍ମଧାରା କର ଲଗାଇ ମନ,
ସମୟକୁ ଜଗି ଥାଅରେ ଧନ ।
ଭାବ ଭକତି ତୋ' ହୋଇଲେ ଟାଣ
ଟାଳି ଦେଇ ଯିବୁ ସକଳ ବାଣ ।।



# କଲ୍ୟାଣ ଢାଳି ଦେଲେ

ବିଶ୍ବବକ୍ଷରେ ଅବିରତ ଅବାରିତ ବିଭୁକଲ୍ୟାଣର ଧାରା ଝରିଝରି ଯାଉଛି । ସ୍ନିଗ୍ଧଶୀତଳ କଲ୍ୟାଣ ଧାରାରେ ନିଖିଳ ଜଗତ ସତତ ଶୁଚି ସ୍ନାତ, ଶୁଚିମନ୍ତ । ପ୍ରଭୁ କଲ୍ୟାଣ ଦେବାରେ କୃପଣତା କରିନାହାନ୍ତି, କରୁନାହାନ୍ତି । ବିଶ୍ବ ବ୍ରହ୍ମାଣ୍ଡ ଏହି ଦିବ୍ୟ କଲ୍ୟାଣ ଲାଭ କରି ମଧ୍ୟ ପ୍ରଭୁଙ୍କୁ ବିସ୍ମୃତ ହୋଇଯାଇଛି । କର୍ତ୍ତାଭାବରେ ନିଜକୁ ସଜେଇ ଅଜେଇ ଦିନର ସୁଖ ସଉରରେ ନିଜକୁ ମଜେଇ ଆତ୍ମବିସ୍ମୃତ ହୋଇଯାଇଛି । କଲ୍ୟାଣ ପାଇ ମଧ ଅନୁଭବ କରି ପାରୁନାହିଁ । ନିତ୍ୟ କଲ୍ୟାଣ ସାଗରରେ ମଜ୍ଜିରହିଥିଲେ ହେଁ ଆପଣାର ସ୍ଥିତି ଓ ପ୍ରଭୁଙ୍କର ଉପସ୍ଥିତି, ନିଜ ଆତ୍ମାର ମାନ ଓ ପ୍ରଭୁଙ୍କର ଦାନ ଏବଂ ନିଜର ଗତି ଓ ମୁକ୍ତି ପ୍ରଭୁଙ୍କ ପ୍ରତି ଭକ୍ତି ତଉଲି ପାରୁନାହିଁ । ଏହାହିଁ ଠାକୁରଙ୍କର ଅନୁପମ ଅନନ୍ୟ ଲୀଳା ରହସ୍ୟ ।



ଝରି ଝରି ଯାଏ        କଲ୍ୟାଣ ଧାରା
ସିକ୍ତ କରି ଏ ଧରା
ସଭିଏଁ ଲଭନ୍ତି        ବିଭୁ କଲ୍ୟାଣ
ବିଶ୍ବବ୍ରହ୍ମାଣ୍ଡ ସାରା
କହ କିଏ ବୁଝିପାରେ ?
ସୁଖଶାନ୍ତି ପୁଣି        ଆନନ୍ଦ ଉଜାଣି
ସତେ କିଏ ପ୍ରାଣେ ଧରେ ??
ଏ ଲୀଳା ତାଙ୍କରି ସିନା,
ସାଧ ଅଛିକା'ର        ବୁଝିବ ଏ ସାର –
ତତ୍ତ୍ବ ତାଙ୍କ କୃପାବିନା !!
ହେ କୃପାଳୁ ଦେବ        କୃପାକରିଥିବ
କଲ୍ୟାଣ ଦିଅ ଯେପରି
ଚକ୍ଷୁ ଖୋଲିଦିଅ        ସତ୍ୟକୁ ଦେଖାଅ
କାଳ ବିଳୟ ନକରି ।।
ପାଦେ କରୁଛି କାକୁତି,
ତୁମ ପାଦେ ଲୟ        ଥାଉ ହୋଇ ଥୟ
ଏତିକି ଆମ ବିନତି ।।



# କଲ୍ୟାଣ ଦେଲି ତୋତେ

'ଚରମ'ରେ ଧନ ମୋର ! ଉକୁଣୀ ପସରା ।
କାଳସୂତ୍ରେ ହାରି କେବେ ନ ଭୁଲିବୁ ଧାରା ।।
ଗତଥର କହୁଥିଲି ପବନ କଲ୍ୟାଣ ।
କିପରି ସେ ବହୁଅଛି ଗତିକରି ସାଣ ।।
ସୁଗନ୍ଧରେ ମିଶି ସେହୁ ବାସ ଚହଟାଏ ।
ଦୁର୍ଗନ୍ଧର ପରଶରେ ଅସ୍ଥିର କରାଏ ।।
ଅକାରଣେ ଜୀବ ପବନର ଦୋଷ ଦେଇ ।
'ସୁ'ଗନ୍ଧ, 'ଦୁ'ର୍ଗନ୍ଧ ବାୟୁ ବୋଲି ନାମ ନେଇ ।।
ନିଜକୃତ କର୍ମ କଥା ସ୍ମରଣ ନକରେ ।
ପରିବେଶ ପରିଚ୍ଛନ୍ନ କଥା ନ ବିଚାରେ ।।
ପବନର ପଥେ ଯେଉଁ ବସ୍ତୁ ରଖାଯାଏ ।
ତାହାର ସ୍ୱରୂପ ବାୟୁ ସଙ୍ଗେ ନେଇଯାଏ ।।
କାହାରି କଥାକୁ ସେହୁ ନକରେ ଖାତର ।
ପ୍ରଭୁଙ୍କ ଆଜ୍ଞା ପାଳନ ଲକ୍ଷ୍ୟଟି ତାହାର ।।
ଯେତେବେଳେ ପ୍ରଭୁଆଜ୍ଞା ଯେଉଁପରି ପାଏ ।
ମନ୍ଥରର ଗତି ଅବା ପ୍ରଳୟ ରଚାଏ ।।
ପ୍ରଚଣ୍ଡ, ପ୍ରବଳ ଗତି ଅବା ଧୀର ବେଗ ।
ମଣ୍ଡକୁ ଆଦେଶ ଆସେ ହୋଇ ଭାଗ ଭାଗ ।।
ସ୍ରଷ୍ଟାଙ୍କ କଲ୍ୟାଣ ଆଜ୍ଞାରୂପେ ମଣ୍ଡଳରେ ।
ସୃଷ୍ଟିରେ ପ୍ରବେଶ ହୋଇ ମିଶେ ପବନରେ ।।
ବହୁଥାଏ ସଦା ଜୀବ ମଙ୍ଗଳ ଲକ୍ଷ୍ୟରେ ।
ପିଣ୍ଡ ବା ବ୍ରହ୍ମାଣ୍ଡ କିଛି ନରଖେ ବିଚାରେ ।।

ଆଉ ଏକ କଥା ବାବୁ ରଖିବୁ ମନରେ ।
ପବନର ଗତି କେବେ ପଛକୁ ନ ଫେରେ ।।
ଏକ ମୁଖୀ ହୋଇ ସଦା ବହି ଯାଉ ଥାଏ ।
ନିଜ ମଣ୍ଡଳକୁ ସଦା ସ୍ପର୍ଶ କରୁଥାଏ ।।
ଜୀବର ମରଣ କଥା ଏବେ ହେତୁ କର ।
ପ୍ରାଣବାୟୁ ଉଡିଗଲେ ପିଣ୍ଡଟି ଅସାର ।।
ପଛକୁ ଫେରି ସେ ବାୟୁ ଯଦି ବହୁଥାନ୍ତା ।
ମରଣ ପରେ ବି ଜୀବ ଜୀବନ ପାଆନ୍ତା ।।
ତୋ ମୁଖ ବଚନ ଥରେ ମିଶିଲେ ବାୟୁରେ ।
ଆସଇ କି କେବେ ଫେରି ତୋହର ମୁଖରେ ।।
ବନ୍ଧୁ, ସଖା, ପରିଜନ ଯେବେ ମରିଯାଏ ।
ପ୍ରାଣବାୟୁ ଏକମୁଖୀ ହୋଇ ଉଡିଯାଏ ।।
ମାୟା ଜବଜରେ ପଡ଼ି କେତେ ଦୁଃଖ କରୁ ।
ବିଧାତାକୁ ନିନ୍ଦି କପାଳରେ ହାତମାରୁ ।।
ଦେଖିଛୁ କି ପବନକୁ କେବେ ଫେରିବାର ? ।
କାରଣ ତା ପ୍ରଭୁ ଆଜ୍ଞା ସାର ଏକା ତାର ।।
ଏହାହିଁ ଅଟେରେ ଧନ ! 'କଲ୍ୟାଣ'ର ସୂତ୍ର ।
ସେହିଭାବେ ଅନୁଭବେ ସିକ୍ତ କର ଗାତ୍ର ।।
ତୋହର ମୂଳ ମଣ୍ଡଳ ଅଟେ ତୋର ପିତା ।
ଆଜ୍ଞାପାଳି ବାୟୁବେଗେ ସର୍ବଦା ବହୁଥା ।।
ବାୟୁର ଆଜ୍ଞାବଦ୍ଧତା ମନରେ ରହିଲେ ।
ସର୍ବକର୍ମେ ପିତାଦେଶ ସ୍ମରଣ ରଖିଲେ ।

"କଲ୍ୟାଣ" ଲଭିବୁ ଦିନେ ଅନୁଭବେ ତୋର ।
ପରମ ଆନନ୍ଦେ ମନ ହୋଇଯିବ ସ୍ଥିର ।।

**ତୋର ମଙ୍ଗଳାକାଂକ୍ଷୀ**
**ପିତା**

# କେଶବ କୈବଲ୍ୟ କଣିକା

## ❋ ❋ ❋ ❋ ଠାକୁରଙ୍କ ଶ୍ରୀମୁଖ ନିଃସୃତ ବାଣୀ ❋ ❋ ❋ ❋

୧. ନିଜର ବିବାହିତା ପତ୍ନୀର ବର୍ତ୍ତମାନ ବା ଅବର୍ତ୍ତମାନରେ ଯେଉଁ ପୁରୁଷ ପରସ୍ତ୍ରୀ ଭୋଗଲାଳସାରେ ନିମଜ୍ଜିତ, ସେ ଚଣ୍ଡାଳ, ନିର୍ଲ୍ଲଜ, କୁକର୍ମୀ ଓ ବିଧର୍ମୀ ଅଟେ । ତା'ର ସଙ୍ଗତ୍ୟାଗ ଏକାନ୍ତ କର୍ତ୍ତବ୍ୟ । ସେହି ଇନ୍ଦ୍ରିୟ ପରବଶ ବ୍ୟକ୍ତିକୁ ସମାଜ ବାଛନ୍ଦ କରିବା ଉଚିତ ।

୨. ପତି ଓ ପତ୍ନୀ ଉଭୟଙ୍କର ପରସ୍ପର ପ୍ରତି ଧୈର୍ଯ୍ୟ, ସତ୍ୟନିଷ୍ଠା ପ୍ରିୟାନୁରାଗ ଓ ପବିତ୍ରତା ହିଁ ଦାମ୍ପତ୍ୟଜୀବନର ପରାକାଷ୍ଠା । ଏପରି ଦମ୍ପତ୍ତି ବିଶ୍ୱାସନିଷ୍ଠ ହୋଇ ସୁଖମୟ ଜୀବନ ଅତିବାହିତ କରନ୍ତି ।

୩. ଯେଉଁ ପୁରୁଷ ଆପଣାର ଧର୍ମପତ୍ନୀଙ୍କର ସ୍ନେହବନ୍ଧନରେ ଆବଦ୍ଧ ଥାଇ ପରସ୍ତ୍ରୀ ସହିତ ଦୈହିକ ସଂପର୍କ ରଖି ମଧ୍ୟ ତା'ସହିତ ଆନ୍ତରିକତା ରକ୍ଷା କରିନଥାଏ, ତା'କୁ ଦକ୍ଷିଣନାୟକ କୁହାଯାଏ । ଦକ୍ଷିଣନାୟକ ନିଜସ୍ତ୍ରୀକୁ ଦେଇଥିବା ପ୍ରତିଶ୍ରୁତି ରକ୍ଷାକରିବାରେ ସର୍ବଦା ତତ୍ପରେ ଥାଏ । ଦକ୍ଷିଣ ନାୟକମାନେ ସତ୍ ଜାଗତିକ ପ୍ରେମିକଶ୍ରେଣୀ ଅନ୍ତର୍ଭୁକ୍ତ ।

୪. ରମଣୀମାନଙ୍କୁ ମୁଖ୍ୟତଃ ପଦ୍ମିନୀ, ଚିତ୍ରିଣୀ, ଶଙ୍ଖିନୀ ଏବଂ ହସ୍ତିନୀ : ଏହି ଚାରିଶ୍ରେଣୀରେ ବିଭକ୍ତ କରାଯାଇଥାଏ । ସେମାନଙ୍କ ସୌନ୍ଦର୍ଯ୍ୟ, ଶାରୀରିକ ସୌଷ୍ଠବ, ଆଚାର ଆଚରଣ, ରୁଚି ଏବଂ ଅନୁରାଗ ଭିତ୍ତିରେ ଏହି ଶ୍ରେଣୀ ବିଭାଗ କରାଯାଇଅଛି ।

୫. ପ୍ରେମିକା ଯୁବତୀମାନଙ୍କୁ ଉତ୍ତମା, ସ୍ୱାଧୀନ ଭର୍ତ୍ତୃକା, ଅଭିସାରିକା, ଉତ୍କଣ୍ଠିତା, ବିପ୍ରଲବ୍ଧା ଇତ୍ୟାଦି ଏବଂ କଳହାନ୍ତରିତା, ବାସକସଜ୍ଜାଦି ନାୟିକା ଭେଦରେ ବିଭକ୍ତ କରାଯାଇଅଛି ।

୬. ସ୍ତ୍ରୀ ହିଁ ସ୍ୱାମୀର ସଦୃଶା, ଅର୍ଦ୍ଧାଙ୍ଗୀ ଏବଂ ଅନ୍ୟ ଏକ ରୂପ ମାତ୍ର ।

୭. ଯେ କୌଣସି ବଚନ ବା ସ୍ୱୀକୃତି ଦେଇ ତାହା ଭଙ୍ଗ କଲେ, ଶପଥ ଲଂଘନ କଲେ ବା ପ୍ରତିଜ୍ଞା ପାଳନ ନ କଲେ, ଜୀବ (ସ୍ତ୍ରୀ ହେଉ ବା ପୁରୁଷ ହେଉ) ଅକୃତଜ୍ଞ ବା କୃତଘ୍ନ ବୋଲି ବିବେଚିତ ହୋଇଥାଏ । ଏଭଳି ଦୁରାତ୍ମା ଜଘନ୍ୟ ଅପକର୍ମ ଓ ପାପାଚରଣ କରିଥାଏ । ତା'କୁ ବିଶ୍ୱାସ କରିବା ନିଷେଧ ।

୮. ଚେତନଶକ୍ତି ଗଭୀରତମ ହେଲେ, ଭଲପାଇବା, ବଢ଼ିବା ଓ ଅନୁଭୂତି ଆସିବା ସଙ୍ଗେ ସଙ୍ଗେ ଜୀବ କଠୋର ସାଧନା ପଥରେ ଆଗେଇ ଯାଇପାରେ ।

୯. ମୂଳ ପିଣ୍ଡ ମୌଳିକ ରଖି ସୃଷ୍ଟି ଭାଙ୍ଗୁଛି, ଗଠିତ ବି ହେଉଛି । ତେଣୁ ଏ ସୃଷ୍ଟି ବ୍ରହ୍ମଭଳି ସବୁବେଳେ ହିଁ ନୂତନ ।

୧୦. ଏ ଘୋର କଳିର କରାଳ ମୁଖରୁ ମୁକ୍ତି ପାଇବାକୁ ହେଲେ ମନ୍ତ୍ର ମନନ, ଜପ, ଧ୍ୟାନ, ସ୍ମରଣ, ସାଷ୍ଟାଙ୍ଗ ପ୍ରଣାମ, କୃତାଞ୍ଜଳି ଅର୍ଘ୍ୟ ପ୍ରଦାନ, ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ, ସଦାଚାର ଅଭ୍ୟାସ କରିବା ଏକାନ୍ତ ଆବଶ୍ୟକ ।

୧୧. **ଜୀବ ଯେତେ ଯୋନି ଦେଇ ଅତିକ୍ରମ କରୁଛି, ତା'ଭିତରେ ସେତେପ୍ରକାର ଗୁଣ ରହିଛି । ଅଭ୍ୟାସ କର୍ମଦ୍ୱାରା କ୍ରମ ପର୍ଯ୍ୟାୟରେ ଜୀବ ଇଚ୍ଛାକଲେ, ସେହିସେହି ଭାବର ମୁଖ୍ୟଭଙ୍ଗୀକୁ ପରିବର୍ତ୍ତନ କରି ପାରିବ ଏବଂ ଅଭିନୟ ମଧ୍ୟ କରିପାରିବ ।**

୧୨. ଗୁରୁବାର, ମାସାନ୍ତ, ସଂକ୍ରାନ୍ତି, ପୂର୍ଣ୍ଣିମା, ଏକାଦଶୀ, ଅମାବାସ୍ୟା ଇତ୍ୟାଦି ତିଥି ଓ ଦିନମାନଙ୍କରେ କ୍ଷୌର ହେଲେ, ଆୟୁହାନୀ ହୋଇଥାଏ । ଗୁରୁବାର ସୂର୍ଯ୍ୟାସ୍ତ ପରେ ପୁଅ ହେଉ କି ଝିଅ ହେଉ ମୁଣ୍ଡ କୁଣ୍ଡାଇବା ଆଦୌ ଉଚିତ ନୁହେଁ ।

୧୩. ଅବ୍ୟକ୍ତରୁ ବ୍ୟକ୍ତ ହୋଇ ମାଂସର ଶରୀର ଧରି ଆସିଥିବାରୁ ଭାବ ନିଶ୍ଚିତ ଭାବରେ ତୋଳିବ । ହେଲେ ସେ ଭାବ କ୍ଷଣସ୍ଥାୟୀ ।

୧୪. ଶୃଙ୍ଗାର ୧୦୮(ଏକଶହ ଆଠ) ପ୍ରକାର । ଯଥା ପ୍ରାଣୀଜ, ଉଦ୍ଭିଦଜ ଶୃଙ୍ଗାର । ପୁଣି ୨୧(ଏକୋଇଶ) ପ୍ରକାର ମୁଖ୍ୟ ଶୃଙ୍ଗାର । ଯଥା : ଦ୍ରାକ୍ଷା, ସୁରକ୍ଷା, ପ୍ରତୀକ୍ଷା ଇତ୍ୟାଦି । ମାନସ ଶୃଙ୍ଗାରରେ ରହିଛି ଚନ୍ଦ୍ର ଓ ସୂର୍ଯ୍ୟ । ଅଦୃଶ୍ୟ ଶୃଙ୍ଗାର, ଭିତ୍ତିମୂଳକ ଶୃଙ୍ଗାର, କାଳବେଳ ଶୃଙ୍ଗାର, ବର୍ଷ ସମୟ କଳ୍ପ ଶୃଙ୍ଗାର ଆଦି ।

୧୫. ବ୍ୟକ୍ତିର ଜୀବ୍ ପ୍ରକରଣ ଦୋଷ ଏତେ ସହଜରେ କ'ଣ କଟିବ ? ନିଷ୍ଠା ଓ ଆନ୍ତରିକତାର ସହିତ କଠିନ ସାଧନା କଲେ ଯାଇ କଟିବ ।

୧୬. ଆଚରଣ ସିଦ୍ଧ ହୁଅ ବା ନହୁଅ, ଆଧାତ୍ମିକ ଶିକ୍ଷାର କିନ୍ତୁ ବିଭିନ୍ନ ସୋପାନ ରହିଛି । ଆଧାତ୍ମିକ ଶିକ୍ଷାର ସୋପାନ ଶ୍ରେଣୀ ଅତିକ୍ରମ କରି ଆଗେଇଯିବା ପାଇଁ ପ୍ରବଚନ ମାଧ୍ୟମରେ କହିଲେ, ଅନ୍ୟମାନେ ତାହା ଜାଣିବାର ସୁଯୋଗ ପାଇବେ, ଶୁଣିବେ, ବୁଝିବେ ଓ ଶିକ୍ଷା କରିପାରିବେ ।

୧୭. ସବୁ ବାକ୍‌ସିଦ୍ଧ ପ୍ରବଚକ ହୋଇ ପାରିବେ ନାହିଁ । ସେହିପରି ସବୁ ପ୍ରବଚକ ମଧ୍ୟ ବାକ୍‌ସିଦ୍ଧ ହୋଇ ନପାରନ୍ତି ।

୧୮. ସବୁ ବାକ୍‌ସିଦ୍ଧ ଓ ଆଚରଣ ସିଦ୍ଧ କ'ଣ ସତ୍‌ସଙ୍ଗ ଭାଷଣମଞ୍ଚ (ପେଣ୍ଡାଲ) ରେ କହିପାରିବେ ନା ପ୍ରବଚନ ଦେଇ ପାରିବେ ? ତେଣୁ ତତ୍ତ୍ୱ ହେଉ ବା ଲୀଳା ହେଉ ସତ୍‌ସଙ୍ଗରେ ପ୍ରବଚକମାନଙ୍କ ମୁହଁରେ ପରିବେଷଣ କରାନଗଲେ, ଅନ୍ୟ ସମସ୍ତେ ତାହା ଜାଣିବେ କିପରି ?

୧୯. ତତ୍ତ୍ୱ ପ୍ରବଚନ ଅପେକ୍ଷା ଲୀଳା ପ୍ରସଙ୍ଗ ସତ୍‌ସଙ୍ଗର ଆଧାତ୍ମପ୍ରେମୀ ଶ୍ରୋତାମାନଙ୍କର ଅଧିକ ପ୍ରିୟ ହେବାର ମୁଖ୍ୟ କାରଣ ହେଉଛି ତତ୍ତ୍ୱଜ୍ଞାନ ସହଜ ବୋଧଗମ୍ୟ ନୁହେଁ, ତେଣୁ ତାହା ଶ୍ରୋତାମାନଙ୍କୁ ଏକାଗ୍ର ବା ଗୁରୁମୁଖୀ କରି ତୋଳିପାରେ ନାହିଁ । ମାତ୍ର ଲୀଳା ପ୍ରସଙ୍ଗ ଭାବପୂର୍ଣ୍ଣ, ରସପୂର୍ଣ୍ଣ, ଭକ୍ତିପୂର୍ଣ୍ଣ ହୋଇଥିବାରୁ ତାହା ସହଜରେ ବୁଝି ହୁଏ ଓ ଶ୍ରୋତାମାନେ ଏକାଗ୍ର ଓ ଗୁରୁମୁଖୀ ହୋଇ ଏକପ୍ରକାର ସବିକଳ୍ପ ସମାଧି ସ୍ତରରେ ପହଞ୍ଚିଯାଇ ପାରନ୍ତି । ଗୁରୁଙ୍କ ଲୀଳା ଶ୍ରବଣରେ ଗୁରୁଙ୍କ ପ୍ରତି ତାଙ୍କର ଭକ୍ତି, ବିଶ୍ୱାସ ଓ ଭାବ ନିବିଡ଼ ଓ ଘନିଷ୍ଠ ହୋଇଥାଏ । ସତ୍‌ସଙ୍ଗରେ ବସିବା ସଫଳ ଓ ସାର୍ଥକ ହୁଏ ।

୨୦. ବ୍ୟକ୍ତି ଗୁରୁ ଗ୍ରହଣ କରିବା ପରେ ତାହାର ଆଚାର, ବିଚାର ଓ ଆଚରଣରେ କମନୀୟତା ଓ ସରଳତା ରହିବା ଏକାନ୍ତ ପ୍ରୟୋଜନ । ଭାଷା, ଭାବ ଓ ବ୍ୟବହାରରେ ଏ ସବୁ ନରହିଲେ, ତୁମେ ନିଶ୍ଚୟ ନାନାଦି ଅସୁବିଧାର ସମ୍ମୁଖୀନ ହେବ ହିଁ ହେବ ।

୨୧. ସମାଜର ବର୍ତ୍ତମାନ ଉପସ୍ଥିତ ପରିସ୍ଥିତିରେ ଯେ ଯେତେ ନୀରବ ରହିବ, ତା'ର ସେତେ ମଙ୍ଗଳ ହେବ ।

# ନୀଳଚକ୍ର ଚରମର ସଂକେତ

ଧାରା ଗ୍ରହଣ ପରେ

## ପୂର୍ବ ସଂଖ୍ୟାରେ ଆଲୋଚିତ ବିଷୟର ଅବଶିଷ୍ଟାଂଶ

### ରଭିକ୍ୟା ବ୍ରହ୍ମ ଗୃହ

ରଭିକ୍ୟା ବ୍ରହ୍ମ ଗୃହରେ ଥିବା ସକଳ ଯୋଗୀ ଋଷି ଆତ୍ମାଙ୍କର ସୂକ୍ଷ୍ମସତ୍ତା ସର୍ବଦା ପରମସତ୍ତାକୁ ଲୟ ଦେଇଥାଆନ୍ତି । ସେହି ସକଳ ଦିବ୍ୟାତ୍ମା ପୂର୍ଣ୍ଣତ୍ୱ ଲାଭ ଲକ୍ଷ୍ୟରେ ନାନା ପ୍ରକାର ଲୀଳା ପ୍ରକଟ କରିଥାଆନ୍ତି । ଏହି ଲୀଳା ବ୍ରହ୍ମାଣ୍ଡ ସ୍ତରରେ ବିଦ୍ୟମାନ ହୋଇ ଧରାଧାମରେ ଥିବା ବିଭିନ୍ନ ଗୁରୁପୀଠ ଗୁଡ଼ିକୁ ଅବତରି ଆସି ସୂକ୍ଷ୍ମରେ ଗୁରୁମାନଙ୍କର ମହିମା ପ୍ରକଟ କରେ । ସେମାନଙ୍କର ବିଭୂତି ପ୍ରାଣୀ ଜଗତକୁ ଦର୍ଶାଇବା ପାଇଁ ପରଂବ୍ରହ୍ମଙ୍କ ଠାରୁ ରଭିକ୍ୟା ବ୍ରହ୍ମଗୃହକୁ ଆସିଥାଏ ଓ ସେହି ପଥଦେଇ ଧରାପୃଷ୍ଠକୁ ଓହ୍ଲାଇ ଆସେ । ରଭିକ୍ୟାବ୍ରହ୍ମ ପୂର୍ଣ୍ଣିମାତିଥି (କଳା)ରେ ଅଧିକ ମହିମା ପ୍ରକଟ କରିଥାଏ । ଅବଶ୍ୟ ଏହି ମହିମା, ଗୁରୁ ଦେହରକ୍ଷା କରିବାର ପରବର୍ତ୍ତୀ କାଳରେ ଘଟିଥାଏ ।

ଧରାପୃଷ୍ଠରେ ସମସ୍ତ ହରିଡ଼ା, ବାହାଡ଼ା, ଗୁଆ ଗଛ ଉଠିବା ବା ରୋପଣ ହେବା, ବଢ଼ିବା, ବିକଶିତ ହୋଇ ଫୁଲ ଫଳାଦି ଧାରଣ କରିବାର ଆଜ୍ଞା ସୂକ୍ଷ୍ମତଃ ରଭିକ୍ୟା ବ୍ରହ୍ମଗୃହରୁ ଆସିଥାଏ । ସେହି ଆଜ୍ଞା ଓ ଆଦେଶ ଅନୁସାରେ ବୃକ୍ଷ ଗୁଡିକ ପ୍ରାପ୍ତ ବୟସ୍କ ହେବା ପର୍ଯ୍ୟନ୍ତ ଏହି କ୍ରମଗଠନ କାର୍ଯ୍ୟ ଚାଲିଥାଏ । ସତ୍ତ୍ୱ, ରଜ, ତମ ଗୁଣର ଧର୍ମ ସୂତ୍ରୀ ଅବସ୍ଥା ରଭିକ୍ୟାବ୍ରହ୍ମ ପରିବର୍ତ୍ତନ କରିଥାଏ । ପୁଷ୍ପର କ୍ରମବିକାଶ, ରଂଗ ପରିବର୍ତ୍ତନ, ଫଳବିକାଶ, ପକ୍ୱ ଅବସ୍ଥା, ପରିପକ୍ୱ ଅବସ୍ଥା ପ୍ରାପ୍ତ ହୋଇ ଝଡ଼ି ପଡ଼ିବା ପର୍ଯ୍ୟନ୍ତ ନିୟମମାନ ପର୍ଯ୍ୟାୟକ୍ରମରେ ଏହି ଗୃହର ଆଜ୍ଞାରେ ସୂକ୍ଷ୍ମସୂତ୍ରରେ ଘଟିଯାଉଥାଏ । ପିଣ୍ଡପୁରୁଷ ମଣ୍ଡଳର ଏହି ଗୃହର ଆତ୍ମା ନିମନ୍ତେ ହରିଡ଼ା ୯/୧୧/୧୪/୧୮ ବ୍ୟବହାର କରିବା ପାଇଁ ଆଦେଶ ହୁଏ । ଏହି ଆତ୍ମାଧାରୀ ବ୍ୟକ୍ତି ପ୍ରତ୍ୟେକ ପୂର୍ଣ୍ଣିମାରେ ଏହି ହରିଡ଼ା ଅଞ୍ଜଳି କରି ସୂର୍ଯ୍ୟଙ୍କୁ ଚାହିଁ ଅର୍ଘ୍ୟଦାନ ଦେଇଥାଏ । ଅର୍ଘ୍ୟମନ୍ତ୍ର ଓ ଅର୍ଘ୍ୟମୁଦ୍ରାରେ ଏହା କରିବା ପାଇଁ ନିର୍ଦ୍ଦେଶ ଦିଆଯାଏ । ଗ୍ରହ ଖଣ୍ଡନପାଇଁ ରତ୍ନ ଓ ପ୍ରବାଳର ସୃଷ୍ଟି । ଯଥାର୍ଥ କ୍ଷେତ୍ରରେ ସୃଷ୍ଟି ହୋଇଥିବା ରତ୍ନ ବା ପ୍ରବାଳ ବ୍ୟକ୍ତିର ଗ୍ରହ ଖଣ୍ଡନ ନିମନ୍ତେ ଉପଯୁକ୍ତ ନକ୍ଷତ୍ରରେ ମୂଳ ସୂତ୍ରୀ ମନ୍ତ୍ରରେ ଅଭିଷେକ କରି ସାତଥର ମନ୍ତ୍ର ଆରାଧନା କରି ବ୍ୟକ୍ତିକୁ ବ୍ୟବହାର କରାଇବା ପାଇଁ ଆଦେଶ ଥାଏ । ପୂର୍ଣ୍ଣିମା ଅର୍ଘ୍ୟ ୩ ଗୁଆ ସହିତ ଏକ ହରିଡ଼ାର ଗୁଣ ଅକ୍ଷର ଦିଆ ଯାଇଥାଏ । ବ୍ୟକ୍ତିକୁ ଏହି ଅକ୍ଷରକୁ କେବଳ ପୂର୍ଣ୍ଣିମାଦିନ ୪୫ମିନିଟ ଲୟରେ ଲକ୍ଷ୍ୟକରି ସାଷ୍ଟାଙ୍ଗ ପ୍ରଣାମ କରିବାକୁ କୁହାଯାଇଥାଏ ।

ଧରାପୃଷ୍ଠରେ ଭୋଗ ହେଉଥିବା ପ୍ରତ୍ୟେକଟି ତିଥି, ଗ୍ରହ, ନକ୍ଷତ୍ରର ସୁ ଓ କୁ ପ୍ରଭାବ ଓ ତଦ୍‌ଜନିତ କର୍ମ ଓ କାଳର ଭୋଗ ନିର୍ଣ୍ଣୟ ଅନୁଯାୟୀ ସୃଷ୍ଟିରେ ଗତି କରିଚାଲିଛି । ଏହା ବିଚାର କରି ହିସାବ କରି ନିର୍ଣ୍ଣୟ କରିବାର

ସୂତ୍ର ଅତୀବ ସୂକ୍ଷ୍ମାତି ସୂକ୍ଷ୍ମ । ଅର୍ଘ୍ୟତିଥି, ଅର୍ଘ୍ୟଫଳ, ଅର୍ଘ୍ୟଫଳର ପ୍ରକାର ଭେଦ, ଅର୍ଘ୍ୟଫଳର ସଂଖ୍ୟା, ଅର୍ଘ୍ୟ ପ୍ରଦାନ ମୁଦ୍ରା ଆଦି ପ୍ରତ୍ୟେକଙ୍କ ପାଇଁ ଜୀବ୍‌ର ପ୍ରକାର ଭେଦ ଅନୁସାରେ ଭିନ୍ନ ଭିନ୍ନ । ଏହା ସତ୍ତ୍ୱେ କେହି ନିଜକୁ ବଡ଼ ଓ ଅନ୍ୟକୁ ଛୋଟ ବା ହୀନ ମନେକରି ଘୃଣା କରିବା ବା ନିଜେ ଗର୍ବ ଅନୁଭବ କରିବାର କୌଣସି ମୂଲ୍ୟ ହିଁ ନାହିଁ । ଏହା ''ଚରମ''ର ପୂର୍ବସଂଖ୍ୟାରେ ମଧ୍ୟ ସୂଚେଇ ଦିଆଯାଇଅଛି । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର କର୍ମଫଳ ଧରି ଧରାପୃଷ୍ଠରେ କର୍ମ କରି ତାହା ଭୋଗ କରିବା ପାଇଁ ଭୂମିଷ୍ଠ ହୋଇଛନ୍ତି । ପ୍ରତ୍ୟେକଙ୍କର କର୍ମଫଳରେ ଭଲ ଓ ମନ୍ଦ ଉଭୟ ରହିଛି । କେବଳ ପରିମାଣ ଭୋଗରେ ପାର୍ଥକ୍ୟ ରହିଛି ମାତ୍ର । ଏତଦ୍‌ବ୍ୟତୀତ ଏ ଜନ୍ମର କର୍ମଧାରା, ଚିନ୍ତାଧାରା ଓ ବାକ୍ୟଧାରା, ଆଚାର ଆଚରଣର ଧାରା, ଜୀବନ ଯାପନ ଧାରା ଉପରେ ମଧ୍ୟ ଫଳଭୋଗ ବହୁଳଭାବରେ ନିର୍ଭର କରୁଅଛି । ଏ ସବୁ କର୍ମ ବିପାକରୁ ରକ୍ଷା କରି ଜୀବକୁ ଉଦ୍ଧାର ପଥରେ ଚଳାଇ ନେବା ପାଇଁ ଧର୍ମଧାରା, କର୍ମଯୋଗ ଅଭ୍ୟାସ ଓ ଅର୍ଘ୍ୟଫଳ, ତିଥି, ମନ୍ତ୍ର, ମୁଦ୍ରା, ଆଦି ଦିଆଯାଉଅଛି ।

କୌଣସି ଅର୍ଘ୍ୟ ତିଥି ଶୁଦ୍ଧ, ଅନ୍ୟ କୌଣସି ତିଥି ଅଶୁଦ୍ଧ, ଗୋଟିଏ ପ୍ରକାର ଅର୍ଘ୍ୟ ଫଳ ଶୁଦ୍ଧ, ପବିତ୍ର ଓ ପୁଣ୍ୟ, ଅନ୍ୟ କୌଣସି ଫଳ ଅଶୁଦ୍ଧ, ଅପବିତ୍ର ବା ପାପପୂର୍ଣ୍ଣ, ଗୋଟିଏ ପ୍ରକାର ତିଥି ବା ଫଳ ଅଧିକ ପୁଣ୍ୟଫଳ ଧର୍ମବଳ ଓ ଆଧାତ୍ମିକ ଉନ୍ନତି କରାଏ ଓ ଅନ୍ୟ ଗୋଟିଏ ପ୍ରକାର ତିଥି, ଫଳ ଓ ଫଳସଂଖ୍ୟା କମ୍ ଫଳ ଓ ଉନ୍ନତି କରେ, ଗୋଟିଏ ପ୍ରକାର ତିଥି ଓ ଫଳ ପାଇଥିବା ବ୍ୟକ୍ତି ଶୁଦ୍ଧାତ୍ମା, ଦିବ୍ୟାତ୍ମା ଏବଂ ଅନ୍ୟପ୍ରକାର ତିଥି, ଫଳ ଓ ସଂଖ୍ୟା ପାଇଥିବା ବ୍ୟକ୍ତି ପାପାତ୍ମା; ଏପରି ବିଚାର କରିବା କାହାରି ପକ୍ଷରେ ଶୁଭ ବା ମଙ୍ଗଳଦାୟକ ନୁହେଁ । କାରଣ ଏ ସମସ୍ତ ଅଯଥା ଓ ଅଯୌକ୍ତିକ ଆଲୋଚନାରୁ ମନ କେବଳ ବିକାରଗ୍ରସ୍ତ ହୁଏ ସିନା କୌଣସି ଶୁଭ ଫଳ ମିଳେ ନାହିଁ । ଏ ସମସ୍ତ ବିଚାର ଆମର ଅଧୀନ । ତୁମ୍ଭମାନଙ୍କ ଦ୍ୱାରା ଏପରି ବିଚାର ଆଲୋଚନା ହେବାର ଅର୍ଥ ହିଁ ଗୁରୁ ଅବମାନନା । ଗୁରୁ ଅବମାନନା କରି ଗୁର୍ବାଙ୍ଗନା ମୋହରେ ପଡ଼ି ବିନାଶ ପଥର ପଥିକ ହୁଅ ନାହିଁ । ଯାହାକୁ ଯାହା ଯେପରି ଯେତିକି ଦିଆ ଯାଇଛି, ତା'ପାଇଁ ତାହାହିଁ କଲ୍ୟାଣକର ଓ ମଙ୍ଗଳଦାୟକ । ମନରେ ଅହଂକାର ଭାବ ନଆଣି ଶୁଦ୍ଧ ଓ ପ୍ରଶାନ୍ତ ଚିତ୍ତରେ ସାତ୍ତ୍ୱିକ ଭାବରେ ତୁମେ ତୁମର କର୍ତ୍ତବ୍ୟ କର୍ମ କରି ଦାୟିତ୍ୱ ତୁଲାଇବା ସହିତ ଅଭ୍ୟାସ କର୍ମ ଯୋଗରେ ଅନୁଲିପ୍ତ ରହିବା ହିଁ ତୁମ ପାଇଁ ଶୁଭଙ୍କର ଓ କଲ୍ୟାଣକର । ସର୍ବଦା ସ୍ମରଣରଖ ପ୍ରତିଦିନ ପ୍ରତିମୁହୂର୍ତ୍ତ ଗ୍ରହନକ୍ଷତ୍ରାଦିର ଚଳନ ଓ ଚଳନଗତ ପ୍ରଭାବରୁ ଧରାପୃଷ୍ଠରେ ପ୍ରତ୍ୟେକ ବ୍ୟକ୍ତିର ଭୋଗଅନୁସାରେ ଭଲମନ୍ଦ, ଶୁଭ ଅଶୁଭ, ମଙ୍ଗଳ ଅମଙ୍ଗଳ କର୍ମ ସଂପାଦିତ ହୋଇ ତହିଁର ଫଳ ପ୍ରାପ୍ତ ହୋଇଥାଏ । ସାମାନ୍ୟ ଅବହେଳା, ଅବଜ୍ଞା, ଅନ୍ୟମନସ୍କତା, ଆଳସ୍ୟ, କାଳକ୍ଷେପଣନୀତି ଅବଲମ୍ବନ କଲେ କର୍ମବିପାକରୁ ମହାଘୋର କାଳରୂପୀ ବିପଦ ଆପଦ ଘୋଟି ଆସେ । ଅର୍ଘ୍ୟଫଳ ହିଁ ତୁମକୁ ଏଥିରୁ ରକ୍ଷା କରେ । ବିଶ୍ୱାସ କର ।

ପିଣ୍ଡପୁରୁଷର ଏହି ଗୃହରୁ ଭୂପୃଷ୍ଠକୁ ଖସିଥିବା ଆତ୍ମା ପାଇଁ ୫ଟି ହରିଦ୍ରା ସହିତ ୫ଟି ଗୁଆ ମଧ୍ୟ ଦିଆଯାଇଥାଏ । ପୁଣି ଆଠଟି ହରିଦ୍ରା ସହିତ ୬ଟି ଗୁଆର ଅର୍ଘ୍ୟଫଳ ନିର୍ଣ୍ଣୟ ମଧ୍ୟ ଅଛି । ଏସବୁ ଜାଣି କେହି ଅନ୍ୟକାହାକୁ ଉପହାସ ବା ପରିହାସ କରିବା ଆଦୌ ଉଚିତ ନୁହେଁ । ଆଠ ହରିଦ୍ରା ସହିତ ୬ଟି ଗୁଆ ଦିଆଗଲେ, ଏହି ନିର୍ଣ୍ଣୟ ଅନୁସାରେ ବ୍ରହ୍ମସୂତ୍ରୀ ଅଣାକାର ମନ୍ତ୍ର ପ୍ରଦାନ କରାଯାଏ । ଏହି ମନ୍ତ୍ର ଚଉଦ (୧୪)ଥର ମନନ କରାଯିବାର ବିଧି ବତାଇ ଦିଆଯାଏ । ସକାଳ ୫ ରୁ ୬ ବା ସଂଧ୍ୟା ୫ ରୁ ୬ ମଧ୍ୟରେ ଏହା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ । ଅର୍ଘ୍ୟଫଳ ଧାରଣ ଦ୍ୱାରା ଏହା ଧାରଣକାରୀର ଦେହ ସହିତ ସଂଯୋଗ ହେଉଥିବା କାରଣରୁ ଫଳ ଓ ଦେହର ଉଭୟ ଗୁଣଫଳ ମିଶି କର୍ମଫଳ ଶୋଧିତ ହୋଇ ଭୋଗ ପର୍ଯ୍ୟାୟରେ କ୍ରମଶଃ ଲାଘବ ହୁଏ ଓ ସୂକ୍ଷ୍ମ ସୂତ୍ରରେ ମଣ୍ଡଳ ଭୋଗ ହୋଇ ଶେଷରେ ଶୂନ୍ୟ ହୋଇଯାଏ । ତେଣୁ ନିୟମିତ ନିଷ୍ଠା ଓ ବିଶ୍ୱାସର ସହିତ ସଦାଚାର ରକ୍ଷାକରି ନୀତିନିଷ୍ଠ ହୋଇ ଅର୍ଘ୍ୟଫଳ ଧାରଣ କରିବା ପ୍ରତ୍ୟେକଙ୍କର ଅବଶ୍ୟ ପ୍ରଧାନ କର୍ତ୍ତବ୍ୟ ।

କର୍ମଫଳ ଶୂନ୍ୟ ହୋଇଯିବା ପରେ ବ୍ୟକ୍ତି ମଧ୍ୟରୁ 'କୁ' ପ୍ରଭାବ ଶୂନ୍ୟ ହୋଇଯାଇ 'ସୁ' ର ପ୍ରଭାବ ସଂଘଟିତ ହୁଏ । ମାସରେ ଥରେ ନିର୍ବାଚିତ ତିଥିରେ ଅର୍ଘ୍ୟଫଳ (କୃତାଞ୍ଜଳି) ପ୍ରଦାନ କରି ଚାଲିଲେ, ବ୍ୟକ୍ତିର ମୃତ୍ୟୁ ପର୍ଯ୍ୟନ୍ତ 'ସୁ' ପ୍ରଭାବରୁ ସୁକର୍ମଫଳ ଓ ଐଶ୍ୱର୍ଯ୍ୟପ୍ରାପ୍ତ ହୋଇ ବ୍ୟକ୍ତି ସରଳସୁନ୍ଦର ଜୀବନଯାତ୍ରା ଶାନ୍ତି ସନ୍ତୋଷ ଓ ଆନନ୍ଦରେ ନିର୍ବାହ କରିଚାଲେ । ଆଉ କୌଣସି ସମସ୍ୟା ଉପୁଜେ ନାହିଁ ।

ଅର୍ଘ୍ୟଫଳର ବ୍ୟବହାର ଯଦି ବିଧିବଦ୍ଧ ଭାବରେ ପାଳନ ନକରି ସହସା ସୁଖ ଶାନ୍ତି ଆନନ୍ଦର ପରିପକ୍ୱ ଫଳ ଆଶାକରି ସହଜସୂତ୍ରରେ ଉପାୟ ଅବଲମ୍ବନ ନକରି ଧୈର୍ଯ୍ୟ ହରାଇ ବ୍ୟସ୍ତ ବିବ୍ରତ ହେବ, କିଛିଦିନ କରି ମନମୋଟା କରି ପୁଣି ଆଦୌ ନକରିବ, ତେବେ ଧର୍ମଧାରା ଗ୍ରହଣ କରିବାର ପରିପୂର୍ଣ୍ଣ ଫଳପ୍ରାପ୍ତି ଆଦୌ ହେବ ନାହିଁ । ଏ ସକଳ ବିଧିବିଧାନ ଆସନ, ମୁଦ୍ରା, ମନ୍ତ୍ର ସହିତ ବିଧିବଦ୍ଧ ଭାବରେପାଳନ କରିବା ଏକାନ୍ତ ଆବଶ୍ୟକ । ପିଣ୍ଡପରୁଷ ମଣ୍ଡଳରୁ ପିଣ୍ଡ ଆସିଛି । ମର୍ତ୍ତ୍ୟଧାମରେ ଭୂମିଷ୍ଠ ହୋଇ ନାନା ଜ୍ୱାଳା, ଯନ୍ତ୍ରଣା, ଜଂଜାଳ, ସମସ୍ୟା, ଅଭାବ, ଅସୁବିଧା, ରୋଗ, ଶୋକ, ଦୁଃଖ, ଯାତନା, ଅଶାନ୍ତି, ବିଷାଦ ଆଦିକୁ ଧରି ନରଶରୀର ପୂର୍ବଜନ୍ମଜନ୍ମାନ୍ତରର ଫଳ ବିଚାରରେ ଗଠିତ ହୋଇଛି । ତେଣୁ, ଏ ସମସ୍ତ ତାଡ଼ନାକୁ ନିଜ ମଧ୍ୟରୁ ତଡ଼ିଦେବା ପାଇଁ ସନ୍ଦେଶ ପଥ ଓ ଗୁରୁ ଉପଦେଶ ଅନୁସାରେ ଧର୍ମଧାରା ଓ କର୍ମଯୋଗ ଅଭ୍ୟାସ ନିଷ୍ଠାପର ଓ ନିରଳସ ଭାବରେ ଭାବଭକ୍ତିର ସହିତ କରି ଚାଲିବା ଏକାନ୍ତ ବିଧେୟ । ଫଳତଃ ସୁଖଦୁଃଖ, ଶାନ୍ତି ଅଶାନ୍ତି, ଆନନ୍ଦନିରାନନ୍ଦ ନିର୍ଣ୍ଣୟ ଫଳ ସୂକ୍ଷ୍ମସୂତ୍ରୀ ପଦ୍ଧତିରେ କଟି ତୁଟି ଯାଏ, ଯିବ । ତେଣୁ ସର୍ବଦା, ସର୍ବଥା, ଯେ କୌଣସି ଅବସ୍ଥାରେ କର୍ମଧାରା ଚଳାଇ ରଖିବା ପ୍ରତ୍ୟେକଙ୍କର ପ୍ରଥମ ଓ ପ୍ରଧାନ ସାଧନା । ଏହି ସାଧନା ପଥରେ ନିର୍ବିକାର ଭାବରେ ଗତି କରି ଚାଲିଲେ ଜୀବନ ଧନ୍ୟ ହେବ, ଏହା ନକଲେ, ଜୀବନ ଯାତ୍ରା ବୃଥା ଓ ମାନବଜନ୍ମ ନିଷ୍ଫଳ ହୋଇଯିବ ।

ମନେରଖ, ସ୍ରଷ୍ଟାପୁରୁଷ ସୃଷ୍ଟିରେ ଜୀବଜଗତ ସୃଷ୍ଟିକରି ଜୀବର ଚଳନି ପାଇଁ ସୁମାର୍ଗର ପଦ୍ଧତି ଓ ବ୍ୟକ୍ତି ବିଶେଷଙ୍କ ପାଇଁ ଯଥାକାଳର ଯଥାକର୍ମଧାରା, ବିହିତ କର୍ମ, ନିଷିଦ୍ଧ କର୍ମ ସୁନିର୍ବାଚିତ ସଦାତ୍ମା ଓ ମହାତ୍ମା ମାନଙ୍କଦ୍ୱାରା ଉପଦେଶ, ଆଦେଶ, ନିର୍ଦ୍ଦେଶ ମାଧମରେ ଦିଗ୍‌ଦର୍ଶନ ଦେଇ ଚାଲିଛନ୍ତି । ମଥାପାତି ତାହା ମାନି ନିଅ ।

ବେଳ ରତରତ ସଞ୍ଜ ହୋଇବ ।
ଚୋରଘର ଠେଇଁ ରାତି ପାହିବ ।।
ବେଳହୁଁ ଜାଗ୍ରତ ହୋଇଥା'ଧନ ।
ନୋହିଲେ ଦେଖିବୁ, ଥୟତୁ ନୋହିବୁ,
ଘର ଧରିଯିବ ଆପଣା ମନ ।।

# ଆଶ୍ରମ ସନ୍ଦେଶ

ତା ୦୨.୬.୨୦୦୦ରିଖ : ଶୁକ୍ରବାର - ମୟୂରଭଞ୍ଜ ଜିଲ୍ଲାର ବୈଦ୍ୟନାଥ ଶାଖାର କେତନ ବାର୍ଷିକ ଉତ୍ସବ ଯଥାବିଧି ପାଳନ କରାଯାଇଅଛି ।

ତା୦୪.୬.୨୦୦୦ରିଖ : ରବିବାର - କାଳିଅନ୍ତ ଶାଖାର କେତନ ବାର୍ଷିକ ଉତ୍ସବ ଓ ନୂଆଗାଁ ଶାଖାର କେତନ ବାର୍ଷିକ ଉତ୍ସବ ବିଧିବିଧାନ ଅନୁସାରେ ପାଳିତ ହୋଇଯାଇଅଛି ।

ତା୦୪.୬.୨୦୦୦ରିଖ : ରବିବାର ଠାରୁ ତା ୦୭.୬.୨୦୦୦ରିଖ : ବୁଧବାର ପର୍ଯ୍ୟନ୍ତ ଚାରିଦିନବ୍ୟାପୀ ବ୍ରହ୍ମ ବିରାଟ ଶ୍ରୀପାଦୁକା ଦଧିସ୍ନାନ, ଯଜ୍ଞ, ପୂଜାର୍ଚ୍ଚନା ଓ ଉପାସନାଦି ସହିତ ସାନ୍ଧ୍ୟ ସତ୍‌ସଙ୍ଗ ଅନୁଷ୍ଠାନ କେନ୍ଦୁଝର ଜିଲ୍ଲାର ମଇଦାନ କେଲ ଶାଖା ଆନୁକୂଲ୍ୟରେ ଶ୍ରୀ ଗୁରୁସ୍ୱାମୀଙ୍କର ସ୍ଥୂଳ, ସୂକ୍ଷ୍ମ, କାରଣ ଓ ବ୍ରହ୍ମ ଉପସ୍ଥିତିରେ ମହା ଆଡ଼ମ୍ବର ଓ ସମାରୋହରେ ଶତସହସ୍ର ଗୁରୁଭାଇଭଉଣୀ ଏବଂ ଦୂରନିକଟାଗତ ଅନୁଗତ ତଥା ସତ୍‌ସଙ୍ଗପ୍ରେମୀ ଜନ ସାଧାରଣଙ୍କ ଉପସ୍ଥିତିରେ ପ୍ରତିକୂଳ ପ୍ରାକୃତିକ ପରିବେଶ ସତ୍ତ୍ୱେ ସର୍ବ ସାଫଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି ।

ତା୧୦.୬.୨୦୦୦ରିଖ : ଶନିବାର - ଗୋବିନ୍ଦପୁର (ଢ଼େଙ୍କାନାଳ) ଶାଖାର ବାର୍ଷିକ ଉତ୍ସବ ଯଥାବିଧି ପାଳନ କରାଯାଇଅଛି ।

ତା୧୩.୬.୨୦୦୦ରିଖ : ମଙ୍ଗଳବାର- ମଲ୍ଲୀପୁରା ଶାଖାର କେତନ ବାର୍ଷିକ ଉତ୍ସବ ନିରାଡ଼ମ୍ବର ପରିବେଶରେ ଯଥାବିଧି ପାଳିତ ହୋଇ ଯାଇଅଛି ।

ତା୧୬.୬.୨୦୦୦ରିଖ : ଶୁକ୍ରବାର - ଗୁରୁପାଦ ବିଜୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମୋତ୍ସବ ତଥା ବାଲେଶ୍ୱର ଶାଖାର କେତନ ବାର୍ଷିକ ଉତ୍ସବ ଯଥାବିଧି ସଂଘୀୟ ବିଧିବିଧାନ ଅନୁଯାୟୀ ପାଳନ କରାଯାଇଅଛି ।

ତା୩.୭.୨୦୦୦ରିକ : ସୋମବାର - ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।

ତା୦୮.୦୭.୨୦୦୦ରିଖ : ଶନିବାର - ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ଆଶ୍ରମର ପ୍ରଥମ ପ୍ରଧାନାଚାର୍ଯ୍ୟ ଦିବଂଗତ ଯତୀଶ ଦା'ଙ୍କ ଅନିର୍ବାଣ ଆତ୍ମାର ପ୍ରୀତ୍ୟାର୍ଥେ ବାର୍ଷିକ ଶ୍ରାଦ୍ଧ ମହୋତ୍ସବ ନିରାଡ଼ମ୍ବର ଭାବଗମ୍ଭୀର ପରିବେଶରେ ପାଳିତ ହୋଇଯାଇଅଛି ।

ତା୧୧.୭.୨୦୦୦ରିଖ : ମଙ୍ଗଳବାର- ସ୍ୱର୍ଣ୍ଣକ୍ଷେତ୍ରରେ ବାହୁଡ଼ାଯାତ୍ରା ମହା ଆଡ଼ମ୍ବରରେ ଯଥାବିଧି ଅନୁଷ୍ଠିତ ହୋଇଯାଇଅଛି ।

ତା୧୫.୮.୨୦୦୦ରିଖ : ମଙ୍ଗଳବାର- ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସ୍ୱାଧୀନତା ଦିବସ ଯଥାବିଧି ପାଳନ କରାଯାଇଅଛି ।

ତା୨୨.୮.୨୦୦୦ରିଖ : ମଙ୍ଗଳବାର- ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଆଶ୍ରମ ପରିସରରେ ବିଧିବିଧାନ ଅନୁଯାୟୀ ପାଳିତ ହୋଇଅଛି ।

ତା୦୧.୯.୨୦୦୦ରିଖ : ଶୁକ୍ରବାର - ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସିଦ୍ଧିଦାତା ଗଣଦେବତା ଶ୍ରୀ ଗଣନାଥଙ୍କ ସାମ୍ବତ୍ସରିକ ପୂଜାର୍ଚ୍ଚନା ଯଥାବିଧି ନିରାଡ଼ମ୍ବର ଭାବରେ ପାଳିତ ହୋଇଯାଇଅଛି ।

ଆମର ଲକ୍ଷ୍ୟ : ଚରମପ୍ରାପ୍ତି